୬ ବକ୍ସର ପରବିନଙ୍କୁ ସସ୍‌ପେଣ୍ଡ କଲା ୱାଡା





ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
30 YEARS
ସମ୍ବାଦ କଳିକା
TM
The Sambad Kalika
E-mail : sambadkalikanews@gmail.com
e-paper www.sambadkalika.in
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper
NS-EN ISO 9001:2008
ପୃଷ୍ଠା ମୂଲ୍ୟ : ୨.୦୦
8 Pages,₹ 2.00
● ବର୍ଷ-୩୧ ● ସଂଖ୍ୟା-୧୧୧ ● ୧୯ ମଇ ୨୦୨୪, ରବିବାର ● ଭୁବନେଶ୍ୱର ● Vol -31 ● Issue-111 ● 19th May 2024, Sunday ● Bhubaneswar
Licensed to post without pre-payment of postage No- BN-60/22-24


## ପ୍ରଚାର ଶେଷ : ୨୦ରେ ରାଜ୍ୟରେ ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ

# ଭୋଟ ଦେବେ ୭୯. ୬୯ ଲକ୍ଷ ଭୋଟର

ଭୁବନେଶ୍ୱର, ୧୮/୦୫
ନ୍ୟୁଜ ବ୍ୟୁରୋ

ଆସନ୍ତା ସୋମବାର ଅର୍ଥାତ ୨୦ ତାରିଖରେ ରାଜ୍ୟରେ ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ପାଇଁ ଶନିବାର ସନ୍ଧ୍ୟାରେ ପ୍ରଚାର ଶେଷ ହୋଇଛି। ଏହି ପର୍ଯ୍ୟାୟରେ ୫ଟି ସଂସଦୀୟ କ୍ଷେତ୍ରର ୩୫ଟି ବିଧାନସଭା ନିର୍ବାଚନ ମଣ୍ଡଳୀରେ ନିର୍ବାଚନ ଅନୁଷ୍ଠିତ ହେବ। ସମୁଦାୟ ୭୯ ଲକ୍ଷ ୬୯ ହଜାର ୮୮୭ ମତଦାତା ସେମାନଙ୍କର ମତାଧିକାର ସାବ୍ୟସ୍ତ କରିବେ। ଏଥିପାଇଁ ୯୧୬୨ଟି ମତଦାନ କେନ୍ଦ୍ର କରାଯାଇଛି। *(ପୃଷ୍ଠା ୭ରେ)*



## ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ: ୧୦୨ କମ୍ପାନୀ ସିଏପିଏଫ୍ ନିୟୋଜିତ, ଜବତ ହେଲାଣି ୨୫୪ କୋଟିର ସାମଗ୍ରୀ



ଭୁବନେଶ୍ୱର, ୧୮/୦୫
ନ୍ୟୁଜ ବ୍ୟୁରୋ

ଆସନ୍ତା ୨୦ ତାରିଖରେ ଅନୁଷ୍ଠିତ ହେବ ଦେଶର ପଞ୍ଚମ ତଥା ରାଜ୍ୟରେ ଦ୍ୱିତୀୟ ପର୍ଯ୍ୟାୟର ମତଦାନ । ଦ୍ୱିତୀୟ ପର୍ଯ୍ୟାୟରେ ବରଗଡ଼, ସୁନ୍ଦରଗଡ, ବଲାଙ୍ଗୀର, କନ୍ଧମାଳ ଓ ଆସ୍କା ଲୋକସଭା କ୍ଷେତ୍ରରେ ହେବ ମତଦାନ । ଏହି ୫ ସଂସଦୀୟ କ୍ଷେତ୍ର ଅନ୍ତର୍ଗତ ୩୫ ବିଧାନସଭା କ୍ଷେତ୍ରର ମତଦାତା ମତାଧିକାର ସାବ୍ୟସ୍ତ କରିବେ । ଶୃଙ୍ଖଳିତ ଭାବେ ନିର୍ବାଚନ ପରିଚାଳନା ପାଇଁ ୧୦୨ କମ୍ପାନୀ କେନ୍ଦ୍ରୀୟ ସୁରକ୍ଷା ବଳ ବା ସିଏପିଏଫ ନିୟୋଜିତ ହୋଇଛନ୍ତି। ଏନେଇ ସୂଚନା ଦେଇଛନ୍ତି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ନିକୁଞ୍ଜ ବିହାରୀ ଧଳ । ସେ କହିଛନ୍ତି, 'ଆସନ୍ତା ସୋମବାର ରାଜ୍ୟରେ ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ । ୫ଟି ସଂସଦୀୟ କ୍ଷେତ୍ରର ୩୫ଟି ନିର୍ବାଚନ ମଣ୍ଡଳୀରେ ନିର୍ବାଚନ ହେବ। ଏହି ୫ ସଂସଦୀୟ କ୍ଷେତ୍ର ହେଉଛି ବରଗଡ଼, ସୁନ୍ଦରଗଡ, ବଲାଙ୍ଗୀର, କନ୍ଧମାଳ ଓ ଆସ୍କା । ୫ ଲୋକସଭା କ୍ଷେତ୍ରରେ ମୋଟ ଭୋଟରଙ୍କ ସଂଖ୍ୟା ୭୯ *(ପୃଷ୍ଠା ୭ରେ)*

## ବଙ୍ଗୋପସାଗରରେ ଦାନା ବାନ୍ଧୁଛି ଲଘୁଚାପ, ନେଇପାରେ ବାତ୍ୟାର ରୂପ



ଭୁବନେଶ୍ୱର, ୧୮/୦୫
ନ୍ୟୁଜ ବ୍ୟୁରୋ

ବଙ୍ଗୋପସାଗରରେ ଦାନା ବାନ୍ଧୁଛି ଲଘୁଚାପ। ଯାହା ବାତ୍ୟାର ରୂପ ନେଇପାରେ ବୋଲି ଆକଳନ କରିଛନ୍ତି ପାଣିପାଗ ବିଶେଷଜ୍ଞ। ଶନିବାର ଦକ୍ଷିଣ ତାମିଲନାଡୁ ତଥା ସଂଲଗ୍ନ ଶ୍ରୀଲଙ୍କା ନିକଟରେ ଏକ "ଘୁର୍ଣ୍ଣିବଳୟ" ସକ୍ରିୟ ରହିଛି, ଏହା ସହିତ ମୌସୁମୀ ପ୍ରବାହ ଫଳରେ ପଶ୍ଚିମାବାୟୁ ମଧ୍ୟ ଶକ୍ତିଶାଳୀ ହେବାରେ ଲାଗିଛି। ପୂର୍ବାନୁମାନ ଅନୁଯାୟୀ ଉକ୍ତ "ଘୁର୍ଣ୍ଣିବଳୟ"ଟି ଆଗମୀ ୩-୪ ଦିନରେ ପୂର୍ବ ଦିଗକୁ ମୁହାଁଇବା ସହ ଆହୁରି ବଳ ଗୋଟାଇ ଦକ୍ଷିଣ-ପଶ୍ଚିମ ବଙ୍ଗୋପସାଗରରେ ୨୧ ତାରିଖ ବେଳକୁ ଲଘୁଚାପର ରୂପ ନେଇପାରେ। ପରବର୍ତ୍ତୀ ସମୟ ଅର୍ଥାତ ୨୨ରେ *(ପୃଷ୍ଠା ୭ରେ)*









## ଧାମନଗର ବରିଷ୍ଠ ନାଗରିକ ପରିଷଦର ନୂତନ ସଭାପତି ମନୋନୀତ

**ଧାମନଗର, ନ୍ୟୁଜ୍‌ବ୍ୟୁରୋ**

ଧାମନଗର ବରିଷ୍ଠ ନାଗରିକ ପରିଷଦର ସଭାପତି ଘଣ୍ଟେଶ୍ୱର ସାହୁଙ୍କ ଅକାଳ ବିୟୋଗ ପରେ ଏହି ପଦ ପାଇଁ ସାମ୍ବାଦିକ ଅନିଲ କୁମାର ବାରିକଙ୍କୁ ସର୍ବସମ୍ମତ କ୍ରମେ ସଭାପତି ଭାବେ ମନୋନୀତ କରାଯାଇଛି । ଏହି ଅବସରରେ ବରିଷ୍ଠ ନାଗରିକ ପରିଷଦ ସଭା ଗୃହରେ କାର୍ଯ୍ୟକାରୀ କମିଟି ଓ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା । ପରିଷଦର ଉପ ସଭାପତି ଅନିଲ କୁମାର ବାରିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାର ଉଦ୍ଦେଶ୍ୟ ଜ୍ଞାପନ ସହ ମଞ୍ଚାସୀନ ଅତିଥି ପରିଚୟ ପ୍ରଦାନ କରିଥିଲେ ସମ୍ପାଦକ ଶଚିକାନ୍ତ ପଣ୍ଡା । ପରେ ବରିଷ୍ଠ ସଭ୍ୟ ବିଦ୍ୟାଧର ରାଉତଙ୍କ ପ୍ରସ୍ତାବ ଏବଂ ଭିକାରୀ ଚରଣ ବେହେରାଙ୍କ ସମର୍ଥନ ତଥା ସର୍ବସମ୍ମତି କ୍ରମେ ଅନିଲ କୁମାର ବାରିକଙ୍କୁ ପରିଷଦର ସଭାପତି ମନୋନୀତ କରାଯାଇ ଥିଲା । ଏହି ଅବସରରେ ପରିଷଦର କାର୍ଯ୍ୟକର୍ତ୍ତା ଭାବେ ବରିଷ୍ଠ ସଭ୍ୟ ମହେଶ୍ୱର ସ୍ୱାଇଁ, ବିଦ୍ୟାଧର ରାଉତ, ରାମଚନ୍ଦ୍ର ସାହୁ, ସୁରଥ ଚନ୍ଦ୍ର ସେଠୀ, ବିଜୟ କୁମାର ଦାସ, ନରେନ୍ଦ୍ର କୁମାର ଦାସ ଓ ସେକ ଅବଦୁଲ ହାକିମ ପ୍ରମୁଖ ଉପଦେଷ୍ଟା ଭାବେ ମନୋନୀତ କରାଯାଇଥିବା ବେଳେ ରାମଚନ୍ଦ୍ର ସାହୁ ଓ ହୃଦାନନ୍ଦ କରଙ୍କୁ ସଂଗଠକ ସମ୍ପାଦକ ଦାୟିତ୍ୱ ଦିଆଯାଇ ଥିଲା । ପରେ ନରେନ୍ଦ୍ର ମଲ୍ଲିକ୍, ପ୍ରମୋଦ କୁମାର ନାୟକ, ଦଶରଥ ଦାସ, ଅଜୟ କୁମାର ମହାନ୍ତି ଓ ଅଭିମନ୍ୟୁ ମଲ୍ଲିକଙ୍କୁ ପାଞ୍ଚଟି ଜୋନର ଉପସଭାପତି ଭାବେ ଘୋଷଣା କରାଯାଇଥିବା ବେଳେ ୫ ଜଣ ମଣ୍ଡଳ ସଂଯୋଜକଙ୍କୁ ମନୋନୀତ କରାଯିବାର ପ୍ରସ୍ତାବ ଗୃହୀତ ହୋଇଥିଲା । ବରିଷ୍ଠ ନାଗରିକ ପରିଷଦର କାର୍ଯ୍ୟକାରୀ କମିଟି ପକ୍ଷରୁ ନୂତନ ସଭାପତି ଶ୍ରୀ ବାରିକଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ଶୁଭେଚ୍ଛା ଜ୍ଞାପନ କରାଯାଇ ଥିଲା । ଶେଷରେ ବରିଷ୍ଠ ସଭ୍ୟ ପ୍ରହଲ୍ଲାଦ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

## ଅଲଣାପଦା ଗ୍ରାମକୁ ସବୁ ଦିନିଆ ରାସ୍ତା ନିର୍ମାଣ ପାଇଁ ଦାବି

**କେନ୍ଦୁଝର, ନ୍ୟୁଜ୍**



ସରକାରଙ୍କ ତରଫରୁ ପ୍ରତ୍ୟେକ ଗ୍ରାମ ଓ ପଡ଼ାକୁ ସୁନ୍ଦର ସବୁଦିନିଆ ତଥା ଓସାରିଆ ରାସ୍ତା ନିର୍ମାଣ କରାଯାଉଥିବା ବେଳେ ନରଣପୁର ପଞ୍ଚାୟତ ଅନ୍ତର୍ଗତ ଅଲଣାପଦା ଗ୍ରାମକୁ ଯାଉଥିବା ରାସ୍ତାର ଅବସ୍ଥା ଅତି ମାତ୍ରାରେ ଶୋଚନୀୟ ହୋଇ ପଡ଼ିଛି । ସ୍ୱାଧୀନତାର ୭୬ ବର୍ଷ ପରେ ମଧ ଗ୍ରାମବାସୀ ଭଲ ରାସ୍ତା ଖଣ୍ଡିଏ ଦେବା ସ୍ୱପ୍ନ ପାଲଟିଛି । ବାରମ୍ବାର ପଞ୍ଚାୟତରୁ ବ୍ଲକ୍ ଧାଇଁ ଧାଇଁ ଥକି ଗଲେଣି ତାଙ୍କ କଥା କେହି ଶୁଣୁ ନାହାନ୍ତି ବୋଲି କ୍ଷୋଭର ସହ ପ୍ରକାଶ କରିଛନ୍ତି ଗ୍ରାମବାସୀ । ଏପରିକି ଅନେକ ଥର କେନ୍ଦୁଝର ଜିଲାପାଳଙ୍କ ଜନ ଶୁଣାଣି ରେ ଅଭିଯୋଗ କରିଛନ୍ତି, ହେଲେବି ଆଜିଯାଏ କିଛି ଲାଭ ମିଳିଲା ନାହିଁ । ଏହି ଗ୍ରାମରେ ଅନେକ ଲୋକ ରହିଥିବା ବେଳେ ଗ୍ରାମକୁ ଯିବା ଆସିବା ପାଇଁ ଥିବା ରାସ୍ତା ମରଣ ଯନ୍ତା ପାଲଟିଛି । ହଳଦିଆ ଟାଙ୍ଗିରୀ ଠାରୁ ଅଲଣାପଦା ରାସ୍ତା ଖାଲ ଖମାରେ ଭର୍ତ୍ତି । ଲୋକେ ନିଜେ ନିଜେ ଶ୍ରମଦାନ କରି ଏହି ରାସ୍ତାରେ ଇଟା ପଥର ପକାଇ ଖାଲ ଖମା ବହାରୁଛନ୍ତି । ହେଲେ ଏହି ରାସ୍ତାରେ ଟ୍ରାକ୍ଟର, ଟ୍ରକ, ଡ଼ମ୍ପର ଚଳାଚଳ କରି ରାସ୍ତାକୁ ନଷ୍ଟ କରି ଦେଉଛି । ଏହି ଗ୍ରାମକୁ ବହୁଦିନ ପୂର୍ବରୁ ରାସ୍ତା ହୋଇଥିଲେ ମଧ ନରଣପୁର ଗ୍ରାମପଞ୍ଚାୟତର ବୈମାତୃକ ଭାବ ପୋଷଣ ପାଇଁ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ହଳଦିଆ ଟାଙ୍ଗିରିରୁ ଅଲଣାପଦା ରାସ୍ତା ଉପରେ ଗାତ୍ତ ସୃଷ୍ଟି ହୋଇ ଥିବାରୁ ଅନେକ ସମୟରେ ରାସ୍ତା ଦୁର୍ଘଟଣାମାନ ଘଟୁଛି । ଏହି ରାସ୍ତା ଦେଇ ସ୍କୁଲ ପିଲାମାନେ ସ୍କୁଲ ଯିବା ସମୟରେ ଖରାପ ରାସ୍ତାରେ ସନ୍ତୁଳନ ହରାଇ ରାସ୍ତା ତଳକୁ ଖସି ପଡୁଛନ୍ତି । ସନ୍ଧ୍ୟା ପରେ ଅସାମାଜିକ ଲୋକେ ଏହି ରାସ୍ତାରେ ଗାଡ଼ିର ନିଶାପାନର ଆସର ଜମାଉଥିବା ଦେଖିବାକୁ ମିଳୁଛି । ପ୍ରଧାନମନ୍ତ୍ରୀ ସଡ଼କ ଯୋଜନା ମାଧମରେ ପ୍ରତ୍ୟେକ ଗ୍ରାମକୁ ଉଚ୍ଚ ମାନର ସଡ଼କ ନିର୍ମାଣ କରିବା ପାଇଁ ବ୍ୟବସ୍ଥା ଥିବା ବେଳେ ଜାଣିଶୁଣି, ଏହି ଗ୍ରାମକୁ ଅବହେଳା କରାଯାଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ତୁରନ୍ତ ଏହି ରାସ୍ତାକୁ ସବୁଦିନିଆ କଂକ୍ରିଟ ରାସ୍ତା କରିବାକୁ ଲୋକେ ଦାବି ଜଣାଇଛନ୍ତି । ଏଥର ରାସ୍ତା ନିର୍ମାଣ ନହେଲେ ଭୋଟ୍ ମାଗିବାକୁ ଆସୁଥିବା ନେତାଙ୍କୁ ଗ୍ରାମ ଭିତରକୁ ପୂରାଇ ଦେବେ ନାହିଁ ବୋଲି ଗ୍ରାମବାସୀ ନିଷ୍ପତ୍ତି ନେଇଛନ୍ତି ।

## ପାନୀୟ ଜଳ ସମସ୍ୟା : ସରପଞ୍ଚଙ୍କୁ ଘେରିଲେ ମହିଳା

**ବୌଦ୍ଧ, ନ୍ୟୁଜ୍‌ବ୍ୟୁରୋ**

ବୌଦ୍ଧ ବ୍ଲକ୍ ବାଉଁଶୁଣୀ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ଠାରେ ଥାନାପଡା ଅଞ୍ଚଳରେ ପାନୀୟ ଜଳ ସମସ୍ୟା ନେଇ ପଞ୍ଚାୟତ କାର୍ଯ୍ୟାଳୟ ଠାରେ ସରପଞ୍ଚଙ୍କୁ ଘେରିଲେ ମହିଳା । ମିଳିଥିବା ସୂଚନା ଅନୁଯାୟୀ ଥାନାପଡ଼ା ଅଞ୍ଚଳରେ ଦୀର୍ଘ ବର୍ଷ ହେଲା ଗ୍ରୀଷ୍ମ ଋତୁ ସମୟରେ ପାନୀୟ ଜଳ ସମସ୍ୟା ହେଉଥିବା ଅଭିଯୋଗ ହୋଇଛି । ବାରମ୍ବାର ଦାବି ପରେ କୌଣସି ସୁଫଳ ନମିଳିବାରୁ ବାଉଁଶୁଣି ସରପଞ୍ଚଙ୍କୁ ପଞ୍ଚାୟତ କାର୍ଯ୍ୟାଳୟ ଠାରେ ମହିଳାମାନେ ଘେରିବା ସହ ମେଗା ପାନୀୟ ଜଳ ପ୍ରକଳ୍ପରୁ ଜଳ ଯୋଗାଇ ଦେବାକୁ ଦାବି କରିଥିଲେ । ପାନୀୟଜଳ ତୁରନ୍ତ ଯୋଗାଇ ଦିଆନଗଲେ ଆଗାମୀ ଦିନରେ ରାଜରାସ୍ତାକୁ ଓହ୍ଲାଇବା ସହ ଭୋଟ୍ ବର୍ଜନ କରିବା ପାଇଁ ମହିଳାମାନେ ଚେତାବନୀ ଦେଇଥିବା ଜଣାପଡ଼ିଛି ।



## କୃଷକ ବିକାଶ ସମବାୟ ସମିତିର ବାର୍ଷିକ ଚାଷୀ ସମାବେଶ

**କେନ୍ଦ୍ରାପଡ଼ା, ନ୍ୟୁଜ୍‌ବ୍ୟୁରୋ**



କେନ୍ଦ୍ରାପଡ଼ାର ଅଗ୍ରଣୀ ଚାଷୀ ଅନୁଷ୍ଠାନ ଭାବେ ପରିଚିତ କୃଷକ ବିକାଶ ସମବାୟ ସମିତିର ଏକ ବିଶାଳ ଚାଷୀ ସମାବେଶ ଗୋପ ଠାରେ ଅନୁଷ୍ଠିତ ହୋଇ ଯାଇଛି । କୃଷକ ସମବାୟ ସମିତିର ସଭାପତି ସମବାୟବିତ୍ ପ୍ରମୋଦ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପ୍ରତିଷ୍ଠାତା ସଭାପତି ଭାରତୀୟ ଜଳବାୟୁ କଂଗ୍ରେସର ଡ଼ଃ ସଂଜୟ ସାମନ୍ତରାୟ, ମୁଖ୍ୟବକ୍ତା ଭାବେ ଉଦ୍ଭିଦ ରୋଗ ନିଦାନ ବିଶେଷଜ୍ଞ ପ୍ରଫେସର ଡ଼ଃ ଆଦିତ୍ୟ କୁମାର ପାତ୍ର, ସମ୍ମାନିତ ଅତିଥି ଭାବେ ଅବସର ପ୍ରାପ୍ତ ଯୁଗ୍ମ ନିର୍ଦ୍ଦେଶକ କୃଷି ବିଭାଗର ଗୁରୁ ପ୍ରସାଦ ତ୍ରିପାଠୀ, ଗୋପସେବିକା ଅଧ୍ୟାପିକା ଡ଼ଃ ନିରୁପମା ରାଉତ, ଏରିଆ ମ୍ୟାନେଜର ଇଫକୋ (ଯାଜପୁର) ଅରୁଣ କୁମାର ବେହେରା, ସମ୍ମାନିତ ବକ୍ତାଭାବେ ଭାଗିରଥୀ ବିଶ୍ୱାଳ, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ର ବିଶେଷଜ୍ଞ ଡାକ୍ତର ସୌମ୍ୟ ରନ ଦାଶ ପ୍ରମୁଖ ଯୋଗ ଦେଇ କୃଷକ ବିକାଶ ଓ ଚାଷୀର ଉନ୍ନତି ପଇଁ ପରାମର୍ଶ ପ୍ରଦାନ କରିଥିଲେ । ଚାଷର ଉନ୍ନତି ଏବଂ ଆଧୁନିକରଣ ଚାଷ ପାଇଁ କୃଷକ ବିକାଶ ସମବାୟ ସମିତି ସର୍ବଦା ଚାଷୀ ମାନଙ୍କ ସହଯୋଗ କରୁଥିବା ସଭାପତି ଶ୍ରୀ ସାହୁ ପ୍ରକାଶ କରିଥିଲେ । କେନ୍ଦ୍ରାପଡା, ଜଗତସିଂହପୁର ଓ ଯାଜପୁର ଜିଲ୍ଲାର ବହୁ ଚାଷୀ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ଏହି ଅବସର ରେ ୩ଟି ଜିଲ୍ଲାର ଚାଷୀ, କୃଷି ସମବାୟ ସମିତିର ସଂପାଦକଙ୍କୁ ମାନପତ୍ର, ଉତ୍ତରୀୟ, ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇ ଥିଲା । କାର୍ଯ୍ୟକ୍ରମ ରେ ବରିଷ୍ଠ ସମାଜ ସେବିକା ଦ୍ରୌପଦୀ ନାୟକ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅନୁଷ୍ଠାନର ସଂପାଦକ ଅରବିନ୍ଦ ସାହୁ ବାର୍ଷିକ ବିବରଣୀ ପାଠ କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ ।

## ନବରଙ୍ଗପୁରରେ ୮୦.୨୨% ମତଦାନ

**ନବରଙ୍ଗପୁର, ନ୍ୟୁଜ୍‌ବ୍ୟୁରୋ**

ଝରିଗାଁ ବିଧାନସଭା ନିର୍ବାଚନ ମଣ୍ଡଳୀରେ ଭୋଟର ସଂଖ୍ୟା ୨୧୭୧୦୭ ମଧ୍ୟରୁ ୮୪.୨୨% ମତଦାନ ହୋଇଛି । ଉମରକୋଟ ନିର୍ବାଚନ ମଣ୍ଡଳୀରେ ୧୯୬୫୭୩ ଭୋଟର ମଧ୍ୟରୁ ୮୩.୦୫ ପ୍ରତିଶତ ମତଦାନ ହୋଇଛି । ଡାବୁଗାଁ ନିର୍ବାଚନ ମଣ୍ଡଳୀରେ ୨୦୪୯୦୯ ଭୋଟର ରହିଥିବା ବେଳେ ସେଥିମଧ୍ୟରୁ ୮୫.୨ ପ୍ରତିଶତ ମତଦାନ ହୋଇଛି । ନବରଙ୍ଗପୁର ନିର୍ବାଚନ ମଣ୍ଡଳୀରେ ୨୩୪୦୮୧ ଭୋଟର ରହିଛନ୍ତି, ସେଥି ମଧ୍ୟରୁ ୮୫.୬୧% ମତଦାନ ହୋଇଛି । କୋଟପାଡ଼ ନିର୍ବାଚନ ମଣ୍ଡଳୀରେ ୨୦୮୯୨୬ ଭୋଟର ରହିଛନ୍ତି, ସେଥି ମଧ୍ୟରୁ ୮୩.୯୨% ମତଦାନ ହୋଇଛି । ଚିତ୍ରକୋଣ୍ଡା ନିର୍ବାଚନ ମଣ୍ଡଳୀରେ ୨୦୫୫୪୬ ଭୋଟର ରହିଥିବା ବେଳେ ସେଥିମଧ୍ୟରୁ ୭୪.୮୧% ମତଦାନ ହୋଇଛି ।

## ଛତିଶଗଡ଼ ବିଧାୟକ ପୁରନ୍ଦର ମିଶ୍ରଙ୍କର ଘମାଘୋଟ ନିର୍ବାଚନ ପ୍ରଚାର

**ରାୟପୁର/ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ଛତିଶଗଡ଼ ପ୍ରଦେଶର ସମଗ୍ର ଓଡ଼ିଆ ସମାଜର ଅଧ୍ୟକ୍ଷ ତଥା ରାୟପୁର ନଗର ଉତ୍ତରର ବିଧାୟକ ପୁରନ୍ଦର ମିଶ୍ର ଓଡ଼ିଶାରେ ଭାରତୀୟ ଜନତା ପାର୍ଟି ପାଇଁ ଘମାଘୋଟ ନିର୍ବାଚନ ପ୍ରଚାର କରୁଥିବା ଜଣାଯାଇଛି । ଶ୍ରୀ ମିଶ୍ର ନିକଟରେ ଛତିଶଗଡ଼ର ମୁଖ୍ୟମନ୍ତ୍ରୀ ବିଷ୍ଣୁଦେ ସାୟଙ୍କ ସହିତ ରାୟପୁରରୁ ହେଲିକ୍ୟାପ୍ଟର ଯୋଗେ ଆସି କୋରାପୁଟର ଲକ୍ଷ୍ମୀପୁରଠାରେ ଏକ ବିଶାଳ ବିଜୟ ସଂକଳ୍ପ ଜନସଭାକୁ ସମ୍ବୋଧନ କରିଥିଲେ । ଶ୍ରୀ ମିଶ୍ର ତାଙ୍କର ଭାଷଣରେ ରାଜ୍ୟବାସୀଙ୍କୁ ବିପୁଳ ମାତ୍ରାରେ ବିଜେପିକୁ ଭୋଟ ଦେବା ପାଇଁ ନିବେଦନ କରିଥିଲେ । ଓଡ଼ିଶାରେ ଦୀର୍ଘ ୨୪ ବର୍ଷ ହେଲା ଶାସନ କରୁଥିବା ନବୀନ ପଟ୍ଟନାୟକ ଓଡ଼ିଆ ଜାଣିନଥିବା ଓଡ଼ିଶାର ସଂସ୍କୃତି, ଐତିହ୍ୟ ଏବଂ ପରମ୍ପରା ସହିତ ପରିଚିତ ନଥିବା ଶ୍ରୀ ମିଶ୍ର ଜଣାଇଥିଲେ । ଓଡ଼ିଶାର ସ୍ୱାଭିମାନ ଓ ଅସ୍ମିତାର ଟେକ ରଖିବା ପାଇଁ ଓଡ଼ିଆ ବିରୋଧୀ ବିଜୁ ଜନତା ଦଳ ସରକାରକୁ ଗାଦିଚ୍ୟୁତ କରିବା ପାଇଁ ସେ ଆହ୍ୱାନ ଜଣାଇଥିଲେ । ଓଡ଼ିଆ ଜନସାଧାରଣ, ଅଫିସର, ଆଦିବାସୀ, ଚାଷୀ, ଯୁବକ, ମାଆ, ଭଉଣୀ ଏବଂ ଗରିବ ଗୁରୁବାଙ୍କୁ ଘୃଣା ଦୃଷ୍ଟିରେ ଦେଖୁଥିବା ନବୀନ ସରକାରକୁ ହଟାଇ ବିଜେପିକୁ କ୍ଷମତାସୀନ କଲେ ରାଜ୍ୟର ବ୍ୟାପକ ବିକାଶ ସମ୍ଭବପର ହୋଇପାରିବ ବୋଲି ଶ୍ରୀ ମିଶ୍ର ଦମ୍ଭ ପ୍ରକାଶ କରିଥିଲେ । ଛତିଶଗଡ଼ରେ କଂଗ୍ରେସ ସରକାରର ପତନ ଦ୍ୱାରା ସେଠାରେ ଯେଉଁ ପରିବର୍ତ୍ତନର ବାତାବରଣ ସୃଷ୍ଟି ହୋଇଛି ତାହା ଓଡ଼ିଶାରେ ମଧ ପ୍ରତିଧ୍ୱନିତ ହେଉଥିବା ସେ କହିଥିଲେ । ଛତିଶଗଡ଼ରେ ବିଜେପି ସରକାର ଗଠନ ପରେ ରାଜ୍ୟ ସମୃଦ୍ଧି ପଥରେ ଆଗେଇ ଚାଲିଥିବା ବେଳେ ଓଡ଼ିଶାରେ ମଧ ପଦ୍ମ ଫୁଟିଲେ, ମା' ଲକ୍ଷ୍ମୀଙ୍କର ଆଶୀର୍ବାଦରେ ରାଜ୍ୟ ଧନଧାନ୍ୟ ଭଣ୍ଡାରରେ ପୁରି ଉଠିବ ବୋଲି ପୁରନ୍ଦର ମିଶ୍ର ପ୍ରକାଶ କରିଥିଲେ । ଛତିଶଗଡ଼ ପରି ଓଡ଼ିଶାର ଚାଷୀମାନଙ୍କୁ ଧାନ କୁଇଣ୍ଟାଲ ପିଛା ୩୧୦୦ ଟଙ୍କା ଦେବା ସହିତ ସୁଭଦ୍ରା ଯୋଜନାରେ ମହିଳାମାନଙ୍କୁ ବର୍ଷକୁ ୫୦ ହଜାର ଟଙ୍କା ଯୋଗାଇ ଦେବାକୁ ଶ୍ରୀ ମିଶ୍ର ଘୋଷଣା କରିଥିଲେ ।

## କେନ୍ଦ୍ରାପଡ଼ାରେ କଂଗ୍ରେସର କର୍ମୀ ସମ୍ମିଳନୀ



**କେନ୍ଦ୍ରାପଡ଼ା, ନ୍ୟୁଜ୍‌ବ୍ୟୁରୋ**

ନିର୍ବାଚନ ପାଖେଇ ଆସୁଥିବା ବେଳେ ବିଭିନ୍ନ ସ୍ଥାନରେ ଦଳୀୟ ବୈଠକ ଓ ମିଶ୍ରଣ ପର୍ବ ଚାଲୁ ରହିଛି । ଆଖୁଆ ଦକ୍ଷିଣୀ ଠାରେ କଂଗ୍ରେସର କର୍ମୀ ସମ୍ମିଳନୀ ପ୍ରତାପ ଚନ୍ଦ୍ର ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇ ଯାଇଛି । କେନ୍ଦ୍ରାପଡ଼ା ଜିଲ୍ଲା କିଷାନ କଂଗ୍ରେସର ସଭାପତି ସଂଜୀବ ରାଉତ ଏଥିରେ ଅଂଶ ଗ୍ରହଣ କରି କଂଗ୍ରେସ ସଂଗଠନକୁ କିପରି ଦୃଢ କରାଯାଇ ମହାକାଳପଡ଼ା ନିର୍ବାଚନ ମଣ୍ଡଳୀ ଓ ଅନ୍ୟ ନିର୍ବାଚନ ମଣ୍ଡଳୀ ଗୁଡିକରେ କଂଗ୍ରେସ ପ୍ରାର୍ଥୀ ଓ ମହାକାଳପଡ଼ା ନିର୍ବାଚନ ମଣ୍ଡଳୀର ପ୍ରାର୍ଥୀ ଲୋକନାଥ ମହାରଥୀଙ୍କୁ କିପରି ବିଜୟ କରାଯିବ ସେ ବିଷୟରେ ଆଲୋକପାତ କରିଥିଲେ । ଉକ୍ତ ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ପ୍ରଶାନ୍ତ କୁମାର ନାୟକ, ନୃସିଂହ ନାୟକ, ଯଦୁମଣି ରାଉତ, ଦିବାକର ବାରିକ, ନଟବର ପରିଡ଼ା ପ୍ରଭୃତିଙ୍କ ସମେତ ଅନିରୁଦ୍ଧ ଦାସ ପ୍ରମୁଖଙ୍କ ସମେତ ଶତାଧିକ କଂଗ୍ରେସ କର୍ମୀ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ ।

## ମଣ୍ଡୁଆର ବଡ଼ଡେରା ଗ୍ରାମରେ ଚବିଶପ୍ରହରୀ ନାମ ସଂକୀର୍ତ୍ତନ

**କେନ୍ଦୁଝର, ନ୍ୟୁଜ୍**



ମଣ୍ଡୁଆ ପଞ୍ଚାୟତ ଅନ୍ତର୍ଗତ ବଡ଼ଡ଼େରା ଗ୍ରାମର କୀର୍ତ୍ତନମଣ୍ଡଳୀ ଆନୁକୂଲ୍ୟରେ ଡଡେରା ଗ୍ରାମ କୀର୍ତ୍ତନ ମଣ୍ଡପରେ ଚବିଶପ୍ରହରି ଓ ନାମ ସଂକୀର୍ତ୍ତନ ପବିତ୍ର ଅକ୍ଷୟ ତୃତୀୟାରୁ ଆରମ୍ଭ କରାଯାଇଛି । ଏହି ନାମ ସଂକୀର୍ତ୍ତନ ପାଇଁ ଅରଡେଇ ନଦୀରୁ ସୂର୍ଯ୍ୟପୂଜା, ବରୁଣପୂଜା ଓ ବ୍ରହ୍ମାବରଣ ପରେ ଗ୍ରାମର ଶତାଧିକ ମହିଳା ଓ ପୁରୁଷ ଧାଡ଼ିକରି କଳସ ଶୋଭା-ଯାତ୍ରାରେ ଆସି ବଡଡେରା କୀର୍ତ୍ତନ ମଣ୍ଡପରେ ପହଞ୍ଚି ଅଧିବାସ କାର୍ଯ୍ୟ ସମ୍ପର୍ଣ୍ଣ କରିଥିଲେ । ଶନିବାର ସକାଳୁ ନାମ ସଂକୀର୍ତ୍ତନ ଆରମ୍ଭ କରାଯାଇଥିଲା । ଏହି ନାମ ସଂକୀର୍ତ୍ତନ ଓ ନାମ ଯଜ୍ଞରେ ବାରିପଦାର ବାଲିଡିହା କୀର୍ତ୍ତନ ମଣ୍ଡଳୀ, ମୟୂରଭଞ୍ଜର ପଡିଆବେଡା କୀର୍ତ୍ତନ ମଣ୍ଡଳୀ, ଗୁଟିସାହି କାଶିଆବେଡା କୀର୍ତ୍ତନମଣ୍ଡଳୀ, କେନ୍ଦୁଝରର ବିଲା (ମୁକ୍ତାପୁର) କୀର୍ତ୍ତନମଣ୍ଡଳୀ ନିଜ ନିଜର ନାମ ସଂକୀର୍ତ୍ତନ ଓ କୀର୍ତ୍ତନ ପ୍ରଦର୍ଶନ କରିଥିଲେ । ଶହ ଶହ ସଂଖ୍ୟାରେ ଭକ୍ତ ଏହି କୀର୍ତ୍ତନମଣ୍ଡଳୀଙ୍କର ନାମସଂକୀର୍ତ୍ତନ ଓ ନୃତ୍ୟ ମାଧୁର୍ଯ୍ୟକୁ ମନ ଭରି ଉପଭୋଗ କରିଥିଲେ । କୀର୍ତ୍ତନ ମଣ୍ଡଳୀଙ୍କ ଦ୍ୱାରା ହରେକୃଷ୍ଣ ହରେରାମ ନାମ ସଂକୀର୍ତ୍ତନ ଚତୁର୍ଦ୍ଦିଗ ପ୍ରକମ୍ପିତ ହେଉଥିଲା । ସମସ୍ତ ଭକ୍ତମଣ୍ଡଳୀ ଓ ଗ୍ରାମବାସୀ ନାମ ସଂକୀର୍ତ୍ତନକୁ ଭକ୍ତିଭାବର ସହ ଉପଭୋଗ କରୁଥିବା ଦେବାକୁ ମିଳିଥିଲା । ଏହି କାର୍ଯ୍ୟକ୍ରମକୁ ଦଡେରା ଗ୍ରାମ କୀର୍ତ୍ତନ ମଣ୍ଡଳୀର ବରିଷ୍ଠ ସଦସ୍ୟ ରାଜୁ ନାଏକ, ଡିବା ନାଏକ, ଚତୁର୍ଭୁଜ ନାଏକ, କୃପାସିନ୍ଧୁ ପୃଷ୍ଟି, ମଙ୍ଗୁଲୁ ନାଏକ ପ୍ରମୁଖ ଚବିଶପ୍ରହରୀ ନାମଯଜ୍ଞ ସଂକୀର୍ତ୍ତନର ପରିଚାଳନା କରୁଛନ୍ତି ।

## ରାସ୍ତା ନିର୍ମାଣରେ ବିଳମ୍ବ ନେଇ ଅସନ୍ତୋଷ ବଢୁଛି

**କେନ୍ଦୁଝର, ନ୍ୟୁଜ୍**



କେନ୍ଦୁଝର ସହର ଦେଇ ଯାଇଥିବା ଜାତୀୟ ରାଜପଥ ୪୯ ଶଙ୍କରପୁର ଯାଉଥିବା ଘୁଟୁରୁ ରେଡ଼ିଓ ଷ୍ଟେସନ ନିକଟରେ ରାସ୍ତାରେ ହେଉଥିବା କାମ ଦୀର୍ଘ ୯ ମାସ ପୁରିଲାଣି । ହେଲେ ଏପର୍ଯ୍ୟନ୍ତ ସାରିବାତ ଦୂରର କଥା ଅଧାବି ସମ୍ପୂର୍ଣ୍ଣ ହେବାର ନାଁ ଧରୁନାହିଁ । ଏହି ରାସ୍ତାରେ ବର୍ଷାଜଳ ଯିବା ପାଇଁ ମୁଖ୍ୟ ରାସ୍ତାର ଅଧାଭାଗକୁ ଖୋଳି ପ୍ରାୟ ୧୫ ଫୁଟ୍ ଓସାରର ଖାଲ ସୃଷ୍ଟି କରା ଯାଇଥିଲା, ଯାହା କାର୍ଯ୍ୟ କରୁଥିବା ଠିକାଦାରଙ୍କ କାମ କରିବାର ବିଳମ୍ବତା । ସମ୍ପୂର୍ଣ୍ଣ ହେବାରେ ଅନିଶ୍ଚିତତା ଭଳି ମନେ ହେଉଛି । ନିୟମ ଅନୁଯାୟୀ ରାସ୍ତା ନିର୍ମାଣ ପାଇଁ କୌଣସି ଗ୍ଲୋ ସାଇନବୋର୍ଡ ବା ସତର୍କତାର ସୂଚନା ଫଳକ ନଥାଇ କିପରି ୯ ମାସରୁ ଉର୍ଦ୍ଧ୍ୱ ସମୟ ଧରି ଶେଷ କରାଯାଉନାହିଁ ତାହା ସାଧାରଣ ଲୋକଙ୍କ ଭିତରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି । ଏପରିକି ଏଠାରେ କାର୍ଯ୍ୟାଦେଶର ବିବରଣୀ ବା ସୂଚନା ଫଳକ ନାହିଁ ଏଠାରେ କିଛି ବାଉଁଶ ପୋତାଯାଇ କେବଳ ବାଣୀ ବାନ୍ଧି ରଖାଯାଇଛି, ଯାହା ସହଜରେ ଗାଡ଼ି ଚଳକଙ୍କୁ ଦୃଷ୍ଟିକୁ ଜଣାପଡୁ ନାହିଁ । ପ୍ରତିଦିନ ଏହି ରାସ୍ତାରେ ହଜାର ହଜାର ଯାତ୍ରୀଙ୍କ ସହ ସ୍କୁଲ କଲେଜ ପିଲା ଯିବା ଆସିବା କରୁଛନ୍ତି । ଏହି ରାସ୍ତା କାମ କରୁଥିବା ବିଳମ୍ବ ହେବାରୁ ଅପର ପକ୍ଷେ ମାଟି ସହ ପିଚୁ ଧସି ଗଲାଣି ବିରାଟ ଗର୍ତ୍ତ ସୃଷ୍ଟି ହୋଇଛି । କିନ୍ତୁ ଏହି ରାସ୍ତା ସମ୍ପୂର୍ଣ୍ଣ କରିବା ପାଇଁ କାହାର ତତ୍ପରତା ପ୍ରକାଶ ପାଉନାହିଁ । କେନ୍ଦୁଝରରେ ପ୍ରତିଦିନ ଦୁର୍ଘଟଣା ଘଟି ଜନ ଜୀବନ ହାନି ଘଟୁଥିବା ବେଳେ ଏହି ବ୍ୟସ୍ତ ବହୁଳ ରାସ୍ତାରେ ଯେ ଦୁର୍ଘଟଣା ନ ଘଟିବ ଏକଥା କିଏ ବା କହି ପାରିବ । ଏ ବିଷୟରେ କେନ୍ଦୁଝର ପୂର୍ତ୍ତବିଭାଗ ନିରବଦ୍ରଷ୍ଟା ସାଜି ଚୁପ୍ ବସିଥିବା ବେଳେ ଲୋକଙ୍କ ଜୀବନ ବାଜି ପଡୁଛି । ରାତି ଅନ୍ଧାରରେ କେତେବେଳେ ଯଦି ଏଠାରେ କୌଣସି ଯାନବାହନ ଗଳିପଡ଼ିବ । ତେବେ ସେଥିପାଇଁ କ'ଣ ପୂର୍ତ୍ତବିଭାଗ ନା ପରିବହନ ଅଧିକାରୀ ଦାୟୀ ରହିବ କି ବୋଲି ପ୍ରଶ୍ନ ଉଠୁଛି । ତୁରନ୍ତ ଏହି ରାସ୍ତା ସମ୍ପୂର୍ଣ୍ଣ କରି ସୁରୁଖୁରୁରେ ଯାନବାହନ ଚଳାଚଳ ଉପଯୋଗୀ କରିବା ପାଇଁ କେନ୍ଦୁଝର ଉପଖଣ୍ଡର ଘୁଟୁରୁ ଗ୍ରାମବାସୀ ଦାବି କରିଛନ୍ତି ।

## ଗୀର୍ଜା ଉନ୍ନତିକରଣ ପାଇଁ ନବୀନଙ୍କୁ ଭୋଟଦେବା ପାଇଁ ନିଷ୍ପତ୍ତି

**ମହାକାଳପଡ଼ା, ନ୍ୟୁଜ୍‌ବ୍ୟୁରୋ**



ମହାକଳପଡ଼ା ବ୍ଲକ ବଉଳକଣି ପଞ୍ଚାୟତ ଅନ୍ତର୍ଗତ ଗୀର୍ଜାର ଉନ୍ନତି ପାଇଁ ବିଗତ ଦିବରେ ମୁଖ୍ୟମନ୍ତ୍ରୀ ଅନୁଦାନ ଦେଇଥିଲେ । ପ୍ରାୟ ୩୦ ଲକ୍ଷ ଟଙ୍କା ଉନ୍ନତି କରଣ ପାଇଁ ଅନୁଦାନ ମିଳିଥିଲା, ଯାହାକୁ ନେଇ ଖ୍ରୀଷ୍ଟିଆନ ସମ୍ପ୍ରଦାୟ ମଧ୍ୟରେ ଖୁବ୍ ଆନନ୍ଦ ଦେଖାଦେଇଥିଲା । ଏଥିପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଓ ବିଧାୟକ ତଥା ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକଙ୍କୁ ଧନ୍ୟବାଦ ଦିଆଯାଇଛି । ଖାଲି ସେତିକି ନୁହେଁ ଏହାର ସମସ୍ତ ସଦସ୍ୟମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ସର୍ବସମ୍ମତି କ୍ରମେ ମୁଖ୍ୟମନ୍ତ୍ରୀ ତଥା ନବୀନ ପଟ୍ଟନାୟକଙ୍କ ବିଜୁ ଜନତା ଦଳକୁ ଭୋଟ ଦେବା ପାଇଁ ସମସ୍ତ ସଭ୍ୟ ସଭ୍ୟା ସର୍ବସମ୍ମତି କ୍ରମେ ନିଷ୍ପତ୍ତି ନେଇଛନ୍ତି । ଅରୁଣନଗର, ଟାଙ୍କିବେଲାରିର ସମସ୍ତ ସଭ୍ୟ ଉପସ୍ଥିତ ଥିଲେ ଏବଂ ନବୀନ ପଟ୍ଟନାୟକଙ୍କ ମଙ୍ଗଳପାଇଁ ପ୍ରଭୁ ଯୀଶୁଙ୍କ ନିକଟରେ ପ୍ରାର୍ଥନା କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ବରିଷ୍ଠ କର୍ମକର୍ତ୍ତା ତଥା ମହାକାଳପଡ଼ା ପଞ୍ଚାୟତ ସମିତିର ପୂର୍ବତନ ଉପାଧ୍ୟକ୍ଷ ଅମରେନ୍ଦ୍ର ସାମଲ, ଉଦୟନାଥ ବେହେରା, ସାମୁଏଲ ରାଉତ, ଶୁଭ୍ରକାନ୍ତ ସାମଲ, ଅଜୟ ସାହୁ, ସୁରେନ୍ଦ୍ର ସାମଲ, ଅନୁଗ୍ରହ ବେହେରା, ବରୁଣ ବେହେରା, ସ୍ୱର୍ଣ୍ଣମୟୀ ସ୍ୱାଇଁଙ୍କ ସମେତ ଶତାଧିକ ବ୍ୟକ୍ତି ଉପସ୍ଥିତ ଥିଲେ ।

## କବି ପଦ୍ମଶ୍ରୀ ସଚ୍ଚି ରାଉତରାୟଙ୍କ ୧୦୮ତମ ସ୍ୱନକ୍ଷେତ୍ର ଉତ୍ସବ ପାଳିତ

**କଟକ, ନ୍ୟୁଜ୍‌ବ୍ୟୁରୋ**

କବି ପଦ୍ମଶ୍ରୀ ସଚ୍ଚି ରାଉତରାୟଙ୍କ ୧୦୮ତମ ଜନ୍ମ ଜୟନ୍ତୀ ସମାରୋହ ସଚ୍ଚି ରାଉତରାୟ ସ୍ମୃତି କମିଟି ପକ୍ଷରୁ ଅନୁଷ୍ଠିତ ହୋଇଯାଇଛି । ଗଡ଼ଗଡିଆ ଘାଟ ମୁଖ୍ୟ ରାସ୍ତାରେ ଥିବା କବିଙ୍କ ପୂର୍ଣ୍ଣାଙ୍ଗ ପ୍ରତିମୂର୍ତ୍ତିରେ ମାଲ୍ୟଅର୍ପଣ କରାଯିବା ସହ ବହୁ ବିଶିଷ୍ଟ ବ୍ୟକ୍ତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ସାହିତ୍ୟିକ ସଂଜିତ କୁମାର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆଲୋଚନା ଚକ୍ରରେ ଡ଼ଃ ବାବାଜୀ ଚରଣ ପଟ୍ଟନାୟକ ମୁଖ୍ୟ ଅତିଥି, ପ୍ରଫେସର ଉମା ଶଙ୍କର ମିଶ୍ର ମୁଖ୍ୟ ବକ୍ତା, ଶିକ୍ଷାବିତ୍ ଶଶଧର ପଣ୍ଡା ଓ ପ୍ରାକ୍ତନ ପ୍ରଶାସକ ବଂଶୀଧର ରାଉତ ସନମାନୀତ ଅତିଥି ରୂପେ ଯୋଗ ଦେଇଥିଲେ । ବରିଷ୍ଠ ରେଳ ଶ୍ରମିକ ନେତା ଉତ୍କଳ ଭୂଷଣ ରାଉତରାୟ, ଅଜିତ କୁମାର ମହାପାତ୍ର, କବି ନୃସିଂହ ଚରଣ ଜେନା, ସବିତା ରାଉତରାୟ, ମନୋରଞ୍ଜନ ମହାପାତ୍ର, ଉମିତ ଭାନୁ ରାଉତରାୟ ଓ ଉତ୍କର୍ଷ ଭୂଷଣ ରାଉତରାୟ ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।



## ନିର୍ବାଚନ ପ୍ରଚାରରେ ଉଚ୍ଛୁଳି ପଡୁଛି ରମ୍ଭା ସାହି ବସ୍ତି

**ରମ୍ଭା, ନ୍ୟୁଜ୍‌ବ୍ୟୁରୋ**

ଖଲ୍ଲିକୋଟ ନିର୍ବାଚନ ମଣ୍ଡଳୀର ସାବୁଳିଆ ଗ୍ରାମପଞ୍ଚାୟତ ଏକ ବୃହତ୍ତମ ଓ ଅନ୍ୟତମ ହୋଇଥିଲେ ମଧ ଯୁବ ଚେହେରା ମନୋରଞ୍ଜନ ବେହେରା (ମନୁ)ଙ୍କ ଅଧ୍ୟକ୍ଷତାରେ ଏକ ବିଶ୍ୱାଳ ବାଇକ ରାଲି ରୋଡ଼ ସୋ' ଅନୁଷ୍ଠିତ ହୋଇଯାଇଛି । ସାଧାରଣ ନିର୍ବାଚନ ଉଷ୍ମତା କ୍ରମାଗତ ବୃଦ୍ଧି ପାଇଥିବା ବେଳେ କିଛି ଦିନ ପରେ ଅର୍ଥାତ ମେ' ୨୦ ରିଖରେ ଆସ୍କା ଲୋକସଭା ସାଙ୍ଗକୁ ଖଲ୍ଲିକୋଟ୍ ବିଧାନସଭା ଆସନ ମତଦାନ ଅନୁଷ୍ଠିତ ହେବ । ଅବତୀର୍ଣ୍ଣ ଭିନ୍ନଭିନ୍ନ ଦଳର ପ୍ରାର୍ଥୀମାନେ ପ୍ରଚାର ବିଭିନ୍ନ ଢଙ୍ଗରେ ଚାଲୁ ରହିଥିବା ବେଳେ ସାମ୍ପ୍ରତିକ ପରିସ୍ଥିତିରେ ମୁହାଁମୁହିଁ ହୋଇଥିବା ଓଡ଼ିଶା ରାଜନୀତିର ଦୁଇ ପ୍ରମୁଖ ଦଳ ବିଜେଡି ଓ ବିଜେପିର ଅସୀମିତ ଡିଜେ ସାଉଣ୍ଡ ସ୍ଥାନୀୟ ଅଞ୍ଚଳର ଗଳିକନ୍ଦି କମ୍ପି ଉଠୁଛି । ଭୋଟରମାନଙ୍କ ମନ କିଣିବାକୁ ନେତାମାନେ, ଏପରିକି ଖଲ୍ଲିକୋଟ ବିଧାନସଭାର ଭାଜାପାର ଅବତୀର୍ଣ୍ଣ ପ୍ରାର୍ଥୀ ପୂର୍ଣ୍ଣଚନ୍ଦ୍ର ସେଠୀ ଖୋଲା ଜିପ୍ ସାଙ୍ଗକୁ ସ୍ଥାନେ ସ୍ଥାନେ ବାଇକ୍‌ରେ ସାହିବସ୍ତି ବୁଲି ଭୋଟ୍ ଭିକ୍ଷା କରୁଥିବା ଲକ୍ଷ୍ୟ କରାଯାଇଛି । ଦଳୀୟ କର୍ମୀଙ୍କୁ ଧରି ଭୋଟ ଭିକ୍ଷା କରିବା ପରେ ଦଳୀୟ ନେତା ଓ କର୍ମୀ ବେଶ୍ ଉତ୍ସହିତ ହୋଇଥିବା ଜଣାଯାଇଛି । ତତ୍ ସଙ୍ଗେ ସଙ୍ଗେ ଆସିକା ସାଂସଦ ପ୍ରାର୍ଥୀନୀ ଅନିତା ଶୁଭ ଦର୍ଶନୀ ପଟ୍ଟନାୟକଙ୍କୁ ଦଳୀୟ ଚିହ୍ନରେ ମୋହର ମାରିବାକୁ କୁହାଯାଇଥିଲା । କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଅନିଲ ପଣ୍ଡା, ଯାଜ୍ଞସେନ ଦାସ, ରମେଶ ପରିଡ଼ା, ନିରଞ୍ଜନ ମହାପାତ୍ର, ସଂକୁଳି ଦାସ ପ୍ରମୁଖ ଜିଲ୍ଲା ଓ ରାଜ୍ୟ ସ୍ତରର ନେତୃମଣ୍ଡଳୀ ସାମିଲ ହୋଇଥିବା ବେଳେ ସାବୁଳିଆ ଗ୍ରାମ ପଞ୍ଚାୟତର ପୂର୍ବତନ ସରପଞ୍ଚ ସିଦ୍ଧାର୍ଥ ଶଙ୍କର ପଲେଇ, ରାଜଲକ୍ଷ୍ମୀ ବେହେରା, ତ୍ରିପତି ପ୍ରସାଦ ଶତପଥୀ (ପୁରୋହିତ), ପଙ୍କଜ ମାଝୀ, ଦିଲ୍ଲୀପ ବେଜ୍, ତୋଫାନ ଦଳେଇ, ଶ୍ରୀକାନ୍ତ ଦଳେଇ, ନାରାୟଣ ଦଳେଇ, ଯୁଧିଷ୍ଠିର ପାତ୍ର, ବିଜୟ ପାତ୍ର, ସଞ୍ଜୟ ପାତ୍ର, ମହେଶ୍ୱର ପାତ୍ର, ରଶ୍ମିତା ବେହେରା, ସୂର୍ଯ୍ୟ ବେହେରା, ଭୀମସେନ ବେହେରା(ପୂର୍ବତନ ସରପଞ୍ଚ), ଶହ ଶହ ମହିଳାଙ୍କ ସମେତ ଅନେକ ସମର୍ଥକ ରାଲିରେ ସାମିଲ ହୋଇଥିଲେ ।

## ମୌଳିକ ସୁବିଧାରୁ ବଞ୍ଚିତ ଦମଣ୍ଡା ଗ୍ରାମବାସୀ : ପାନୀୟ ଜଳ ପାଇଁ ନାଳ ଭରଷା

**ବୌଦ୍ଧ, ନ୍ୟୁଜ୍‌ବ୍ୟୁରୋ**



ବୌଦ୍ଧବ୍ଲକ ଟିକରପଡ଼ା ପଞ୍ଚାୟତ ଅନ୍ତର୍ଗତ ଦମଣ୍ଡା ଗ୍ରାମବାସୀ ମୌଳିକ ସୁବିଧାରୁ ବଞ୍ଚିତ ହେଉଥିବା ଅଭିଯୋଗ ହେଉଛି । ନିର୍ବାଚନ ଆସିଲେ ମାଳ ମାଳ ନେତା ଆସନ୍ତି । ଘୋଡ଼ା ଦେବି, ହାତୀ ଦେବି କହି, ମୋ ପେଁକାଲି ବଜେଇ ଦେ ବୋଲି କହନ୍ତି । ତେବେ ପେଁକାଳୀ ବାଜିଲେ ଆଉ ୫ ବର୍ଷ ପର୍ଯ୍ୟନ୍ତ ନେତାଙ୍କ ଦେଖା ମିଳେନାହିଁ । ଏହିପରି କେତେ ନିର୍ବାଚନ ଆସିଛି ଏବଂ ପ୍ରତିଶୃତିରେ ପୋତି ଦେଇଛନ୍ତି ହେଲେ ଗୋଟିଏ ବି ପୂରଣ ହୋଇ ନାହିଁ । ସରକାରୀ ଯୋଜନା ଏହି ଦୁର୍ଗମ ଅଞ୍ଚଳରେ ଅପହଞ୍ଚ ହୋଇଛି । ଘରେ ଘରେ ପାନୀୟ ଜଳ ଯୋଗାଇ ଦେବାକୁ ସରକାରଙ୍କ କୋଟି କୋଟି ଟଙ୍କା ଖର୍ଚ୍ଚ ମେଗା ପାନୀୟ ଜଳ ପ୍ରକଳ୍ପ କରିଛନ୍ତି । ହେଲେ ବଣ ଜଙ୍ଗଲ ଘେରା ଦୁର୍ଗମ ଅଞ୍ଚଳରେ ଦୟନୀୟ ଅବସ୍ଥାରେ ଦିନ କାଟୁଛନ୍ତି ଗରିବ ହିତାଧିକାରୀ । ଏହିଭଳି ଦୃଶ୍ୟ ଦେଖିବାକୁ ମିଳିଛି ବୌଦ୍ଧ ଜିଲ୍ଲାର ସଦର ବ୍ଲକ ଅନ୍ତର୍ଗତ ଟିକରପଡା ପଞ୍ଚାୟତର ଦମଣ୍ଡା ଗାଁରେ । ଟହଟହ ଖରାରେ ବାଧହୋଇ ପାହାଡିଆ ଝରଣାରେ ଚୂଆ ଖୋଳି ପାନୀୟଜଳ ସଂଗ୍ରହ କରୁଛନ୍ତି ଗ୍ରାମବାସୀ । ସ୍ୱାଧୀନତାର ସାତ ଦଶନ୍ଧି ପରେ ମଧ ଦମଣ୍ଡା ବାସିନ୍ଦାଙ୍କ ପାଇଁ ପାନୀୟ ଜଳ, ମୁଣ୍ଡରେ ଛାତ, ପକ୍କା ରାସ୍ତା, ସ୍ୱାସ୍ଥ୍ୟ ସେବା ଓ ଶିକ୍ଷା ପାଲଟିଛି ସାତ ସପନ । ଏହି ଅଞ୍ଚଳଟି ଯେମିତି ଜିଲ୍ଲାର ସାବତ ପୁଅ ହୋଇ ରହିଯାଇଛି । ଆଜିପର୍ଯ୍ୟନ୍ତ ସବୁଦିନିଆ ରାସ୍ତା ଖଣ୍ଡିଏ ନଥିବାରୁ ଏସବୁ ଅଞ୍ଚଳରେ ସରକାରୀ ଯୋଜନା ଅପହଞ୍ଚ ହୋଇରହିଛି । ଏସବୁ ଦୁର୍ଗମ ଅଞ୍ଚଳରେ ଖରାଦିନରେ ପାନୀୟ ଜଳ ମୁନ୍ଦାଏ ପାଇଁ ହାହାକାର ପଡ଼ିଯାଏ । ତେବେ ଏହି ଅଞ୍ଚଳରେ ପ୍ରବାହିତ ପାହାଡି ଝରଣାରୁ ସେମାନେ ଚୂଆ ଖୋଳି ପାଣି ସଂଗ୍ରହ କରୁଥିବା ଦେଖିବାକୁ ମିଳିଛି । ତେବେ ସ୍ୱଚ୍ଛ ପାନୀୟ ଜଳ ଏହି ଉପାନ୍ତ ଇଲାକାର ଲୋକଙ୍କ ପାଇଁ ସ୍ୱପ୍ନ ପାଲଟିଛି । ଖରାଦିନ ଆସିଲେ ବ୍ଲକର ଅନେକ ଅଞ୍ଚଳରେ ଦେଖା ଦିଏ ଜଳ କଷ୍ଟ । ପାନୀୟ ଜଳ ପାଇଁ ନାହିଁ ନଥିବା ଅସୁବିଧା ଭୋଗୁଛନ୍ତି ଲୋକେ । କେବଳ ଖରା ଦିନ କଥା ନୁହେଁ ବରଂ ବର୍ଷ ତମାମ ଦୂଷିତ ପାଣି ପିଇବାକୁ ବାଧ ହେଉଛନ୍ତି ଉପାନ୍ତ ଅଞ୍ଚଳବାସୀ । କେବଳ ପାନୀୟ ଜଳ ସମସ୍ୟାରେ ଶେଷ ହୋଇନି ତାଙ୍କ ଦୁଃଖ । ସବୁଦିନିଆଁ ରାସ୍ତା ନ ଥିବାରୁ ଜରୁରୀ ଚିକିତ୍ସା ସେବାରୁ ବଞ୍ଚିତ ହୁଅନ୍ତି । ବେଳେ ବେଳେ ଚିକିତ୍ସା ଅଭାବରୁ ମୃତ୍ୟୁମୁଖରେ ପଡିବାର ନଜିର ରହିଛି । ଚିକିତ୍ସା ପାଇଁ ରୋଗୀକୁ ଦୋଳା କରି ୩ କିମି ଗଲା ପରେ ରାସ୍ତା ପଡ଼େ । ସେଠାରୁ ଗାଡି ଯୋଗେ ବଘିଆପଡା ଡାକ୍ତରଖାନାରେ ପହଞ୍ଚାନ୍ତି । ତେବେ ବର୍ଷା ୪ ମାସ ଏମାନେ ବନ୍ଦୀ ଜୀବନ ଭଳି ଜୀବନ ବିତାନ୍ତି । ନାଳପାଣି ଯୋଗୁଁ ଏମାନେ ଯାତାୟାତରେ ବାଧା ସୃଷ୍ଟି ହୁଏ । ଯୋଗାଯୋଗ ବିଛିନ୍ନ କାରଣରୁ ପ୍ରାୟ ପାଞ୍ଚଗୋଟି ଆଦିବାସୀ ଅଧ୍ୟୁଷିତ ଦୁର୍ଗମ ଅଂଚଳରେ ଅପହଞ୍ଚ ହୋଇପଡିଛି ସରକାରୀ ଯୋଜନା । ଏହି ଅଞ୍ଚଳରେ ରହୁଥିବା ଅଧିବାସୀଙ୍କ ନିକଟରେ ଅଙ୍ଗନୱାଡି କେନ୍ଦ୍ରଟିଏ ନଥିବାରୁ ଏସବୁ ଅଞ୍ଚଳର ଶିଶୁମାନେ ଅତ୍ୟନ୍ତ ବିପଦ ସଂକୁଳ ଅବସ୍ଥାରେ ନାଳ ପାର ହୋଇ ମଲ୍ଲିକପଡା ଗ୍ରାମକୁ ଯାଉଛନ୍ତି । ଛାତ୍ରଛାତ୍ରୀ ମାନେ ପଢିବାକୁ ମଲିକପଡା ଗ୍ରାମକୁ ଯାଆନ୍ତି । ତେବେ ବର୍ଷା ଦିନେ ନାଳ ବଢ଼ି ଯୋଗୁଁ ସ୍କୁଲ ଯିବାରେ ବାଧା ସୃଷ୍ଟି ହୁଏ । ସ୍କୁଲରୁ ଫେରିବା ବେଳେ ନାଳ ପାଣି ବଢ଼ି ଯୋଗୁଁ ଘଣ୍ଟାଘଣ୍ଟା ଅପେକ୍ଷା କରିବାକୁ ପଡେ । ପାଣି ନକମିଲେ ଫେରିବାକୁ ପଡେ ଏବଂ ପରଦିନ ଘରକୁ ଫେରିବା ନଜିର ରହିଛି । ବାରମ୍ବାର ଅଭିଯୋଗ ତଥା ଗୁହାରି ପରେ ମଧ କୌଣସି ସୁଫଳ ନମିଳିବାରୁ ଗତ ୨୦୨୨ ପଞ୍ଚାୟତ ନିର୍ବାଚନ ଦମଣ୍ଡା ବାସୀ ଭୋଟ ବର୍ଜନ କରିଥିଲେ । ତଥାପି ସେମାନଙ୍କ ଦୁଃଖ ବୁଝିନଥିଲେ ସରକାର । ଆଗକୁ ସାଧାରଣ ନିର୍ବାଚନ ଥିବା ବେଳେ କେବେ ଏମାନଙ୍କ ଦୁଃଖ ଦୂର ହେବ ତାହାକୁ ଅପେକ୍ଷା ।





# କିଶନ ନଗରରେ ସାଂସଦ ହେମାମାଳିନୀଙ୍କ ରୋଡ଼ ଶୋ'



**କିଶନ ନଗର, ନ୍ୟୁଜ୍**

କଟକ ସଦର ନିର୍ବାଚନ ମଣ୍ଡଳୀର କିଶନ ନଗର ଠାରେ ବିଜେପି ବିଧାୟକ ପ୍ରାର୍ଥୀ ପ୍ରକାଶ ଚନ୍ଦ୍ର ସେଠୀଙ୍କ ନିର୍ବାଚନ ରାଲିରେ ସାଂସଦ ତଥା ବଲିଉଡ ପ୍ରଖ୍ୟାତ ଅଭିନେତ୍ରୀ ହେମାମାଳିନୀ ଯୋଗଦେଇଥିଲେ । ଏହି ରାଲିରେ ରାଜସ୍ଥାନର ମନ୍ତ୍ରୀ ଅବିନାଶ ଗେହେଲଟ ଯୋଗଦେଇ ବିଜେପି ବିଧାୟକ ପ୍ରାର୍ଥୀ ପ୍ରକାଶ ସେଠୀଙ୍କୁ ବିପୁଳ ମାତ୍ରାରେ ଭୋଟ୍ ଦେଇ ବିଜୟୀ କରିବାକୁ ନିବେଦନ କରିଥିଲେ । ହେଲି କେପ୍‌ଟରରୁ ଓଲ୍‌ହାଇବା ପରେ ହେମାଙ୍କ ରାଲି ହୁଲିପୁରରୁ ଆରମ୍ଭ ହୋଇ ରାମଚନ୍ଦ୍ରପୁର ଓ କିଶନନଗର ବଜାର ହୋଇ ହାଇସ୍କୁଲ ପଡିଆ ସ୍ଥିତ ସଭାସ୍ଥଳକୁ ଆସିଥିଲା । ସଭାରେ ମନ୍ତ୍ରୀ ଅବିନାଶ ଗେହେଲଟ, ପ୍ରାର୍ଥୀ ଶ୍ରୀ ସେଠୀଙ୍କୁ ପଦ୍ମଫୁଲରେ ଭୋଟ୍ ଦେଇ ବିଜୟୀ କରିବାକୁ ନିବେଦନ କରିଥିଲେ । ପ୍ରବଳ ଗରମ ଓ ପ୍ରଚଣ୍ଡ ଖରାରେ ଅସୁସ୍ଥ ଅନୁଭବ କରିବାରୁ ହେମାମାଳିନୀ ସଭାସ୍ଥଳକୁ ନଯାଇ ଫେରି ଯାଇଥିଲେ ।

# ଯୋଜନାର ସଫଳ ରୂପାୟନରେ ଆଠଗଡ଼ ବୟନ ମଣ୍ଡଳ ଅଗ୍ରଣୀ

**ଆଠଗଡ଼, ନ୍ୟୁଜ୍ ବ୍ୟୁରୋ**

ବୟନ ହସ୍ତତନ୍ତ ଓ ହସ୍ତଶିଳ୍ପ ବିଭାଗ ତରଫରୁ ବୁଣାକାରଙ୍କ ପାଇଁ ଯୋଗାଇ ଦିଆଯାଉଥିବା ବିଭିନ୍ନ ଯୋଜନାର ସଫଳ ରୂପାୟନ ଫଳରେ ଆଠଗଡ଼ ବୟନ ମଣ୍ଡଳର ବୁଣାକାର ବହୁଳ ବଡମ୍ବା ବ୍ଲକର ମାଣିଆବନ୍ଧ ଓ ତିଗିରିଆ ବ୍ଲକ ନୂଆପାଟଣାର ବୁଣାକାରଙ୍କ ବହୁବିଧ ଉନ୍ନତି ସହ ସେମାନଙ୍କ ଆର୍ଥିକ ସ୍ୱଚ୍ଛଳତା ବଢିଥିବା ମାଣିଆବନ୍ଧ ହସ୍ତତନ୍ତ କ୍ଲଷ୍ଟର କନ ସୋଟିୟମ 'ମହକ'ର ସମ୍ପାଦକ ଅରକ୍ଷିତ ସ୍ୱାଇଁ ସନ୍ତୋଷ ପ୍ରକାଶ କରିଛନ୍ତି । ଏହାର ଶ୍ରେୟ ଆଠଗଡ଼ ସରକାରୀ ବୟନ ଶିଳ୍ପ ନିର୍ଦ୍ଦେଶକ ଶ୍ରୀକାନ୍ତ ନାୟକ ଏବଂ ବୟନ ତତ୍ତ୍ୱାବଧାରକ ଦାମୋଦର ବେହେରାଙ୍କ ଉଦ୍ୟମ ଏବଂ କଠିନ ପରିଶ୍ରମ ଓ କାର୍ଯ୍ୟ ଦକ୍ଷତା ପାଇଁ ସମସ୍ତ ଯୋଜନାର ସଫଳ ରୂପାୟନ ହୋଇପାରିଛି ବୋଲି 'ମହକ'ର ସମ୍ପାଦକ ଶ୍ରୀ ସ୍ୱାଇଁ କହିଛନ୍ତି । ବିଗତ ବର୍ଷ ମାନଙ୍କରେ ଆଠଗଡ଼ ବୟନ ମଣ୍ଡଳର ବୁଣାକାରଙ୍କୁ ମିଳିଥିବା ବିଭିନ୍ନ ଯୋଜନା ତଥା ବୁଣାକାର କର୍ମଶାଳା, ତନ୍ତ ସରଞ୍ଜାମ, ବବିନ ୱାଇଡିଙ୍ଗ ମେସିନ୍ ଏବଂ ଇନ୍‌ଭଟର ଆଦି ଯୋଜନା ପାଇବାରେ ଆଠଗଡ଼ ବୟନ ମଣ୍ଡଳ ରାଜ୍ୟରେ ଅଗ୍ରଣୀ ହୋଇଛି । ୨୦୨୩-୨୪ ଆର୍ଥିକ ବର୍ଷରେ ଉପରୋକ୍ତ ଯୋଜନା ସମେତ ବୟନ ଜ୍ୟୋତି ଯୋଜନାରେ ବୁଣାକାର ମାନେ ୫୨୦୦ ଇନ୍‌ଭଟର ପାଇଛନ୍ତି । ଶ୍ରୀ ନାୟକ ଓ ଶ୍ରୀ ବେହେରାଙ୍କ ଉଦ୍ୟମ ଫଳରେ ଆଠଗଡ଼ ବୟନ ମଣ୍ଡଳକୁ ଧାର୍ଯ୍ୟ ଲକ୍ଷ୍ୟ ଠାରୁ ଅଧିକ ଇନ୍‌ଭଟର ମିଳିବା ସହ ଠିକ୍ ସମୟରେ ବିନିଯୋଗ କରାଯାଇପାରିଛି । ଯୋଜନାର ସଫଳ ରୂପାୟନରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ବୟନ ତତ୍ତ୍ୱାବଧାରକ ଦାମୋଦର ବେହେରା ବୟନ ଶିଳ୍ପମନ୍ତ୍ରୀ ରୀତା ସାହୁଙ୍କ ଦ୍ୱାରା ସମ୍ବର୍ଦ୍ଧିତ ସହ ପୁରସ୍କୃତ ହୋଇଛନ୍ତି । ଉପରୋକ୍ତ ଯୋଜନାର ଫାଇଦା ଉଠାଇବା ପାଇଁ କେତେକ ଅଣବୁଣାକାର ଉଦ୍ୟମ କରି ବିଫଳ ହେବାପରେ ମିଥ୍ୟା ଆରୋପ ଆଣି ଅଧିକାରୀମାନଙ୍କୁ ବଦନାମ କରିବା ସହ ବୁଣାକାରମାନଙ୍କ ଉନ୍ନତିରେ ବାଧକ ସାଜିବା ନେଇ 'ମହକ'ର ସମ୍ପାଦକ ଏହାର ନିନ୍ଦା କରିବା ସହ ଆବଶ୍ୟକ ପଡିଲେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ସେ କହିଛନ୍ତି ।

# ଧର୍ମଶାଳା:ନିର୍ବାଚନରେ ୧୧ ଜଣ ପ୍ରାର୍ଥୀ ଅବତୀର୍ଣ୍ଣ

**ଧର୍ମଶାଳା, ନ୍ୟୁଜ୍ ବ୍ୟୁରୋ**

ଧର୍ମଶାଳା ନିର୍ବାଚନ ମଣ୍ଡଳୀରେ ଆସନ୍ତା ଜୁନ୍ ୧ରେ ନିର୍ବାଚନ ଅନୁଷ୍ଠିତ ହେବ । ଏଥିପାଇଁ ୧୩ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରିବା ପାଇଁ ପ୍ରାର୍ଥୀପତ୍ର ଦାଖଲ କରିଥିଲେ । ଶୁକ୍ରବାର ଥିଲା ନାମାଙ୍କନ ପତ୍ର ପ୍ରତ୍ୟାହାର ଦିନ । ସ୍ୱାଧୀନ ପ୍ରାର୍ଥୀ ମିନତି ସାହୁ ଓ ସିଗମା ଶୁଭଲକ୍ଷ୍ମୀ ପ୍ରାର୍ଥୀପତ୍ର ପ୍ରତ୍ୟାହାର କରିବା ପରେ ଆଉ ମୋଟ ୧୧ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରିବା ପାଇଁ ରହିଲେ । ସେମାନେ ହେଲେ କାର୍ତ୍ତିକଚନ୍ଦ୍ର ମଲ୍ଲିକ (ବହୁଜନ ସମାଜ ପାର୍ଟି) କିଶାନ ପଣ୍ଡା କଂଗ୍ରେସ, ପ୍ରଣବ କୁମାର ବଳବନ୍ତରାୟ ବିଜୁ ଜନତା ଦଳ, ସ୍ମୃତିରେଖା ପହି ଭାରତୀୟ ଜନତା ପାର୍ଟି, କେଦାରନାଥ ସାହୁ, ଏସୟୁସିଆଇ (କମ୍ୟୁନିଷ୍ଟ) ରଞ୍ଜନ କୁମାର ମଲ୍ଲିକ, ଲୋକଶକ୍ତି ଦଳ, ପୁରୁଷୋତ୍ତମ ବେହେରା, ସତିଶ ବିଶ୍ୱାଳ, ହିମାଂଶୁଶେଖର ସାହୁ, ଲାଲୁ ପ୍ରସାଦ ଯାଦବ ପ୍ରମୁଖ ସ୍ୱାଧୀନ ଭାବରେ ନିର୍ବାଚନ ଲଢ଼ିବେ ।



# କେନ୍ଦ୍ରାପଡ଼ା ବିଜେପିର ମିଶ୍ରଣ ପର୍ବ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ଜିଲ୍ଲା ବିଜେପି ଶାଖା ତରଫରୁ ସ୍ଥାନୀୟ ଶ୍ୟାମସୁନ୍ଦରପୁର ସ୍ଥିତ ଚଣ୍ଡିଆ ପ୍ୟାଲେସ୍‌ରେ ଏକ ମୀଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ସଭାପତି କିଶୋର କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ମିଶ୍ରଣ ପର୍ବର ବିଜେପିର ଲୋକସଭା ପ୍ରଅର୍ଥୀ ତଥା ରାଷ୍ଟ୍ରୀୟ ଉପାଧକ୍ଷ ବୈଜୟନ୍ତ ପଣ୍ଡା, ବିଧାନସଭା ପ୍ରାର୍ଥୀ ଗୀତାଞ୍ଜଳୀ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ । ଏହି କର୍ମୀ ଓ ନେତାମାନେ ନରେନ୍ଦ୍ର ମୋଦୀଙ୍କ ବିକଶିତ ଭାବର ସଂକଳ୍ପରେ ଯୋଡି ହେବାପାଇଁ କେନ୍ଦ୍ରାପଡାକୁ ସିଧାସଳଖ କେନ୍ଦ୍ର ସହ ଯୋଡିବା ପାଇଁ ପ୍ରତିଜ୍ଞା କରିଛନ୍ତି । ଏହି ମିଶ୍ରଣ ପର୍ବରେ ଚକ୍ରୋଡା ପଞ୍ଚାୟତର ନାଏବ ସରପଞ୍ଚ ଜ୍ଞାନ ରଞ୍ଜନ ଲେଙ୍କା, ଘାଗରା ପଞ୍ଚାୟତର ୱାର୍ଡ ମେମ୍ବର କୈଳସ ଚନ୍ଦ୍ର ପରିଡା, ଅଭିରାମ ମଲିକ, ନୃସିଂହ ମଲିକ, ଗୋକୁଳ ଚନ୍ଦ୍ର ଜେନା ପ୍ରମୁଖଙ୍କ ସହ ଶତାଧିକ ବିଜେଡି ଓ କଂଗ୍ରେସ କର୍ମୀ ବିଜେପିରେ ଯୋଗ ଦେଇଛନ୍ତି । ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଜେପି ଉପସଭାପତି ଅଭିମନ୍ୟୁ ଗୋଛାୟତ, ନେହେରୁ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

# କେନ୍ଦ୍ରୀୟ ଯୋଜନା ବାଟମାରଣା ଅଭିଯୋଗ

**ମହାକାଳପଡ଼ା, ନ୍ୟୁଜ୍ ବ୍ୟୁରୋ**




ମହାକାଳପଡ଼ା ବିଧାନସଭା ନିର୍ବାଚନ ମଣ୍ଡଳୀର ବିଜେପି ବିଧାୟକ ପ୍ରାର୍ଥୀ ଡକ୍ଟର ଦୁର୍ଗା ପ୍ରସନ୍ନ ନାୟକ ରାଜ୍ୟ ସରକାର ଓ ପ୍ରଶାସନର ପାତରଅନ୍ତର ଓ କେନ୍ଦ୍ରୀୟ ଯୋଜନା ଲୋକମାନଙ୍କ ପାଖରେ ଅପହଞ୍ଚ ନେଇ ବିଶୋଦଗାର କରିଥିଲେ । ଏକ ସାମ୍ବାଦିକ ସମ୍ମିଳନୀରେ ଡକ୍ଟର ନାୟକ ସିଧାସଳଖ ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ମାଗଣାରେ ମିଳୁଥିବା ରାସନ, ଗ୍ରାମାଞ୍ଚଳରେ ପାନୀୟ ଜଳ ପାଇଁ ମିଳୁଥିବା ଅନୁଦାନ ଏବଂ ବହୁ କେନ୍ଦ୍ରୀୟ ଯୋଜନା ଗରିବ ଲୋକଙ୍କ ପାଖରେ ପହଞ୍ଚି ପାରୁନଥିବା ନେଇ ଅଭିଯୋଗ ଆଣିଛନ୍ତି । ବିଜେଡ଼ି ସରକାର କେନ୍ଦ୍ରୀୟ ଯୋଜନାକୁ ବାଟବଣା କରୁଛି । ଯାହା ପାଇଁ ଲୋକେ ଏଥର ନରେନ୍ଦ୍ର ମୋଦି କେନ୍ଦ୍ରରେ ଓ ରାଜ୍ୟରେ ଭାଜପା ସରକାର ପାଇଁ ଭୋଟ୍ ଦେବେ ବୋଲି କହିଛନ୍ତି । ପ୍ରଶାସନିକ ସ୍ତରରେ ସ୍ଥାଣୁତା ଓ ଅପାରଗତାକୁ ସେ ସିଧାସଳଖ ଦାୟୀ କରିଛନ୍ତି । ଗ୍ରାମାଞ୍ଚଳରେ ଭିତ୍ତିଭୂମିରେ ବର୍ତ୍ତମାନ ସୁଦ୍ଧା ସୁଧାର ଆସିନି । ଯାହା ପାଇଁ ମହାକାଳପଡ଼ାବାସୀ ଅବହେଳିତ ହୋଇଛନ୍ତି ବୋଲି ଏହି ସାମ୍ବାଦିକ ସମ୍ମିଳନୀରେ ଅଭିଯୋଗ କରିଛନ୍ତି । ନିର୍ବାଚନ ଋତୁ ଆସିଲେ ବିଜେଡ଼ି ଲୋକମାନଙ୍କୁ ମିଥ୍ୟା ପ୍ରତିଶ୍ରୁତି ଦିଏ ଏବଂ ଭୋଟ ହାତେଇଲା ପରେ ଏହାକୁ ଭୁଲିଯାଏ ବୋଲି ମହାକାଳପଡ଼ା ବିଧାନସଭା ବିଜେପି ପ୍ରାର୍ଥୀ ଡକ୍ଟର ଦୁର୍ଗା ପ୍ରସନ୍ନ ନାୟକ ଅଭିଯୋଗ କରିଛନ୍ତି । ମହାକାଳପଡ଼ାର ବିକାଶ ପାଇଁ ମୁଁ ପ୍ରତିଶ୍ରୁତି ବଦ୍ଧ । ବେକାର ଯୁବକମାନଙ୍କୁ କର୍ମନିଯୁକ୍ତି ମିଳିବ । ଲୋକଙ୍କ ପାଖରେ ମୋଦି ଦେଇଥିବା ଘର ପହଞ୍ଚିବ । ବଙ୍ଗ ଭାଷାଭାଷୀ ମାନଙ୍କର ଜମିଜମାର ସମାଧାନ କରାଯିବ ବୋଲି ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି । ଆଗାମୀ ଦିନରେ କେନ୍ଦ୍ରରେ ମୋଦି ଓଡ଼ିଶାରେ ବିଜେପି ତେଣୁ ମହାକାଳପଡ଼ାର ଭିତ୍ତିଭୂମି, ଗମନାଗମନ ଓ ଅନ୍ୟାନ୍ୟ ମୌଳିକ ସୁବିଧା ପୁରଣ କରାଯିବ ବୋଲି ପ୍ରାର୍ଥୀ ଶ୍ରୀ ନାୟକ କହିଥିଲେ । ଏହି ସମ୍ବାଦିକ ସମ୍ମିଳନୀରେ ନିର୍ବାଚନ ମଣ୍ଡଳୀର ସଂଯୋଜକ ସରୋଜକାନ୍ତ ସାହୁ ଓ ମିଡ଼ିଆ ସେଲ୍‌ର ସୁକାନ୍ତ ଦାସ ଉପସ୍ଥିତ ଥିଲେ ।

# ବସ୍‌କୁ ଧକ୍କା ଦେଲା ଟ୍ରକ୍:ଅଳ୍ପକେ ବର୍ତ୍ତିଲେ ଯାତ୍ରୀ

**କେନ୍ଦୁଝର, ନ୍ୟୁଜ୍ ବ୍ୟୁରୋ**

ନରଣପୁର ଉପଖଣ୍ଡର ଜାତୀୟ ରାଜପଥ ୨୦ର ବଡପଶି ଛକ ନିକଟରେ ଶୁକ୍ରବାର ରାତି ପ୍ରାୟ ୩ଟା ସମୟରେ ଏକ ଭୟଙ୍କର ଦୁର୍ଘଟଣା ଘଟିଛି । ପାରାଦୀପରୁ ବଡ଼ବିଲ ଆସୁଥିବା ଟ୍ରକ୍‌ଟି ଖୁବ୍ ଦ୍ରୁତ ଗତିରେ ଆସୁଥିବା ବେଳେ ଚାଳକଙ୍କୁ ନିଦ ଲାଗିଯିବାରୁ ଆଗରେ ଯାଉଥିବା ସରକାରୀ ରାଜ୍ୟ ପରିବହନ ଚଳନ୍ତା ବସ୍‌କୁ ପଛପଟୁ ଧକ୍କା ଦେଇଥିଲା । ଫଳରେ ବସ୍‌ର ପଛପଟ ଭାଙ୍ଗି ରୁଜି ଯାଇଥିବାବେଳେ ସୌଭାଗ୍ୟ ବସତଃ ବସ୍‌ରେ ବସିଥିବା ସମସ୍ତ ଯାତ୍ରୀ ଅଳ୍ପକେ ବର୍ତ୍ତି ଯାଇଛନ୍ତି । ପ୍ରାପ୍ତ ସୂଚନା ଅନୁସାରେ, ସରକାରୀ ବସ୍‌ଟି ଭୁବନେଶ୍ୱରରୁ କେନ୍ଦୁଝର ଅଭିମୁଖେ ଆସୁଥିଲା । ସମାନ ଦିଗରେ ଯାଉଥିବା ଟ୍ରକ୍ ଚାଳକଙ୍କ ଅଜାଣତରେ ବସ୍‌କୁ ପଛରୁ ଧକ୍କା ଦେଇଥିଲା । ଏହି ଦୁର୍ଘଟଣାରେ ବସ୍‌ର ପଛପଟ ଭାଙ୍ଗିରୁଜି ଯାଇଛି । ଘଟଣାସ୍ଥଳରେ ଟାଉନ୍ ପୁଲିସ ପହଞ୍ଚି ଦୁର୍ଘଟଣା ଘଟାଇଥିବା ଗାଡିକୁ ଜବତ କରି ତଦନ୍ତ ଚଳାଇଛି । ଦୁର୍ଘଟଣା ଘଟିଥିବା ବସ୍‌ଟି ସଦର ଥାନା ଅଞ୍ଚଳରେ ଘଟିଥିବାରୁ ସଦର ଥାନା ପୋଲିସ ଅନୁସନ୍ଧାନ ଓ ତଦନ୍ତ କରୁଛି । ବସ୍ ଡ୍ରାଇଭର ସେଠାରୁ ଯାତ୍ରୀଙ୍କୁ ଧରି କେନ୍ଦୁଝର ବସ୍‌ଷ୍ଟାଣ୍ଡରେ ପହଞ୍ଚିବା ପରେ ଟାଉନ୍ ଥାନା ପରିସରରେ ବସ୍‌କୁ ନେଇଯାଇଥିବା ବେଳେ ଟ୍ରକ୍ ମାଲିକଙ୍କୁ ସଦର ଥାନା ପୋଲିସ ଅଟକ ରଖି କାଗଜ ପତ୍ର ଯାଞ୍ଚ କରୁଥିବା ଜଣାପଡିଛି ।

# ଝାରସୁଗୁଡ଼ାରେ ବିଜେଡ଼ିର ଅନ୍ତିମ ମାରାଥନ ପ୍ରଚାର

**ବ୍ରଜରାଜନଗର, ନ୍ୟୁଜ୍ ବ୍ୟୁରୋ**




ଝାରସୁଗୁଡ଼ା ବିଧାନସଭା ଅନ୍ତର୍ଗତ ଗ୍ରାମାଞ୍ଚଳରେ ବିଜୁ ଜନତା ଦଳ ପକ୍ଷରୁ ଶେଷ ପର୍ଯ୍ୟାୟ ମାରାଥନ ପ୍ରଚାର ହୋଇଯାଇଛି । ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଝାରସୁଗୁଡ଼ା ବିଧାନସଭା ପ୍ରାର୍ଥୀନୀ ସୁଶ୍ରୀ ଦୀପାଳି ଦାସ ଉପସ୍ଥିତ ଥିଲେ । ମୁଖ୍ୟମନ୍ତ୍ରୀଙ୍କ ସୁଶାସନ, ସ୍ୱଚ୍ଛ ଛବି ଓ ମହିଳା ସଶକ୍ତିକରଣ ଐତିହାସିକ ପଦକ୍ଷେପକୁ ରାଜ୍ୟ ତଥା ଦେଶର ପ୍ରତ୍ୟେକ ବର୍ଗ ଜାଣନ୍ତି । ଝାରସୁଗୁଡ଼ା ଜିଲ୍ଲାରେ ବିଗତ ପ୍ରାୟ ୧୦ ବର୍ଷ ମଧ୍ୟରେ ହୋଇଥିବା ରାସ୍ତା, ଶିକ୍ଷା, ସ୍ୱାସ୍ଥ୍ୟ ଆଦି ବିକାଶ କ୍ଷେତ୍ରରେ ସ୍ୱର୍ଗୀୟ ସ୍ୱାସ୍ଥ୍ୟ ମନ୍ତ୍ରୀ ନବ କିଶୋର ଦାସଙ୍କ ପ୍ରଚେଷ୍ଟା ଝାରସୁଗୁଡ଼ା ବାସୀ ଭଲଭାବରେ ଜାଣନ୍ତି ଏବଂ ସୁଶ୍ରୀ ଦୀପାଳି ଦାସଙ୍କ ହାତ ଗଣତି ମାତ୍ର କିଛି ମାସର ବିଧାୟିକା ରହିବା ସମୟରେ ହେଇଥିବା ସମସ୍ତ ବିକାଶ ମୂଳକ କାର୍ଯ୍ୟକୁ ଆଗେଇ ନେବା ପାଇଁ ପ୍ରତିଶ୍ରୃତି ଦେବା ସହ ବିଜେଡିକୁ ବିପୁଳ ମାତ୍ରାରେ ଭୋଟ୍ ଦେଇ ବିଜୟୀ କରିବାକୁ ପ୍ରାର୍ଥନା କରିଛନ୍ତି । ଏହି କାର୍ଯ୍ୟକ୍ରମ ଗ୍ରାମାଞ୍ଚଳର ହୀର୍ମା ଗ୍ରାମପଞ୍ଚାୟତ, କୁକୁରଜଂଘା, କନ୍ଦାଗାଡ ଓ ଆଖପାଖ ଗ୍ରାମାଞ୍ଚଳରେ ମାରାଥନ ପ୍ରଚାର କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ୫୦୦ରୁ ଉର୍ଦ୍ଧ୍ୱ ମୋଟରସାଇକେଲ ଶୋଭାଯାତ୍ରାରେ ବାହାରି ଥିବାବେଳେ ହଜାର ହଜାର କର୍ମୀ ସାମିଲ ହୋଇଥିଲେ । ଏହି ପ୍ରଚାର ପ୍ରସାର କାର୍ଯ୍ୟକ୍ରମରେ ବିରୋଧି ଦଳକୁ ଟାର୍ଗେଟ୍ କରି ବିଗତ ଦିନରେ କରାଯାଇଥିବା ଟେକୋ ମାଡ଼କୁ ବିରୋଧ କରି ତୁମେ ଗୋଟିଏ ଟେକା ଫିଙ୍ଗିବ ତେବେ ଆମର ଶହେ କର୍ମୀ ସାମ୍ନା କରିବେ ଆଉ ତମ ଦାଦାଗିରି ଚାଲିବ ନାହିଁ ବୋଲି ସୁଶ୍ରୀ ଦୀପାଳି ଦାସ କହିଛନ୍ତି । ଏହି ମାରାଥନ ପ୍ରଚାର ସମୟରେ ଗ୍ରାମାଞ୍ଚଳ ବିଜୁ ଜନତା ଦଳର ସମସ୍ତ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ ।

# ଘର ଘର ବୁଲି ମହିଳାଙ୍କୁ ବୁଝାଉଛନ୍ତି ବିଜେପି ପ୍ରଭାରୀ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ଜିଲ୍ଲା ବିଜେପି ମହିଳା ପ୍ରଭାରୀ ଭାବେ ନିଯୁକ୍ତି ପାଇବା ପରେ ଡ଼ଃ ଜ୍ୟୋସ୍ନାରାଣୀ ଜେନା ଜିଲ୍ଲାର ବିଭିନ୍ନ ପଞ୍ଚାୟତ ଗ୍ରାମ ଗୁଡିକ ବୁଲି ମହିଳା ଭୋଟର ମାନଙ୍କୁ ନରେନ୍ଦ୍ର ମୋଦୀଙ୍କର ବିଭିନ୍ନ ଯୋଜନା ସମ୍ପର୍କରେ ବୁଝାଉଥିବା ଜଣାପଡିଛି । ଡ଼ଃ ଶ୍ରୀମତୀ ଜେନା ପେଣ୍ଠପାଳ, ବଲୁରିଆ, କୂଳସାହି ପ୍ରଭୃତି ସ୍ଥାନ ବୁଲି ସେଠାରେ ମହିଳା ଭୋଟର ମାନଙ୍କ ସହିତ ଆଲୋଚନା କରିବା ସହିତ ବିଜେପିର ବିଭିନ୍ନ ଯୋଜନା ସମ୍ପର୍କରେ ପ୍ରକାଶ କରିବା ସହିତ ମୋଦୀ ସରକାର ମହିଳା ମାନଙ୍କର ଉନ୍ନତି ପାଇଁ ବିଭିନ୍ନ ପଦକ୍ଷେପ ନେଉଥିବା ସମ୍ପର୍କରେ ପ୍ରକାଶ କରିଥିଲେ । ଚଳିତ ନିର୍ବାଚନରେ ବିଜେପି ପ୍ରାର୍ଥୀଙ୍କୁ ବିପୁଳ ସଂଖ୍ୟାରେ ଭୋଟ୍ ଦେବା ପାଇଁ ମହିଳା ଭୋଟର ମାନଙ୍କୁ ଅନୁରୋଧ କରୁଥିବା ଜଣାପଡିଛି ।



# ଯାଜପୁର ଜିଲ୍ଲାରେ ଶୃଙ୍ଖଳାର ସହ ନିର୍ବାଚନ ସମ୍ପନ୍ନ ପାଇଁ ପର୍ଯ୍ୟବେକ୍ଷକଙ୍କ ସମୀକ୍ଷା

**ଯାଜପୁର, ନ୍ୟୁଜ୍ ବ୍ୟୁରୋ**




ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଏକକାଳୀନ ସାଧାରଣ ନିର୍ବାଚନ -୨୦୨୪ ନିମନ୍ତେ ଭାରତ ନିର୍ବାଚନ କମିଶନଙ୍କ ଦ୍ୱାରା ନିଯୁକ୍ତ ସାଧାରଣ ପର୍ଯ୍ୟବେକ୍ଷକ ବିଶ୍ରାମ ମୀନା, ଡଃ କରୁଣା କୁମାରୀ, ଖର୍ଚ୍ଚ ପର୍ଯ୍ୟବେକ୍ଷକ ଏ.ଭି.ଟି. ଭାରଥି ଧଶନ, ଅମିତ ପ୍ରତାପ ସିଂ, ଅଭିଷେକ କୁମାର, ଜିଲ୍ଲାପାଳ ନିଖିଳ ପବନ କଲ୍ୟାଣ, ଆରକ୍ଷୀ ଅଧିକ୍ଷକ ଭିନୀତ ଅଗ୍ରୱାଲ, ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧି ଏବଂ ରିଟର୍ଣ୍ଣିଂ ଅଫିସର ଓ ସହକାରୀ ରିଟର୍ଣ୍ଣିଂ ଅଫିସର ମାନଙ୍କ ସହ ନିର୍ବାଚନ ଆଦର୍ଶ ଆଚରଣବିଧି ଅନୁଯାୟୀ ଯାଜପୁର ଜିଲ୍ଲାରେ ଶାନ୍ତି ଶୃଙ୍ଖଳାର ସହ ସଫଳ ଭାବେ ନିର୍ବାଚନ ସମାପନ କରିବାକୁ ସମସ୍ତ ରାଜନୈତିକ ଦଳକୁ ଆହ୍ୱାନ ଦେଇଥିଲେ । ଜିଲ୍ଲାପାଳ ନିଖିଳ ପବନ କଲ୍ୟାଣ ମଇ ୧୮, ୨୨ ଓ ୨୫ ତାରିଖରେ ଇଭିଏମ୍ ରାଣ୍ଡୋମାଇଜେସନ୍, ୨୫ ତାରିଖରୁ ୨୮ ତାରିଖ ପର୍ଯ୍ୟନ୍ତ ହୋମ୍ ଭୋଟିଂ, ବିଏଲ୍‌ଓ ମାନେ ପୋଲିଂ ଏଜେଣ୍ଟ ମାନଙ୍କ ନାମ ଯଥାଶିଘ୍ର ପ୍ରେରଣ କରିବା, ମାଦକ ଦ୍ରବ୍ୟ, କ୍ୟାସ୍, ଡ୍ରଗ୍‌ସ୍ ନିଷିଦ୍ଧ ଦିଗରେ, ସରକାରଙ୍କ ଅନୁବନ୍ଧିତ ଖବର କାଗଜରେ କିମ୍ବା ସାମାଜିକ ଗଣମାଧ୍ୟମ, ବୈଦ୍ୟୁତିକ ଗଣମାଧ୍ୟମରେ ପ୍ରଚାର ପାଇଁ ଗଣମାଧ୍ୟମ କମିଟିରୁ ଅନୁମତି ନେବା ଉପରେ ଗୁରୁତ୍ୱାରୋପ କରିଥିଲେ । ସାଧାରଣ ପର୍ଯ୍ୟବେକ୍ଷକ ବିଶ୍ରାମ ମୀନା ମତଦାନ ପରେ ଇଭିଏମ୍ ମେସିନ୍ ଯେଉଁଠି ରହିବ ସେ ସ୍ଥାନରେ ରାଜନୈତିକ ଦଳ କିମ୍ବା ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପ୍ରାର୍ଥୀ ସେମାନଙ୍କର ଏଜେଣ୍ଟ ପହରା ଦେବାକୁ ଚାହିଁଲେ ଅନୁମତି ଦିଆଯିବ ବୋଲି ଉଲ୍ଲେଖ କରିଥିଲେ । ସେହିପରି ଖର୍ଚ୍ଚ ପର୍ଯ୍ୟବେକ୍ଷକ ମାନେ ପ୍ରାର୍ଥୀ ମାନଙ୍କର ଖର୍ଚ୍ଚ ତାଲିକା ସଠିକ୍ ଭାବେ ଲିପିବଦ୍ଧ କରିବାକୁ ପରାମର୍ଶ ଦେଇଥିଲେ । ଆରକ୍ଷୀ ଅଧିକ୍ଷକ ଭିନୀତ ଅଗ୍ରୱାଲ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ଅଶୋକ କୁମାର ବେହୁରିଆ, ଅତିରିକ୍ତ ଜିଲ୍ଲାପାଳ, ପ୍ରଶାସନ ନବକ୍ରିଷ୍ଣ ଜେନା, ଅତିରିକ୍ତ ଜିଲ୍ଲାପାଳ, ରାଜସ୍ୱ ଶୁଭେନ୍ଦ୍ର କୁମାର ସାମଲ, ଅତିରିକ୍ତ ଜିଲ୍ଲାପାଳ, କଳିଙ୍ଗନଗର ଲଙ୍କେଶ୍ୱର ଅମାତ, ଉପ-ଜିଲ୍ଲାପାଳ ଅଂଶୁମାନ ଶତପଥୀ, ଅତିରିକ୍ତ ଉପ-ଜିଲ୍ଲାପାଳ ମନୋରମା ଜାଲି ଯଥାକ୍ରମେ ଆଇନ୍ ଶୃଙ୍ଖଳା ମାନିବା ଓ ରକ୍ଷା କରିବା, ପୋଲିସ ସହାୟତା ପାଇଁ ମୋବାଇଲ ନଂ-୯୪୩୮୯୧୬୪୫୬କୁ ଯୋଗାଯୋଗ କରିବା, ନିର୍ବାଚନ ଖର୍ଚ୍ଚ ନିମିତ୍ତ ନୂଆ ବ୍ୟାଙ୍କ ଖାତା ବ୍ୟବହାର କରିବା ଏବଂ ଅନ୍‌ଲାଇନ୍ ମାଧ୍ୟମରେ ଖର୍ଚ୍ଚ ପୈଠ କରିବା, ଆଦର୍ଶ ଆଚରଣବିଧି ପାଳନ କରିବା ସହ ମୁକ୍ତ, ଅବାଧ ଓ ନିରପେକ୍ଷ ନିର୍ବାଚନ ପରିଚାଳନା କରିବାରେ ପ୍ରଶାସନକୁ ରାଜନୈତିକ ଦଳ, ପ୍ରାର୍ଥୀ ଓ କର୍ମୀମାନେ ସହଯୋଗ କରିବାକୁ ପରାମର୍ଶ ଦେଇଥିଲେ ।

# ଗୁଜୁରାଟରେ ଓଡ଼ିଆ ଯୁବକଙ୍କ ମୃତ୍ୟୁ

**ମହାକାଳପଡ଼ା, ନ୍ୟୁଜ୍ ବ୍ୟୁରୋ**

ମହାକାଳପଡ଼ା ବ୍ଲକ ବଡ଼କୂଳ ପଞ୍ଚାୟତ ବେନୁପାଳ ଗ୍ରାମର ସଞ୍ଜୟ ସ୍ୱାଇଁ (୪୦) ସୁଦୂର ଗୁଜୁରାଟ ରାଜ୍ୟକୁ କାମ କରିବା ପାଇଁ ଯାଇଥିଲେ । ସେଠାରେ ସେ ସୁତା ମିଲ୍‌ରେ କାମ କରନ୍ତି । ବାପ ମା'ଙ୍କର ଗୋଟିଏ ପୁଅ । ଗରିବ ପରିବାରରେ ଏବେ ଶୋକର ଛାୟା ଖେଳିଯାଇଛି । କାମ କରି ପଇସା ଦେଲେ ପରିବାର ଚଳେ । ତାଙ୍କର ପୁଅ ଝିଅ ଦୁଇଟି ଅଛନ୍ତି । ସେ ସୁତା ମିଲ୍‌ରେ କାମ କରୁଥିବା ବେଳେ କୌଣସି କାରଣ ବଶତଃ ମୃତ୍ୟୁବରଣ କରିଛନ୍ତି । ଏହି ଖବର ଗାଁରେ ପହଞ୍ଚିବା ପରେ ପୁରା ପରିବାରରେ ଶୋକର ଛାୟା ଖେଳିଯାଇଛି ।

# ବହୁ ବିଜେପି କର୍ମୀ ବିଜେଡ଼ିରେ ମିଶିଲେ

**ଧର୍ମଶାଳା, ନ୍ୟୁଜ୍ ବ୍ୟୁରୋ**



ବିଜୁ ଜନତା ଦଳର ରାଜ୍ୟ ସଭାପତି ନବୀନ ପଟ୍ଟନାୟକଙ୍କ ନୀତି ଆଦର୍ଶ ଓ ବିକାଶମୂଳକ କାର୍ଯ୍ୟରେ ପ୍ରଭାବିତ ହୋଇ ଗୁରୁବାର ସନ୍ଧ୍ୟାରେ ଜାରକା ବିଜେଡ଼ି କାର୍ଯ୍ୟାଳୟ ଠାରେ ବହୁ ବିଜେପି କର୍ମୀ ବିଜେଡ଼ି ଦଳରେ ସାମିଲ ହୋଇଛନ୍ତି । ରାଜ୍ୟ ବିଜେଡ଼ି ସାଧାରଣ ସମ୍ପାଦକ ତଥା ଧର୍ମଶାଳା ବିଧାୟକ ପ୍ରଣବକୁମାର ବଳବନ୍ତରାୟ ଯୋଗଦେଇ ସମସ୍ତ କର୍ମୀଙ୍କୁ ଉତ୍ତରୀୟ ଦେଇ ଦଳକୁ ସ୍ୱାଗତ କରିଥିଲେ । ଧର୍ମଶାଳା ନିର୍ବାଚନ ମଣ୍ଡଳୀର ରସୁଲପୁର ବ୍ଲକ ୩୪ନଂ ଜୋନ୍‌ର ବିଜେପି କର୍ମକର୍ତ୍ତା କ୍ଷୀରୋଦ ମଳିକ, ନିରଞ୍ଜନ ମଳିକ, ନିର୍ମଳ ମଳିକ, ନବଘନ ମଳିକ, ଶ୍ୟାମସୁନ୍ଦର ମଳିକ, ମେଘନାଦ ମଳିକ, ପ୍ରଦୀପ ମଳିକ, ମନୋଜ ମଳିକ ପ୍ରମୁଖ ବିଜେଡ଼ିରେ ସାମିଲ ହୋଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ରସୁଲପୁର ବ୍ଲକ ଅଧ୍ୟକ୍ଷ ଅରୁଣକୁମାର ରାଉତ, ବ୍ଲକ ବିଜେଡ଼ି ସଭାପତି ଲୋକନାଥ ପଣ୍ଡା ଓ ଜୋନ୍‌ର ପ୍ରତିନିଧିମାନେ ଉପସ୍ଥିତ ଥିଲେ ।

# ଆଜିର ଭଲମନ୍ଦ



ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଆ ପାଞ୍ଜି ଗଣନାକାର)
ମୋବାଇଲ୍-୯୩୩୭୬୯୩୦୨୨
csnastrology@gmail.com

ଉଦୟକାଳୀନ ଗ୍ରହଚକ୍ର




**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୧ ସାଲ, ଶକାବ୍ଦଃ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୫, କଳିଯୁଗାବ୍ଦଃ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୭ଙ୍କ

**ତା୧୯।୫।୨୦୨୪, ଜ୍ୟେଷ୍ଠ ଦି୬ନ, ରବିବାର**

**ସୂର୍ଯ୍ୟୋଦୟ- ଘ୦୫।୧୦।୧୧** **ଚନ୍ଦ୍ରୋଦୟ- ଦିଘ ୨।୪୫।୦୮**

ଏକାଦଶୀ- ଦିଘ ୧।୫୧ ପର୍ଯ୍ୟନ୍ତ । ହସ୍ତା ନକ୍ଷତ୍ର- ରାଘ ୩।୧୬ ପର୍ଯ୍ୟନ୍ତ । କନ୍ୟା ଚନ୍ଦ୍ର- ଅହୋରାତ୍ର । **ଚନ୍ଦ୍ରଶୁଦ୍ଧି -** ମେଷ, କର୍କଟ, ସିଂହ, କନ୍ୟା, ବିଛା, ଧନୁ, ମକର ଓ ମୀନ ରାଶିର । **ଘାତଚନ୍ଦ୍ର-** ବୃଷ ରାଶିର । **ଶ୍ରାଦ୍ଧ ନିର୍ଣ୍ଣୟ-** ଏକାଦଶୀର ଏକୋଦ୍ଦିଷ୍ଟ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ଶିମ୍ବ ଦିଘ ୧।୫୧ ପରେ ପୋଇଶାଗ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୬।୫୭ ଗତେ ଦିଘ ୯।୩୩ ମଧ୍ୟେ ଦିଘ ୧।୨୧ ଗତେ ଘ ୨।୪୬ ମଧ୍ୟେ । **ପର୍ବୋତ୍ସବ-** ମୋହିନୀ ଏକାଦଶୀ, ରବିନାରାୟଣ ବ୍ରତ ।

**ମେଷ:** ସତ କଥା କହି ନିଜର ଲୋକଙ୍କ ପାଖରେ ବିରୋଧି ହେବେ । ଆୟ ଠାରୁ ବ୍ୟୟର ପରିମାଣ ଅଧିକ ହେବ । ଘରେ କଳହ ଦେଖାଦେଇପାରେ । ବନ୍ଧୁଙ୍କ ସହ ମତାନ୍ତର ଓ ଅସହଯୋଗ ଦେଖାଦେବ ।

**ବୃଷ:** କର୍ମକ୍ଷେତ୍ରରେ ସହକର୍ମୀଙ୍କ ଅସହଯୋଗ ଦେଖାଦେବ । ଆୟ ଓ ବ୍ୟୟ ସମାନ ରହିବ । ଘରେ ଅଶାନ୍ତିର ବାତାବରଣ ରହିବ । ମାନସିକ ଅଶାନ୍ତି ମନକୁ ଭାରାକ୍ରାନ୍ତ କରିବ ।

**ମିଥୁନ:** ଆୟ ଯୋଗର ସମ୍ଭାବନା । ଶତ୍ରୁ ନାଶ ହେବେ । ଦେହ ଓ ମନ ଭଲ ରହିବ । ପରୋପକାରୀ ହେବେ । ପାରିବାରିକ ସୁଖ ଶାନ୍ତି ବିରାଜମାନ କରିବ । ମହିଳାମାନେ ସୁଖୀ ହେବାର ସୂଚନା ।

**କର୍କଟ:** ଶରୀରରେ ସାମାନ୍ୟ ପୀଡ଼ା ଦେଖାଦେଇପାରେ । ଶୁଭ କାର୍ଯ୍ୟ ନିମନ୍ତେ ଦିନଟି ଅନୁକୂଳ ଅଟେ । ଦାମ୍ପତ୍ୟ ଜୀବନ ସୁଖମୟ ହେବ । ରୋଜଗାର ଭଲ ହେବ । ଦୂରଯାତ୍ରା କରି ସଫଳତା ହାସଲ କରିବେ ।

**ସିଂହ:** ଶୁଭ ଖବର ପାଇ ଆନନ୍ଦିତ ହେବେ । କର୍ମକ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ । ଆର୍ଥିକ ସ୍ଥିତି ଭଲ ରହିବ । ପାରିବାରିକ ସୁଖ ଶାନ୍ତି ଅକ୍ଷୁର୍ଣ୍ଣ ରହିବ । କଚେରି ମାମଲାରେ ଶୁଣାଣି ବିଳମ୍ବ ହେବ ।

**କନ୍ୟା:** ଆଜି ଆପଣଙ୍କର ଦିନଟି ଆନନ୍ଦରେ କଟିବ । ବ୍ୟବସାୟରେ ଲାଭବାନ୍ ହେବେ । ରୋଜଗାରର ପରିମାଣ ବଢ଼ିବ । ଘରେ ଆନନ୍ଦ ଦେଖାଦେବ । ବନ୍ଧୁଙ୍କ ସହ ଆମୋଦ ପ୍ରମୋଦରେ ଦିନଟି କଟିପାରେ ।

**ତୁଳା:** ଦୂର ସ୍ଥାନକୁ ଯିବା ପାଇଁ ବାଧ ହେବେ । ଆର୍ଥିକ କ୍ଷେତ୍ରରେ ଉନ୍ନତି ଘଟିବ । ବାଣିଜ୍ୟ କ୍ଷେତ୍ରରେ ଲାଭବାନ୍ ହେବେ । ଘରେ ଆନନ୍ଦ ଦେଖାଦେବ । ମହିଳାମାନେ ସୁଖୀ ହେବେ ।

**ବିଛା:** ଦାମ୍ପତ୍ୟ ଜୀବନ ସୁଖମୟ ହେବ । ମାନସିକ ଶାନ୍ତି ଅବ୍ୟାହତ ରହିବ । ଅଟକି ରହିଥିବା କାର୍ଯ୍ୟଟି ସମ୍ପୂର୍ଣ୍ଣ ହେବ । ଶରୀର ସୁସ୍ଥ ରହିବ । ଆୟ ଓ ବ୍ୟୟ ସମାନ ରହିବାର ସୂଚନା ।

**ଧନୁ:** ପରିଶ୍ରମ ତୁଳନାରେ ପାରିଶ୍ରମିକ ମିଳିବ ନାହିଁ । ମାନସିକ ଅଶାନ୍ତି ମନକୁ ବିଚଳିତ କରିବ । ଆୟ ଠାରୁ ବ୍ୟୟର ମାତ୍ରା ଅଧିକ ହେବ । ପରିବାରରେ ପିଲାଙ୍କ ପାଇଁ ଚିନ୍ତିତ ହେବେ ।

**ମକର:** ଆଜି ଆପଣଙ୍କର ସମସ୍ତ କାର୍ଯ୍ୟ ସୁରୁଖୁରୁରେ ସମ୍ପାଦନ ହେବ । ପରୋପକାର କରି ଆନନ୍ଦି ହେବେ । ମନ ଭଲ ରହିବ । ରୋଜଗାର ଭଲ ହେବ । ଘରେ ଶାନ୍ତି ଲାଭ ହେବ ।

**କୁମ୍ଭ:** କର୍ମକ୍ଷେତ୍ରରେ ଆତ୍ମ ସନ୍ତୋଷ ଲାଭ କରିବେ । ପାରିବାରିକ ଶାନ୍ତି ଅବ୍ୟାହତ ରହିବ । ଆୟ ମଧ୍ୟମ ଧରଣର ହେବ । ଦେବ ଦର୍ଶନ ସହିତ ସେବା ପୂଜାର ସୁଯୋଗ ମଧ୍ୟ ଜୁଟିପାରେ ।

**ମୀନ:** ସାମାଜିକ ସ୍ତରରେ ମାନ ସମ୍ମାନ ବଢ଼ିବ । କର୍ମକ୍ଷେତ୍ରରେ ଶୁଭଫଳ ପାଇବେ । ପାରିବାରିକ ଶାନ୍ତି ମିଳିବ । ମାଲିମୋକଦ୍ଦମାରେ ଶୁଣାଣି ବିଳମ୍ବ ହେବ । ପିଲାମାନେ ପଢ଼ାପଢ଼ିରେ ମନ ଦେବେ ।

# ୨୫,୨୬,୨୭ରେ ବୟସ୍କ ଓ ଦିବ୍ୟାଙ୍ଗମାନେ ଭୋଟ୍ ଦେବେ

**ଧର୍ମଶାଳା, ନ୍ୟୁଜ୍ ବ୍ୟୁରୋ**

ଧର୍ମଶାଳା ନିର୍ବାଚନ ମଣ୍ଡଳୀର ୨୬୪ଟି ବୁଥ୍‌ରେ ୨ ଲକ୍ଷ ୩୧ ହଜାର ୪୬୪ ଜଣ ଭୋଟର ଆସନ୍ତା ନିର୍ବାଚନରେ ମତଦାନ କରିବେ । ଏଥି ମଧ୍ୟରୁ ୧୩୩ ଜଣ ବୟସ୍କ (୮୫ ବର୍ଷରୁ ଉର୍ଦ୍ଧ୍ୱ) ଓ ୨୬ ଜଣ ଦିବ୍ୟାଙ୍ଗ ମୋଟ ୧୫୯ ଜଣ ଭୋଟର ଘରେ ରହି ଏଭିଏମ୍‌ରେ ମତଦାନ କରିବେ । ଏହି ମତଦାନ ପାଇଁ ନିର୍ବାଚନ କମିଶନଙ୍କ ପକ୍ଷରୁ ସ୍ୱତନ୍ତ୍ର ପୋଲିଂପାର୍ଟି ନିଯୁକ୍ତି କରାଯାଇଛି । ପୋଲିଂପାର୍ଟି ଏଭିଏମ୍ ସହ ଭୋଟରଙ୍କ ଘରେ ପହଞ୍ଚି ମତଦାନ ସଂଗ୍ରହ କରିବେ ବୋଲି ବ୍ଲକ ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି ।

# ଆଗାମୀ କାଲିର ପଞ୍ଜିକା

**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୧ ସାଲ, ଶକାବ୍ଦଃ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୫, କଳିଯୁଗାବ୍ଦଃ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୭ଙ୍କ

**ତା୨୦।୫।୨୦୨୪, ଜ୍ୟେଷ୍ଠ ଦି୭ନ, ସୋମବାର**

**ସୂର୍ଯ୍ୟୋଦୟ- ଘ୦୫।୦୯।୫୨** **ଚନ୍ଦ୍ରୋଦୟ- ଦିଘ ୩।୩୩।୧୫**

ଦ୍ୱାଦଶୀ- ଦିଘ ୩।୫୯ ପର୍ଯ୍ୟନ୍ତ । ଚିତ୍ରା ନକ୍ଷତ୍ର- ଅହୋରାତ୍ର । କନ୍ୟା ଚନ୍ଦ୍ର- ଦିଘ ୪।୩୪ ପର୍ଯ୍ୟନ୍ତ । **ଚନ୍ଦ୍ରଶୁଦ୍ଧି -** ମେଷ, କର୍କଟ, ସିଂହ, କନ୍ୟା, ବିଛା, ଧନୁ, ମକର ଓ ମୀନ ରାଶିର । ଦିଘ ୪।୩୪ ଗତେ ମେଷ, ବୃଷ, ମିଥୁନ, ସିଂହ, କନ୍ୟା, ତୁଳା, ଧନୁ, ମକର ଓ କୁମ୍ଭ ରାଶିର । **ଘାତଚନ୍ଦ୍ର-** ଦିଘ ୪।୩୪ ମଧ୍ୟେ ବୃଷ ରାଶିର । **ଶ୍ରାଦ୍ଧ ନିର୍ଣ୍ଣୟ-** ଦ୍ୱାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ପୋଇ ଦିଘ ୩।୫୯ ପରେ ବାଇଗଣ ଖାଇବା ମନା । **ଆଜିର ଶୁଭବେଳା-** ଦିଘ ୮।୪୧ ଗତେ ଘ ୧୦।୨୫ ମଧ୍ୟେ ରାଘ ୯।୧୦ ଗତେ ଘ ୧୦।୨୦ ମଧ୍ୟେ ।

## ସମ୍ପାଦକୀୟ

# ମହାଜାଗତିକ ପରିବର୍ତ୍ତନ

ସୂର୍ଯ୍ୟ ଓ ପୃଥିବୀର ଦୂରତାକୁ ନେଇ ପୃଥିବୀ ବାସୀଙ୍କ ପାଇଁ ଏକ ମହାଜାଗତିକ ଅନୁଭବ ଉପଲବ୍ଧ ହେଉଛି ଚଳିତ ସପ୍ତାହରେ। ଏହି ଦୂରତ୍ୱ ସାଧାରଣ ଦୂରତ୍ୱ ଠାରୁ ଅଧିକ ହେବା ଯୋଗୁଁ ପୃଥିବୀ ଉପରେ ଏହାର ଶୀତଳ ପ୍ରଭାବ ଅନୁଭବ ହେବ। ଏହି ମହାଜାଗତିକ ପାରିପର୍ଶ୍ୱିକ ଅବସ୍ଥାନ ଚଳିତ ମାସ ୨୩ ତାରିଖ ଠାରୁ ଆରମ୍ଭ ହୋଇଛି। ଏହାର ଅନୁଭବ ମାର୍ଚ୍ଚ ମାସ ୩୦ ତାରିଖ ପର୍ଯ୍ୟନ୍ତ ରହିବ। ଏହାକୁ ଆଫେଲିଆନ ଇଭେଣ୍ଟ କୁହାଯାଏ। ଜଳବାୟୁ ଉପରେ ଏହାର ପ୍ରଭାବ ହେତୁ ଏହା ଦ୍ୱାରା ଥଣ୍ଡା, କାଶ, ଶ୍ୱାସରେ ଆକ୍ରାନ୍ତ ହେବାର ସମ୍ଭାବନା ରହିଛି। ପୃଥିବୀ ଠାରୁ ସୂର୍ଯ୍ୟଙ୍କ ଦୂରତା ହେଉଛି ୫ ଆଲୋକ ମିନିଟ ଅର୍ଥାତ୍ ୯୦,୦୦୦,୦୦୦ କିଲୋମିଟର। ଆଫେଲିଆନ ଇଭେଣ୍ଟ ଆମକୁ ସୂର୍ଯ୍ୟଠାରୁ ୧୫୨,୦୦୦,୦୦୦ କିଲୋମିଟର ଅର୍ଥାତ ୬୬% ପ୍ରତିଶତ ଦୂରତାକୁ ନେଇଥାଏ। ତେଣୁ ଅସ୍ୱାଭାବିକ ଥଣ୍ଡା ଅନୁଭୂତ ହୁଏ। ଗତ ଜୁଲାଇରୁ ଦକ୍ଷିଣ ପଶ୍ଚିମ ମୌସୁମୀ ହେତୁ ବାୟୁରେ ଆର୍ଦ୍ରତା ଫେବୃଆରୀ ମାସରେ ଶେଷ ହେବା ପରିବର୍ତ୍ତେ ମାର୍ଚ୍ଚ ଶେଷ ପର୍ଯ୍ୟନ୍ତ ବୃଦ୍ଧି ପାଇବ। ବୟସ୍କ ଲୋକଙ୍କ ପାଇଁ ଏହି ପରିବର୍ତ୍ତନ ବିଶେଷ ସହାୟକ ହେବ ନାହିଁ। ଶ୍ୱାସ ରୋଗୀମାନେ ମଧ୍ୟ ଏହାର ପ୍ରଭାବରୁ କଷ୍ଟ ପାଇବେ। ସମସ୍ତେ ଏଥିପାଇଁ ସତର୍କ ରହିବା ଜରୁରୀ।

## ଶ୍ରୀଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ


ଶ୍ରୀ ଅଭିରାମ ସରସ୍ୱତୀ

### ସତ୍ୟ ଭାଗବତ
**ପ୍ରଥମ ଅଧ୍ୟାୟ**
**ଓଁ ନାମ ମହାତ୍ମ୍ୟ**

ଦୃଢତାରେ ଗୁରୁନାମ
ଧର ଏକାଗ୍ରତେ
ମୋହ ମାୟା ଛାଡିହୃଦୁ
ନାମ ଧର ଚିତ୍ତେ (୧୬୮)

ଶୟନେ ସ୍ୱପନେ ଗୁରୁ
ସଦା ଜଗିଛନ୍ତି
ଲୟାଙ୍ଗରେ ହେତୁକର
ସେହି ରୂପକାନ୍ତି (୧୬୯)

ଗୁଣକୁ ତୁ ରୂପ ମଧ୍ୟେ
ସ୍ଥାପନ କରିବୁ
ସର୍ବ ଗୁରୁ ମୟ ବୋଲି
ଜ୍ଞାନ ଧରିଥିବୁ (୧୭୦)

ପୂଜା ମୂଳ ଗୁରୁ ମୂର୍ତ୍ତି
ଧ୍ୟାନ ମୂଳ ଗୁରୁ
ଜ୍ଞାନ ମୂଳ ଗୁରୁ କୃପା
ବାକ୍ୟ ମୂଳ ଗୁରୁ (୧୭୧)

ଜଗତଟି ଜଗନ୍ନାଥ
ମନରେ ଭାବିବୁ
ହୃଦୟରେ କପଟକୁ
ସର୍ବଦା ତେଜିବୁ (୧୭୨)

ଭକତର ସ୍ୱଭାବଟି
ଭଗବାନ ତତ୍ତ୍ୱ
କପଟିର କପଟତା
ତା'ର ହୃଦ ତତ୍ତ୍ୱ (୧୭୩)

ଯେଉଁ ପରି ହୃଦୟର
ଭାବଟି ହୋଇବ
ସେହିପରି ମହାପ୍ରଭୁ
ଫଳ ତାକୁ ଦେବ (୧୭୪)

ସୁଚିନ୍ତାରେ ଫଳ ଗୋଟି
ସୁଫଳ ହୋଇବ
କୁଚିନ୍ତାରେ ଫଳ ଗୋଟି
କାଳ ପାଳଟିବ (୧୭୫)

(କ୍ରମଶଃ)

# ବାର୍ତ୍ତାମୁଖୀ ସମାଲୋଚନା ଓ 'ଉତ୍କଳ ଦୀପିକା'

ଡକ୍ଟର ବୈଷ୍ଣବ ଚରଣ ସାମଲ

ଓଡ଼ିଆ ସାହିତ୍ୟରେ ସମାଲେଚନାର ବିଧିବଦ୍ଧ ବକାଶ ପୂର୍ବରୁ ସର୍ବ ପ୍ରଥମେ ଉତ୍କଳ ଦୀପିକାରେ ବାର୍ତ୍ତାମୁଖୀ ସମାଲୋଚନାର ଧାରା ଆରମ୍ଭ ହୋଇଥିଲା । ଏହି ଧାରା ପରବର୍ତ୍ତୀ କାଳରେ ବାଲେଶ୍ୱର ସମ୍ବାଦ ବାହିକା, ଉତ୍କଳ ପୁତ୍ର, ଓଡ଼ିଆ ଓ ନବ ସମ୍ବାଦ ପତ୍ର ପତ୍ରିକାରେ ପ୍ରଚଳିତ ହୋଇଥିଲା। ପ୍ରାଚୀନ ସାହିତ୍ୟ ସଂପର୍କରେ ଯେପରି ଏ ସବୁ ପତ୍ରିକାମାନ ସଂକ୍ଷିପ୍ତ ସମାଲେଚନା ସାମ୍ବାଦିକ ଶୈଳୀରେ ପ୍ରକାଶ କରୁଥିଲେ ସେହିପରି ମଧ୍ୟ ସମସାମୟିକ ସାହିତ୍ୟ ସୃଷ୍ଟି ସଂପର୍କରେ ନାନା ମନ୍ତବ୍ୟ ପ୍ରଦାନ କରୁଥିଲେ । ଏ ଦିଗରେ 'ଉତ୍କଳ ଦୀପିକା' ଥିଲା ଅଗ୍ର ସାରଥୀ । ବ୍ୟାସକବି ଫକୀର ମୋହନ ସେନାପତିଙ୍କ ପ୍ରାଥମିକ ସୃଷ୍ଟି ସଂପର୍କରେ ସର୍ବ ପ୍ରଥମେ 'କସ୍ୟ ବିଚାରକସ୍ୟ'ଙ୍କ ପତ୍ର ମାଧ୍ୟମରେ ଦୀପିକାରେ ସମାଲୋଚନା ପ୍ରକାଶ ପାଇଥିଲା । ୧୮୬୭ ମସିହା ଫେବୃୟାରୀ ୨୪ ତାରିଖ ସଂଖ୍ୟାରେ ଫକୀରମୋହନଙ୍କ 'ଜୀବନ ଚରିତ' ଗ୍ରନ୍ଥର ଭାଷା ପ୍ରୟୋଗ ବିଧି, ବାକ୍ୟ ଗଠନ ଶୈଳୀ ଇତ୍ୟାଦି ବିଷୟରେ ସମାଲେଚନା କରିଯାଇଅଛି । ତାଙ୍କର ଭାଷା ଓ ବାକ୍ୟ ଗଠନରେ ବଙ୍ଗଳା ଭାଷାର ବହୁଳ ପ୍ରଭାବ ସମାଲୋଚକ ଦେଖାଇ ଅଛନ୍ତି । ଏହି ସମୟରୁହିଁ ଓଡ଼ିଆ ସମାଲୋଚନାର ଆରମ୍ଭ ହୋଇଅଛି । ପରେ ଫକୀରମୋହନ ନିଜର ଭାଷା ପ୍ରୟୋଗ ସଂପର୍କରେ ସତର୍କ ହେଲେ ଏବଂ ତାଙ୍କର ସାହିତ୍ୟ ହେଲା ଆଧୁନିକ ଓଡ଼ିଆ ସାହିତ୍ୟର ପ୍ରଧାନ ପ୍ରେରଣା । 'ଉତ୍କଳ ଦୀପିକା' ଏହି ବାର୍ତ୍ତାମୁଖୀ ସମାଲୋଚନା ମାଧ୍ୟମରେ ପରବର୍ତ୍ତୀ କାଳର ବିଭିନ୍ନ ସାହିତ୍ୟିକ କୃତି ସଂପର୍କରେ ପ୍ରକାଶ କରିଥିବା ଦେଖାଯାଏ । ପ୍ରାଚୀନ ସାହିତ୍ୟ ସଂପର୍କରେ ଯେପରି ଏହା ମନ୍ତବ୍ୟ ପ୍ରକାଶ କରିଅଛି ସେହିପର ମଧ୍ୟ ଆଧୁନିକ ଯୁଗରେ ରଚିତ ବିଭିନ୍ନ ଗ୍ରନ୍ଥମାନଙ୍କ ବିଷୟରେ ସୁଚିନ୍ତିତ ମନ୍ତବ୍ୟ ପ୍ରକାଶ କରିଅଛି । 'ଉତ୍କଳ ଦୀପିକା'ର ମନ୍ତବ୍ୟ ଥିଲା ସେ କାଳର ନୂତନ ସୃଷ୍ଟ ସାହିତ୍ୟ ପ୍ରତି ଏକ ଯଥାର୍ଥ ଦିଗ୍‌ଦର୍ଶକ। ଓଡ଼ିଆ ଯାତ୍ର ଓ ନାଟକ ସଂପର୍କରେ ଉତ୍କଳ ଦୀପିକା ମଧ୍ୟ ବିଭିନ୍ନ ସମୟରେ ନାନା ମନ୍ତବ୍ୟ ପ୍ରକାଶ କରିଅଛି । ଓଡ଼ିଆ ଯାତ୍ରା ସଂପର୍କରେ ଦୀପିକା ଲେଖିଥିଲେ— ''ସଂପ୍ରତି ଓଡ଼ିଶାରେ ଯାହା ଯାତ୍ରା ନାମରେ ଖ୍ୟାତ ହୋଇଅଛି ଓ ଯାହାକୁ ନିରୂପାୟ ହୋଇ ଭଦ୍ରଲୋକମାନେ ପର୍ବ ବିଶେଷରେ ଦେଖିବାକୁ ବାଧ ହେଉଛନ୍ତି ତାହା ଅତ୍ୟନ୍ତ ଘୃଣିତ ଓ ତହିଁରେ ଓଡ଼ିଶାର ରୁଚିର, ନିତାନ୍ତ କୁତ୍ସିତ ପରିଚୟ ପ୍ରାପ୍ତ ହୁଅଇ । ବଙ୍ଗଭାଷାରେ ହେଉ ପଛକେ ବାଲେଶ୍ୱରର ଓଡ଼ିଆମାନେ ଯେ ଏ ବ୍ୟବସାୟରେ ପ୍ରବୃତ୍ତ ହୋଇ ଅଛନ୍ତି ଏହାକୁ ଅମ୍ଭେମାନେ ଗୋଟିଏ ଶୁଭ ଲକ୍ଷଣ ବୋଲ ଅତ୍ୟନ୍ତ ଆଦର କରୁଅଛୁ। ଆମ୍ଭେମାନେ ଭରସା କରୁ ଯେ ଓଡ଼ିଆବାସୀମାନେ ଏହାକୁ ପ୍ରଚୁର ପଶମାଣରେ ଉତ୍ସାହ ଓ ସ୍ୱଦେଶାନୁରାଗୀ ମହାଶୟ ମାନେ ଏହାକୁ ସତ ପରାମର୍ଶ ଦେଇ ଓଡ଼ିଆ ଯାତ୍ରା କରିବାକୁ ପ୍ରବୃତ୍ତ କରିବେ । ଶିକ୍ଷିତ ଓ ହିତୈଷି ଲୋକଙ୍କ ସାହାଯ୍ୟ ବିନା ଏସବୁ ବ୍ୟାପାର ସାଧନ ହୋଇ ନ ପାରେ ।"(୧୧) ଏହି ସମାଲୋଚନା ସାମ୍ବାଦିକୀ। ତଥାପି ଏଥିରୁ ଓଡ଼ିଆ ଯାତ୍ରାର ସଂସ୍କାର ସଂପର୍କରେ ପ୍ରେରଣା ମିଳିଥାଏ । ପୁନଶ୍ଚ ଦୀପିକା, ଯାତ୍ରା ସଂପର୍କରେ ଲେଖିଥିଲେ—'ବର୍ତ୍ତମାନ ଓଡ଼ିଶାରେ ଯାହାକୁ ଯାତ୍ରା ବୋଲାଯାଏ ତାହା ରାମଲୀଳା, କୃଷ୍ଣଲୀଳା, ସୁଭଦ୍ରାହରଣ ପ୍ରଭୃତ ଅଟେ । ପ୍ରଥମ ଦିଯୋଟି ବହୁତ ସ୍ଥଳରେ ଦେଖାଯାଏ, ଏମନ୍ତକି କଟକ ଜିଲ୍ଲାର ପ୍ରତି ବଡ ବଡ ଗ୍ରାମରେ ଏଥର ଏକ ଏକ ଆଖଡ଼ା ଅଛି । ସୁଭଦ୍ରା ହରଣ କେବଳ ଭଦରଖିଆମାନେ କରନ୍ତି ମାତ୍ର ଆମ୍ଭେମାନେ ଯେତେଦୂର ଦେଖି ଅଛୁ କୌଣସି ଯାତ୍ରାରେ ସଙ୍ଗୀତର ବାସନା ସୁଦ୍ଧା ପାଇନାହୁଁ ଏବଂ ଆମ୍ଭମାନଙ୍କ ବିଶ୍ୱାସ ଏହି ଯେ ସଙ୍ଗୀତ କାହାକୁ ବୋଲାଯାଏ ଯାତ୍ରାବାଲାମାନେ ଜାଣନ୍ତି ନାହିଁ କେବଳ ସଜବେଶ ହୋଇ ଗୁଡାଏ ପୋଥି ବୋଲନ୍ତି ବା କଥାବାର୍ତ୍ତା କରନ୍ତି ଓ ନାନା ପ୍ରକାର, କଦର୍ଯ୍ୟ ଓ ଭଣ୍ଡରୂପ ଦେଖାଇ ଓ ଅଶ୍ଳୀଳ ବାକ୍ୟ ଉଚ୍ଚାରଣ କରି ଦର୍ଶକମାନଙ୍କୁ ସନ୍ତୁଷ୍ଟ କରନ୍ତି । ସଙ୍ଗୀତ ସହକାରେ ଯାତ୍ରା କରିବା ଆଦୌ ଏଠାରେ ଲୋକେ ଜାଣନ୍ତି ନାହିଁ ।" ଓଡ଼ିଆ ଯାତ୍ରା, ଲୀଳା ଓ ଗୀତନାଟକ 'ଗୋପୀନାଥ ବଲ୍ଲଭ' ସମ୍ପର୍କରେ ମଧ୍ୟ ଆଦ୍ୟ ସମାଲୋଚନା ଦୀପିକାରୁ ଦେଖିବାକୁ ମିଳଥାଏ । 'ବାବାଜୀ' ନାଟକ ତଥା 'କାଞ୍ଚି କାବେରୀ' ନାଟକ ସମ୍ପର୍କରେ 'ଦୀପିକା' ସୁଚିନ୍ତିତ ମନ୍ତବ୍ୟ ପ୍ରକାଶ କରିଅଛି। ବାବୁ ଜଗମୋହନ ଲାଲଙ୍କ ରଚିତ ଓ କଟକ ପ୍ରିଣ୍ଟିଂ କମ୍ପାନୀ ଦ୍ୱାରା ମୁଦ୍ରିତ ବାବାଜୀ ନାଟକ ସମ୍ପର୍କରେ ଦୀପିକା କହନ୍ତି – 'ଆମ୍ଭେମାନେ ଏ ପୁସ୍ତକ ଖଣ୍ଡି ଅତ୍ୟନ୍ତ ସମାଜର ସହିତ ଗ୍ରହଣ କରିଅଛୁ । ଓଡିଆ ଭାଷାରେ ଏ ପର୍ଯ୍ୟନ୍ତ ନାଟକ ରଚନା ହୋଇ ନଥିଲା। ଏହି ପୁସ୍ତକ ତହିଁର ପ୍ରଥମ ଉଦ୍ୟମ ଅଟଇ। (କ୍ରମଶଃ)

# ଓଡ଼ିଆ ସଂସ୍କୃତି ଓ ଜଗନ୍ନାଥ



ପ୍ରଦୀପ୍ତ କୁମାର ଜେନା
ଅବସରପ୍ରାପ୍ତ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ
ମୋ–୮୨୪୯୨୮୧୫୬୭

ଯେଉଁ ଦେଶର ଠାକୁର-ବଡ଼ ଠାକୁର, ଦାଣ୍ଡ-ବଡ଼ ଦାଣ୍ଡ, ପତାକା-ପତିତପାବନ, ପ୍ରସାଦ-ମହାପ୍ରସାଦ, ଯାହାର ସବୁ ବଡ଼ ସେହି ପୁରୁଷୋତ୍ତମ କ୍ଷେତ୍ରର ଅଧିପତି ଜଗତର ନାଥ ପ୍ରଭୁ ଜଗନ୍ନାଥ । ଜଗନ୍ନାଥ ସଂସ୍କୃତି ବିଶ୍ୱର ସବୁଠାରୁ ପ୍ରାଚୀନ ସଂସ୍କୃତି । ସୃଷ୍ଟି ଆରମ୍ଭରୁ ଏପରିକି ସତ୍ୟ ଯୁଗରୁ ପ୍ରଭୁ ଜଗନ୍ନାଥ, ବଳଭଦ୍ର, ଦେବୀ ସୁଭଦ୍ରା ଓ ସୁଦର୍ଶନ, ଏହି ଚତୁର୍ଦ୍ଧା ମୂର୍ତ୍ତି ପୁରୁଷୋତ୍ତମ କ୍ଷେତ୍ରରେ ଦାରୁବ୍ରହ୍ମ ରୂପରେ ପୂଜା ପାଇଆସୁଛନ୍ତି । ସନାତନ ସଂସ୍କୃତିର ମୂଳ ଗ୍ରନ୍ଥ ବେଦରେ ପ୍ରକୃତି ଏପରିକି ବୃକ୍ଷକୁ ଉପାସନା କରିବାର ପ୍ରଥା ପ୍ରଚଳିତ । ବୃକ୍ଷ ପୂଜ୍ୟ ବା ବୃକ୍ଷ ଭିତରେ ଈଶ୍ୱରଙ୍କ ସତ୍ତା ବିଦ୍ୟମାନ । ଏହି ଦର୍ଶନକୁ ବଳବତ୍ତର କରିବାକୁ ଯାଇ ଭଗବାନ ଦାରୁ ରୂପରେ ଆବିର୍ଭାବ ହୋଇଥିଲେ । ସନାତନ ସଂସ୍କୃତି ଓ ଜଗନ୍ନାଥ ସଂସ୍କୃତି ଭିତରେ କିଛି ପ୍ରଭେଦ ନାହିଁ । ଜଗନ୍ନାଥ ସଂସ୍କୃତିରେ ଓଡ଼ିଶାର ଖାଦ୍ୟପେୟ ପର୍ବପର୍ବାଣୀ, ପୋଷାକପରିଚ୍ଛଦ ଛଡା ନୃତ୍ୟ ସଂଗୀତ ଆଦିର ପ୍ରଭାବ ପରିଦୃଷ୍ଟ ହୋଇଥାଏ । ସନାତନ ସଂସ୍କୃତିର 'ବସୁଧୈବ କୁଟୁମ୍ବକମ୍' ଓ 'ସର୍ବେ ଭବନ୍ତୁ ସୁଖିନଃ' ଆଦର୍ଶର ଝଲକ ଜଗନ୍ନାଥ ସଂସ୍କୃତିର ବୈଶିଷ୍ଟ୍ୟ । ପ୍ରତ୍ୟେକ ମଣିଷ ଆବ୍ରାହ୍ମଚଣ୍ଡାଳ ସମସ୍ତଙ୍କ ଭିତରେ ପରମାତ୍ମା ଅଛନ୍ତି, କେହି ଘୃଣାର ପାତ୍ର ନୁହନ୍ତି । ପ୍ରଭୁ ଶବର ଜାତି ଦ୍ୱାରା ପ୍ରଦତ୍ତ ପ୍ରସାଦକୁ ଖାଇବାରେ କୁଣ୍ଠାବୋଧ କରନ୍ତିନାହିଁ କି ଦାସିଆ ବାଉରୀ ହାତରୁ ନଡ଼ିଆ ନେବାକୁ ମନା କରନ୍ତି ନାହିଁ । ଠିକ ସେହିଭଳି ଯବନ ସାଲବେଗର ଭକ୍ତିରେ ଆକର୍ଷିତ ହୋଇ ତାଙ୍କୁ ଦର୍ଶନ ଦେବାକୁ ମନା କରନ୍ତି ନାହିଁ। କୁହାଯାଏ ଜଗନ୍ନାଥ ଧାମରେ ଜାତି ନାହିଁ । ଚଣ୍ଡାଳର ଉଚ୍ଛିଷ୍ଟ ମହାପ୍ରସାଦ ବ୍ରାହ୍ମଣ ଖାଇବାରେ କୁଣ୍ଠାବୋଧ କରେ ନାହିଁ । ବିଶ୍ୱର ଏକମାତ୍ର ଧାମ ପୁରୁଷୋତ୍ତମ କ୍ଷେତ୍ର ପୁରୀ, ଯେଉଁଠି ଜଣେ ଅନ୍ୟ ଜଣଙ୍କର ଉଚ୍ଛିଷ୍ଟ ଖାଇବାକୁ ଇଚ୍ଛା କରିଥାଏ । ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସବୁ ମଣିଷ ସମାନ । ଏହି ବାର୍ତ୍ତା ହିଁ ଜଗନ୍ନାଥ ସଂସ୍କୃତିର ବୈଶିଷ୍ଟ୍ୟ । ଏହି ସଂସ୍କୃତି ସମାନତା, ଏକତା ଓ ଭାତୃତ୍ୱର ବାର୍ତ୍ତା ସମଗ୍ର ଜଗତକୁ ଦେଇଥାଏ । କୁହାଯାଏ 'ଗାଁ ପରିମଳ ଧୋବା ତୁଠରୁ' । ଠିକ ସେହିଭଳି ସଂସ୍କୃତି ଗୋଟିଏ ଜାତିର ପରିଚୟ । ଯେଉଁ ଦେଶର ସଂସ୍କୃତି ଯେତେ ମହାନ, ସେ ଦେଶ ସେତେ ସମୃଦ୍ଧ । ଗୋଟିଏ ଜାତିର ନୃତ୍ୟ, ସଂଗୀତ, ସାହିତ୍ୟ, କଳା, ସ୍ଥାପତ୍ୟ, ଭାସ୍କର୍ଯ୍ୟ, ପରମ୍ପରା, ବେଶପୋଷାକ, ଚାଲିଚଳନ, ସାମାଜିକ ବ୍ୟବସ୍ଥା ହେଉଛି ସଂସ୍କୃତିର ଅନ୍ତରଙ୍ଗ ବିଭବ। ଏହି ଜଗନ୍ନାଥ ସଂସ୍କୃତିରେ ଏକତା, ସମାନତା, ଶାନ୍ତିପୂର୍ଣ୍ଣ ସହାବସ୍ଥାନ ଓ ଭାତୃତ୍ୱର ବାଣୀ ସୁସ୍ପଷ୍ଟ । ସଂସ୍କୃତି କେବଳ ଜନହିତୈଷୀ ନୁହେଁ, ଏହା ବିଶ୍ୱହିତୈଷୀ । ସୃଷ୍ଟି ସ୍ଥିତି ଓ ପ୍ରଳୟର ଏକ ମାତ୍ର କର୍ତ୍ତା ପ୍ରଭୁ ଶ୍ରୀ ଜଗନ୍ନାଥ ପୁରୁଷୋତ୍ତମ କ୍ଷେତ୍ର ପୁରୀରେ ଲୀଳାଖେଳା କରୁଥିଲେ । ଭାରତର ଚାରି ଧାମ ମଧ୍ୟରୁ ପୁରୁଷୋତ୍ତମ ଧାମ ସବୁଠାରୁ ପ୍ରାଚୀନ ଓ ମହତ୍ୱପୂର୍ଣ୍ଣ ଧାମ । ପଦ୍ମ ପୁରାଣ ଓ ସ୍କନ୍ଦ ପୁରାଣରେ ଉଲ୍ଲେଖ ଅଛି ଯେ ପ୍ରଭୁ ପୁରୀ ମହୋଦଧି ଯେକି କ୍ଷୀର ସାଗର ନାମରେ ନାମିତ ଥିଲା, ସେହି ସାଗରର ମାଳିନୀ ଦୀପରେ ଶୟନ ମୁଦ୍ରାରେ ନୀଳମାଧବ ରୂପରେ ଅବସ୍ଥାନ କରୁଥିଲେ । ସ୍ୱୟଂ ମା' ଲକ୍ଷ୍ମୀ ପ୍ରଭୁଙ୍କ ପଦ ମଚାଳନ କରୁଥିବା ବେଳେ ଗରୁଡ଼ ଓ ସୁଦର୍ଶନ ପ୍ରଭୁଙ୍କ ନିକଟରେ ଉପସ୍ଥିତ ରହି ସ୍ତୁତି କରୁଥିଲେ । ପ୍ରତ୍ୟେକ ଦିନ ପ୍ରଭୁଙ୍କ ଦର୍ଶନ ଓ ପୂଜାର୍ଚ୍ଚନା ପାଇଁ ସ୍ୱର୍ଗରୁ ଦେବତା ମାନେ ଆସୁଥିଲେ ଓ ଦର୍ଶନ କରି ଫେରି ଯାଉଥିଲେ । ଆଜିର ଯେଉଁ ସ୍ଥାନକୁ ସ୍ୱର୍ଗଦ୍ୱାର କୁହାଯାଉଛି ସେହି ବାଟ ଦେଇ ଦେବତାମାନେ ଆସୁଥିବା କଥା ପୁରାଣରେ ଉଲ୍ଲେଖ ଅଛି । ସେହି ମାଳିନୀ ଦୀପରେ ଶବର ରାଜ ବିଶ୍ୱାବସୁ ଓ ତାଙ୍କ ପରିବାର ବସବାସ କରୁଥିଲେ । ବିଶ୍ୱାବସୁ ପ୍ରଭୁଙ୍କର ଜଣେ ପରମ ଭକ୍ତ ଥିଲେ। ସେ ପ୍ରତ୍ୟେକ ଦିନ ନୀଳମାଧବଙ୍କୁ ଦର୍ଶନ କରି ଦେବତା ମାନଙ୍କ ଦ୍ୱାରା ପ୍ରଦତ୍ତ□ ପୁଷ୍ପ ଓ ଭୋଗ ସାମଗ୍ରୀଗୁଡିକୁ ସଂଗ୍ରହ କରି ନେଉଥିଲେ ଓ ନିଜର ପରିଜନମାନଙ୍କ ମଧ୍ୟରେ ବଣ୍ଟନ କରୁଥିଲେ । ମାଳବର ରାଜା ଇନ୍ଦ୍ରଦ୍ୟୁମ୍ନ ଜଣେ ବିଷ୍ଣୁ ଭକ୍ତ ଥିଲେ। ସେ ବିଷ୍ଣୁଙ୍କୁ ଦର୍ଶନ କରିବା ପାଇଁ ଉତ୍କଣ୍ଠା ପ୍ରକାଶ କରିବାରୁ ସ୍ୱୟଂ ଭଗବାନ ଏକ ବୃଦ୍ଧ ବେଶରେ ଆସି ରାଜାଙ୍କୁ ଦେଖା କରି ପୁରୁଷୋତ୍ତମ କ୍ଷେତ୍ରରେ ଭଗବାନଙ୍କ ଦର୍ଶନ ମିଳିପାରିବ ବୋଲି କହିବାରେ ରାଜା ବିଦ୍ୟାପତିଙ୍କୁ ପୁରୀକୁ ପ୍ରେରଣ କଲେ । ବିଦ୍ୟାପତି ବିଶ୍ୱାବସୁଙ୍କ ସହାୟତାରେ ପ୍ରଭୁ ନୀଳମାଧବଙ୍କୁ ଦର୍ଶନ କରିବାର ସୁଯୋଗ ପାଇଥିଲେ । କିନ୍ତୁ ରାଜା ଇନ୍ଦ୍ରଦ୍ୟୁମ୍ନ ଭଗବାନଙ୍କ ଦର୍ଶନ ପାଇବ ପୂର୍ବରୁ ପ୍ରଭୁ ପାତଳୀ ହୋଇଯାଇଥିଲେ । ଏହାପରେ ଇନ୍ଦ୍ରଦ୍ୟୁମ୍ନ ଏକ ହଜାର ଅଶ୍ୱମେଧ ଯଜ୍ଞ କରିବା ପରେ ଶୂନ୍ୟବାଣୀ ପ୍ରାପ୍ତ ହେଲେ ଯେ ସେ ଆଉ ନୀଳମାଧବ ରୂପକୁ ଦର୍ଶନ କରିପାରିବେ ନାହିଁ । ପ୍ରଭୁ ଚତୁର୍ଦ୍ଧା ମୂର୍ତ୍ତି ଭାବେ ନୀଳାଚଳରେ ପୂଜା ପାଇବେ । ଶୂନ୍ୟବାଣୀ ପରେ ଏକ ଦାରୁ ଆସି ସମୁଦ୍ର ମୁହାଣରେ ଲାଗିଲା ଓ ସେହି ଦାରୁରୁ ଚତୁର୍ଦ୍ଧା ମୂର୍ତ୍ତି ତିଆରି କରାଗଲା । ରାଜା ଇନ୍ଦ୍ରଦ୍ୟୁମ୍ନ ମନ୍ଦିର ପ୍ରତିଷ୍ଠା କରି ସେଥିରେ ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ସ୍ଥାପନ କରିଥିଲେ ଯାହାକି ଆଜି ପର୍ଯ୍ୟନ୍ତ ସେହି ମୂର୍ତ୍ତି ପୂଜା ପ୍ରଚଳିତ ହୋଇ ଆସୁଅଛନ୍ତି । ଶ୍ରୀଜଗନ୍ନାଥ, ଶ୍ରୀ ବଳଭଦ୍ର, ଦେବୀ ସୁଭଦ୍ରା ଓ ସୁଦର୍ଶନ ଏହି ଚତୁର୍ଦ୍ଧା ମୂର୍ତ୍ତି ନୀଳମାଧବଙ୍କ ପରିବର୍ତ୍ତିତ ରୂପ । ଏହି ପବିତ୍ର ନୀଳାଚଳ ଧାମରେ ପ୍ରଭୁ ପ୍ରଥମ ଦର୍ଶନ ଦେଇଥିବାରୁ ତାହା ଏକ ପବିତ୍ର ବା ପୁଣ୍ୟକ୍ଷେତ୍ର। ଓଡିଶା ମାଟିରେ ପ୍ରଭୁ ବିଶ୍ୱନିୟନ୍ତା ପ୍ରକଟ ହୋଇଥିବାରୁ ଏହି ଭୂମି ପବିତ୍ର ଓ ତୀର୍ଥ କ୍ଷେତ୍ର । ଭଗବାନ ଜଗନ୍ନାଥ ଓଡ଼ିଶାର ମାଟି, ପାଣି, ପବନ, ସଂସ୍କୃତିକୁ ଆପଣାର କରିନେଇଛନ୍ତି । ଓଡ଼ିଶାର ସଂସ୍କୃତି, କଳା, ବେଶପୋଷାକ, ଖାଦ୍ୟପେୟ, ପର୍ବପର୍ବାଣି ସହିତ ଜଗନ୍ନାଥ ସଂସ୍କୃତି ଏକ ହୋଇଯାଇଛି । ଓଡ଼ିଶାର ସଂସ୍କୃତିକୁ ଜଗନ୍ନାଥ ସଂସ୍କୃତି କହିବାରେ କିଛି ଅସୁବିଧା ନାହିଁ । ଓଡ଼ିଶାରେ ଯେଭଳି ବାର ମାସରେ ତେର ପର୍ବ ପାଳନ କରାଯାଏ ଠିକ ସେଇଭଳି ଜଗନ୍ନାଥ ମନ୍ଦିରରେ ଓଡ଼ିଶାର ସମସ୍ତ ପର୍ବ ପର୍ବାଣୀ ପାଳିତ ହୋଇଥାଏ । ପଖାଳ ଯେଭଳି ଓଡ଼ିଆ ମାନଙ୍କ ପ୍ରିୟ ଖାଦ୍ୟ ଠିକ ସେଇଭଳି ପ୍ରଭୁଙ୍କ ନିକଟରେ ପଖାଳ ଲାଗି କରାଯାଏ । ଅଷ୍ଟମୀରେ ଏଣ୍ଡୁରି ପିଠା, ରଜରେ ପୋଡ଼ ପିଠା ମଧ୍ୟ ପ୍ରଭୁଙ୍କ ନିକଟରେ ଲାଗି ହୁଏ । ଓଡ଼ିଶାର ବିଭିନ୍ନ ପର୍ବ ପର୍ବାଣୀରେ ଯେଭଳି ଓଡ଼ିଆମାନେ ନୂତନ ବସ୍ତ୍ର ପରିଧାନ କରିଥାନ୍ତି ଠିକ୍ ସେଇଭଳି ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ବର୍ଷରେ ଏକାବନ ବେଶରେ ସଜ୍ଜିତ କରାଯାଇଥାଏ । ଓଡ଼ିଶା ପ୍ରସିଦ୍ଧ ପାଟ ସିଲ୍କ ବସ୍ତ୍ର ପ୍ରଭୁଙ୍କ ପ୍ରିୟ ବସ୍ତ୍ର । କିମ୍ବଦନ୍ତି ଅଛି ଯେ ଓଡ଼ିଶାର ଗଜପତିଙ୍କ ସମ୍ମାନ ରକ୍ଷା କରିବା ପାଇଁ କାଞ୍ଚି ବିଜୟରେ ପ୍ରଭୁ ପୁରୁଷୋତ୍ତମ ଦେବଙ୍କ ସହାୟତା କରିଥିଲେ । ପ୍ରଭୁ ବିଶ୍ୱ ନିୟନ୍ତା ହେଲେବି ଓଡ଼ିଶାକୁ ନିଜର ବୋଲି ଭାବୁଥିଲେ ଓ ସେ ଖାଣ୍ଟି ଓଡ଼ିଆ ବୋଲି ନିଜର ଖାଦ୍ୟପେୟ, ବେଶପୋଷାକରେ ପରିଚିତ ହୋଇଛନ୍ତି । ଓଡ଼ିଶୀ ଭଜନ, ଓଡ଼ିଶୀ ନୃତ୍ୟ ଶୁଣିବାକୁ ଓ ଦେଖିବାକୁ ଭଲ ପାଆନ୍ତି । ପ୍ରଭୁଙ୍କ ଶୟନ ପୂର୍ବରୁ ଦେବଦାସୀ ନୃତ୍ୟ ପ୍ରଦର୍ଶନ କରୁଥିଲେ । ମାଉସୀ ମା'ର ପୋଡ଼ ପିଠା ଖାଇବା ସହିତ ସମସ୍ତ ଭକ୍ତମାନଙ୍କୁ ଦର୍ଶନ ଦେବାକୁ ବର୍ଷରେ ଥରେ ଗୁଣ୍ଡିଚା ବିଜୟ କରନ୍ତି । ଶବର ବିଶ୍ୱାବସୁ ନୀଳମାଧବଙ୍କ ପୂଜା କରୁଥିବାରୁ ଓ ତାଙ୍କର ପରମ ଭକ୍ତ ଥିବାରୁ, ତାଙ୍କର ବଂଶଜମାନଙ୍କୁ ଜଗନ୍ନାଥଙ୍କ ସେବା କରିବାକୁ ସୁଯୋଗ ଦିଆଯାଇଛି । ସେମାନଙ୍କୁ ଦଇତାପତି ବୋଲି କୁହାଯାଏ । ପ୍ରଭୁଙ୍କୁ ଯେତେବେଳେ ଜ୍ୱର ହୁଏ ଓ ସେ ଅଣସର ଘରେ ରୁହନ୍ତି ସେତେବେଳେ ଦଇତାପତିମାନେ ପ୍ରଭୁଙ୍କ ନିକଟରେ ଫଳ ଭୋଗ ଲାଗି କରନ୍ତି । ରଥଯାତ୍ରାରୁ ପ୍ରଭୁ ବଡ଼ ଦେଉଳକୁ ଯେତେବେଳେ ଫେରି ଆସନ୍ତି ସେହି ସମୟରେ ଲକ୍ଷ୍ମୀ ସାଆନ୍ତାଣି ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ଦେଉଳ କବାଟ ବନ୍ଦ କରିଦିଅନ୍ତି। ଲକ୍ଷ୍ମୀ ଠାକୁରାଣୀଙ୍କ ମାନ ଭଞ୍ଜନ ପାଇଁ ଜଗନ୍ନାଥ ଓଡ଼ିଶାର ପ୍ରିୟ ରସଗୋଲା ଖାଇବାକୁ ଦେଇ ତାଙ୍କର ମାନ ଭଞ୍ଜନ କରିଥାନ୍ତି । ଓଡ଼ିଶାର ରସଗୋଲା ସଂସ୍କୃତିକୁ ଜଗନ୍ନାଥ ସଂସ୍କୃତି ସହିତ ଯୋଡ଼ି ଦିଆଯାଇଛି । ଜଗନ୍ନାଥ ବିଶ୍ୱର ଦେବତା ହେଲେବି ମନ୍ଦିରର ପୂଜକ ଓ ଦଇତାପତି କୁହନ୍ତି ଜଗନ୍ନାଥ ଆମ ଭାଇ । ସତେ ଯେପରି ଓଡିଶା ମାଟିରେ ଅବସ୍ଥାନ କରି ପ୍ରଭୁ ଚତୁର୍ଦ୍ଧା ମୂର୍ତ୍ତି ଖାଣ୍ଟି ଓଡ଼ିଆ ହେଇଯାଇଛନ୍ତି ଓ ମୋଟାମୋଟି କହିବାକୁ ଗଲେ ସନାତନ ସଂସ୍କୃତି ଓ ଓଡିଶା ସଂସ୍କୃତିର ମଧୁର ସମ୍ମିଶ୍ରଣ ଜଗନ୍ନାଥ ସଂସ୍କୃତିର ବୈଶିଷ୍ଟ୍ୟ ।

# ଦଶପଲ୍ଲା ଗଡ଼ରେ ଐତିହାସିକ ଲଙ୍କାପୋଡ଼ି ଯାତ୍ରା (୧)



ପବିତ୍ର ମୋହନ ବାରିକ
ଅଧ୍ୟାପକ, ଇତିହାସ ବିଭାଗ
ମଦନପୁର,
ମୋ–୮୮୯୫୧୯୦୪୭୫

ତତ୍‌କାଳୀନ ସମୟରେ ଚାରୋଟି ଦେଶୀୟ ରାଜ୍ୟ ବା ଗଡ଼ଜାତ ରାଜ୍ୟକୁ ନେଇ ବର୍ତ୍ତମାନର ନୟାଗଡ଼ ଜିଲ୍ଲା ଗଠିତ। ଖଣ୍ଡପଡ଼ା, ଦଶପଲ୍ଲା, ନୟାଗଡ଼ ଓ ରଣପୁର ଏହି ଚାରୋଟି ପୂର୍ବତନ ଗଡ଼ଜାତ ରାଜ୍ୟ ବର୍ତ୍ତମାନର ନୟାଗଡ଼ ଜିଲ୍ଲାରେ ଅନ୍ତର୍ଭୁକ୍ତ। ବ୍ରିଟଶ୍ ରାଜତ୍ୱ ସମୟରେ ଓଡ଼ିଶାର ୨୬ଟି ଗଡ଼ଜାତ ରାଜ୍ୟମାନଙ୍କ ମଧ୍ୟରେ ଏହି ଚାରୋଟି ଗଡ଼ଜାତର ପରିଚୟ ଓ ପ୍ରତିଷ୍ଠା ଥିଲା ସ୍ୱତନ୍ତ୍ର। ଏହି ଚାରୋଟି ଦେଶୀୟ ରାଜ୍ୟ ନିଜର କଳା, ସ୍ଥାପତ୍ୟ, ଦର୍ଶନ, ଇତିହାସ, ଶାସନ, ଧର୍ମ, ସାହିତ୍ୟ ଓ ସଂସ୍କୃତି ପ୍ରଭୃତିର ବିଭିନ୍ନ ଦିଗରେ ଯଥେଷ୍ଟ ଅବଦାନ ଓଡ଼ିଆ ଜାତି ପ୍ରତି ସମର୍ପିତ କରିଛନ୍ତି। ଏହି ଚାରୋଟି ଗଡ଼ଜାତ ସଂପର୍କରେ ବିଭିନ୍ନ ପ୍ରସଙ୍ଗରେ ସୁନ୍ଦର ବ୍ୟାଖ୍ୟା କରିଛନ୍ତି ନୟାଗଡ଼ର ରାଜକବି ଯଶସ୍ୱୀ ସାରସ୍ୱତ ସାଧକ ଉତ୍କଳ ଘଣ୍ଟ ଯଦୁମଣି ମହାପାତ୍ର । ଏହି ମର୍ମରେ କାଳଜୟୀ ସ୍ରଷ୍ଟା ଯଦୁମଣି ମହାପାତ୍ରଙ୍କର ଏକ ଉକ୍ତି–
'ଖଣ୍ଡା ଚକ-ଚକ-ଖଣ୍ଡ ପଡ଼ିଆ
ହାଣନ୍ତି ମାରନ୍ତି ଦଶପଲ୍ଲିଆ
ବାଘେଇ ବଂଶିୟ ନୟାଗଡ଼ିଆ
କଉଡ଼ି ଗଣନ୍ତି ରଣପୁରିଆ'।।
କହିବା ବାହୁଲ୍ୟ ଏହି ଚାରୋଟି ଗଡଜାତ ରାଜ୍ୟ ନିଜସ୍ୱ ସାଂସ୍କୃତିକୁ ବିଭବ ପାଇଁ ଯଥେଷ୍ଟ ଗୌରବର ଅଧିକାରୀ ହୋଇଛନ୍ତି। ଇଂରେଜ ପ୍ରଶାସକ ତଥା ଗବେଷକ ହଣ୍ଟର ସାହେବ ଓ ରେମେସି ସାହେବଙ୍କ ରଚିତ ଗଡଜାତ ସମ୍ବନ୍ଧୀୟ ପୁସ୍ତକରେ ଉଲ୍ଲେଖ କରିଛନ୍ତି ଗଡଜାତ ପୂର୍ବରୁ ନୟାଗଡ ଓ ଦଶପଲ୍ଲା ଖୋର୍ଦ୍ଧା ଗଜପତି ରାଜାଙ୍କ ସାମନ୍ତ ରାଜା ରଣପୁର ଓ ବୌଦ୍ଧ ଅଧିନସ୍ଥ ଦଳପତି ରୂପେ କାର୍ଯ୍ୟ କରୁଥିଲେ। ଦୁଇ ଇଂରେଜ ବିଦ୍ୱାନଙ୍କ ଲିଖିତ ତଥ୍ୟ ଅନୁଯାୟୀ ଏହି ଗଡଜାତରେ କିଛି ଡମ ଗଡିତିଆ ଓ ମଲ୍ଲ ଦଳପତିମାନେ ଶାସନ କରୁଥିଲେ। ସାଧାରଣରେ ସେମାନେ ରାଜା ଉପାଧିରେ ବିଭୂଷିତ ଥିଲେ। ନୟାଗଡ ଓ ଦଶପଲ୍ଲା ଯଥାକ୍ରମେ ରଣପୁର ଓ ବୌଦ୍ଧ ରାଜାଙ୍କ ଅଧିନସ୍ଥ ଦଳପତି ଥିଲେ। କୁଞ୍ଜମଲ୍ଲ ନାମକ ଜଣେ ଗଡତିଆ ଦଳପତିଙ୍କ ଅଧିନରେ ଓ ନେତୃତ୍ୱରେ ଦଶପଲ୍ଲା ଶାସିତ ହେଉଥିଲା। ବୌଦ୍ଧ ଗଡର ରାଜାଙ୍କ ସାନଭାଇ ଶାଳଭଞ୍ଜ କୌଣସି ପାରିବାରିକ କଳହ ପାଇଁ ୧୪୯୫ରେ ଗଡ ତ୍ୟାଗ କରି ଶ୍ରୀକ୍ଷେତ୍ର ପରେ ଦଶପଲ୍ଲାରେ ବରମୂଳ ଏବଂ ପରେ ଗଣିଆରେ ଅବସ୍ଥାନ କରିଥିଲେ। ଶାଳଭଞ୍ଜ ନୟାଗଡ ରାଜାଙ୍କ ଠାରୁ କିଛି ଅଞ୍ଚଳ ଉପହାର ସ୍ୱରୂପ ପାଇ ଏକ ନୂତନ ଗଡସ୍ଥାପନ କଲେ ଯାହ ବର୍ତ୍ତମାନ ପୁରୁଣା ଦଶପଲ୍ଲା ଗଡ ବୋଲି କୁହାଯାଇ ଅଛି। ପଦ୍ମନାଭ ଭଞ୍ଜ ପରବର୍ତ୍ତୀ ସମୟରେ ଏକ ନୂତନ ଗଡ ସ୍ଥାପନ କଲେ ଯାହାକୁ ବର୍ତ୍ତମାନ ଦଶପଲ୍ଲା ଗଡ ବୋଲି କୁହାଯାଉ ଅଛି। ଦଶପଲ୍ଲାର ସ୍ଥାପନ ସଂପର୍କରେ ଏକ ଚିତ୍ତାକର୍ଷକ ଲୋକ କଥା ଶୁଣିବାକୁ ମିଳେ। କୁଞ୍ଜ ମଲ୍ଲିକ ନାମକ ଜଣେ ଗଡତିଆଙ୍କ ଦ୍ୱାରା ଦଶପଲ୍ଲା ଶାସିତ ହେଉଥିଲା। ତାଙ୍କ ଅଧିନରେ ୧୦ ଜଣ ମଲ୍ଲ ୧୦ଟି ପଲ୍ଲୀର ମୁଖ୍ୟ ରୂପେ ଅବସ୍ଥାପିତ ଥିଲେ।
ତେଣୁ ଏ ଅଞ୍ଚଳ ଦଶପଲ୍ଲା ନାମରେ ନାମିତ। କୁଞ୍ଜ ମଲ୍ଲିଙ୍କ ଇଷ୍ଟ ଦେବୀ ନାୟିକାଶୁଣିଙ୍କ ଅପାର କରୁଣାରୁ ବିନା ବାଧାବିଘ୍ନରେ ତାଙ୍କର ସମସ୍ତ କାର୍ଯ୍ୟ କୁଶଳ ହେଉଥିଲା। ଦିନେ ଦଶପଲ୍ଲା ରାଜା ପଦ୍ମନାଭ ଭଞ୍ଜ ପାରିଧି କହିବା ସମୟରେ ଦେଖିଲେ ଏକ ଶାଗୁଣା ଉପରେ କାଉ ମାଡି ବସିଛି। ରାଜା ପଦ୍ମନାଭ ଭଞ୍ଜ ଆଶ୍ଚର୍ଯ୍ୟ ହେଲେ ଏବଂ ଅନୁଭବ କଲେ ଏହା ଏକ ବୀର ଭୂମି। ତେଣୁ ଏଠାରେ ଏକ ନୂତନ ଗଡ ସ୍ଥାପନ ପାଇଁ ଉଦ୍ୟମ କଲେ। କିନ୍ତୁ ଏ ଅଞ୍ଚଳର ଗଡତିଆ କୁଞ୍ଜମଲ୍ଲଙ୍କ ସହିତ ରାଜାଙ୍କର ବାରମ୍ବାର ଭୟଙ୍କର ଯୁଦ୍ଧ ହେଲା। କିନ୍ତୁ ଦେବୀ ନାୟିକାଶୁଣିଙ୍କ ଆଶୀର୍ବାଦ ଥିବାରୁ କୁଞ୍ଜ ମଲ୍ଲ କେବେ ପରାସ୍ତ ହେଲେ ନାହିଁ। ପରବର୍ତ୍ତୀ ସମୟରେ ରାଜା ଏହାର ଗୁପ୍ତ ରହସ୍ୟ ଜାଣିପାରି ବଳୀ ଭୋଜି ଦେଇ ଦେବୀ ନାୟିକାଶୁଣିଙ୍କୁ ସନ୍ତୁଷ୍ଟ କଲେ ଏବଂ କୁଞ୍ଜମଲ୍ଲଙ୍କ ସମେତ ୧୦ଟି ପଲ୍ଲୀର ୧୦ଜଣ ମୁଖିଆକୁ ପରାସ୍ତ ଓ ନିହିତ କଲେ। ମୃତ୍ୟୁ ପୂର୍ବରୁ କୁଞ୍ଜ ମଲ୍ଲଙ୍କୁ ଦେଇଥିବା ପ୍ରତିଶ୍ରୁତି ଅନୁଯାୟୀ ରାଜା ଏହି ନୂତନ ଅଞ୍ଚଳର ନାମ କୁଞ୍ଜବନ ଗଡ ବା ଦଶମଲ୍ଲଙ୍କୁ କେନ୍ଦ୍ର କରି ନୂତନ ଗଡ ସ୍ଥାପନ କରିଥିବାରୁ ଏହକୁ ଦଶପଲ୍ଲା ଗଡ ବୋଲି ମଧ୍ୟ କୁହାଗଲା। ଦେବୀ ନାୟିକା କୁଞ୍ଜଙ୍କ ପାଦତଳେ ମାଟି ଖୋଳି କନ୍ଧବୀର କୁଞ୍ଜ ମଲ୍ଲଙ୍କ ସମେତ ୧୦ ଜଣ ମୁଖିଆଙ୍କ ମୁଣ୍ଡ ପୋତି ଦିଆଗଲା। ଆଜି ପର୍ଯ୍ୟନ୍ତ ମଧ୍ୟ ସେମାନେ ଦେବୀ ନାୟିକାଶୁଣିଙ୍କ ସହିତ ପୂଜା ପାଇ ଆସୁଛନ୍ତି। ରାଜା ଦେବୀଙ୍କ ନବ ଦୁର୍ଗାଙ୍କୁ ନଅର ମଧ୍ୟରେ ସ୍ଥାପନ କଲେ। ଦେବୀ ରାଜ ବଂଶ ଓ ଗଡର ଇଷ୍ଟ ଦେବୀ ରୂପେ ପୂଜିତ ହେଲେ। ଗଡ ମଧ୍ୟରେ ରାଜାଙ୍କ ଦ୍ୱାରା କନକ ଦୁର୍ଗାଙ୍କର ରୌପ୍ୟ ନିର୍ମିତ ବିଗ୍ରହ ସ୍ଥାପନ କଲେ ରାଜା। ରାଜବାଟୀରେ ରାଜବଂଶର ଇଷ୍ଟ ଦେବତା ରାଧାକାନ୍ତ ପ୍ରତୀକ ରଖାଗଲା ସୂର୍ଯ୍ୟଯୁକ୍ତ ମୟୁର। ଦଶପଲ୍ଲାର ରାଜବଂଶ ସୂର୍ଯ୍ୟ ବଂଶି । ଏମାନଙ୍କର ପୂର୍ବଜ କେଉଁଝର ମୟୁରଭଞ୍ଜର ଭଞ୍ଜ ବଂଶିୟ। ବୌଦ୍ଧ ଇତିହାସରୁ ଜଣାଯାଏ ରୁଦ୍ରକାଳୀ ଦେବୀଙ୍କୁ ଦଶପଲ୍ଲାଗଡ ମଧ୍ୟରେ ସ୍ଥାପନ କରାଯାଇଥିଲା। ଦଶପଲ୍ଲାର ସୂର୍ଯ୍ୟବଂଶୀ ଭଞ୍ଜ ରାଜାମାନେ ନାଗରିକ ମାନଙ୍କର ମଙ୍ଗଳ ବିଧାନ ନିମନ୍ତେ ଅନେକ ଶିକ୍ଷା, ସ୍ୱାସ୍ଥ୍ୟ, ମାତୃ ମଙ୍ଗଳ କେନ୍ଦ୍ରମାନ ନିର୍ମାଣ କରିଥିଲେ ଏବଂ ଅନେକ ପୁଷ୍କରିଣୀ ମଧ୍ୟ ଖନନ କରିଥିଲେ। ଗଡମଧ୍ୟରେ ଅନେକ ବିଷ୍ଣୁ, ଶିବ ଓ ଦେବୀ ମନ୍ଦିର ନିର୍ମାଣ କରିଥିଲେ। ଦଶପଲ୍ଲାର ଶେଷ ରାଜା ପୂର୍ଣ୍ଣଚନ୍ଦ୍ର ଭଞ୍ଜ ଯାଇ ଆନ୍ଧ୍ରପ୍ରଦେଶର ବିଶାଖାପାଟଣା ଠାରେ ଅବସ୍ଥାନ କଲେ। ସେଠାରେ ସେ ଏକ ପାଞ୍ଚତାରକା ହୋଟେଲ ନିର୍ମାଣ କରିଛନ୍ତି ଓ ଏହାର ନାମକରଣ କରିଛନ୍ତି ହୋଟେଲ ଦଶପଲ୍ଲା ଏବଂ ଏହା ଏକ ରାଜପ୍ରସାଦ ସଦୃଶ୍ୟ। ଠାକୁରମାନଙ୍କ ଉଦ୍ଦେଶ୍ୟରେ ଅନେକ ଯାନିଯାତ୍ରା ଓ ଉତ୍ସବମାନ ଦଶପଲ୍ଲା ରାଜା ଆୟୋଜନ କଲେ। ଏମାନଙ୍କ ମଧ୍ୟରେ ମହାବୀର ହନୁମାନଙ୍କ ଉଦ୍ଦେଶ୍ୟରେ ଆୟୋଜିତ ଲଙ୍କାପୋଡି ଯାତ୍ରା ବିଶ୍ୱପ୍ରସିଦ୍ଧ। ନୟାଗଡ ଜିଲ୍ଲାର ଦଶପଲ୍ଲାଗଡ ବିଜ୍ଞାପିତ ଅଞ୍ଚଳ ମହାବୀର କ୍ଷେତ୍ର ନାମରେ ସ୍ୱତନ୍ତ୍ର ମର୍ଯ୍ୟଦାର ଅଧିକାରୀ ଦଶପଲ୍ଲାଗଡରେ ୨୨୨ବର୍ଷ ଧରି ଲୋକ ସଂସ୍କୃତି, ଲୋକ କଳା, ଓ ଲୋକ ନୃତ୍ୟର ନିଦର୍ଶନ ସ୍ୱରୂପ ଲଙ୍କା ପୋଡିଯାତ୍ରା ଆୟୋଜିତ ହୋଇ ଆସୁଅଛି। ଯାହା ଓଡ଼ିଶା, ଭାରତ ତଥା ବିଶ୍ୱରେ ବିସ୍ମୟ ସୃଷ୍ଟି କରିଛି। (କ୍ରମଶଃ)

# ଠାକୁର କାହାର



ସଲିଳା ତ୍ରିପାଠୀ
ହନୁମାନଗଦୀ, ବୋଲଗଡ
ମୋ–୮୭୬୩୭୮୮୬୧୪

ରାତି ପାହାନ୍ତାରୁ ଆଜିକାଲି ନିତିଦିନିଆ ଜୀବନରେ ଫୁଲଚୋରି କିଛି ନୂଆ ଘଟଣା ନୁହେଁ । ସହରରେ ଏହାର ମାତ୍ରା ଅଧିକ ବୋଲି ଭାବୁଥିଲେ ହେଁ ଗାଁରେ ମଧ୍ୟ ଏହାର ପ୍ରଚଳନ ହୋଇଗଲାଣି । ସହରରେ ଅଳ୍ପ ଜାଗାରେ ଚଳିବାକୁ ପଡିଥାଏ ତେଣୁ ଫୁଲଗଛଟିଏ ଲଗାଇବା ସମସ୍ତଙ୍କ ପକ୍ଷେ ସମ୍ଭବ ହୁଏନାହିଁ ଗ୍ରାମାଞ୍ଚଳରେ ନିଜର ଛୋଟ ଜାଗା ହୋଇଥିଲେ ହେଁ ବିଭିନ୍ନ ଖାଲି ଜାଗା ଗୁଡିକରେ ଗଛ ଲଗାହୋଇଥାଏ ଯାହା ଫୁଲ ଯୋଗାଇବାରେ ସାହାଯ୍ୟ କରେ । କିନ୍ତୁ ଚୋରି ଯେ ଗୋଟିଏ ପ୍ରବୃତ୍ତି ଯାହା ମନୁଷ୍ୟକୁ ପରିଶ୍ରମ କାତର ହୋଇ ଅନ୍ୟର ଜିନିଷକୁ କରାୟତ୍ତ କରିବା ନିମନ୍ତେ ପ୍ରଲୋଭିତ କରିଥାଏ ।

ତେବେ ମଣିଷ ଫୁଲଚୋରି କାହିଁକି କରେ ? ଏ ପ୍ରଶ୍ନ କେବେ କେହି କାହାକୁ କରିନାହାନ୍ତି । କାରଣ ଉତ୍ତରଟା ଭାରି ସହଜ ଠାକୁରଙ୍କୁ ପୂଜା କରିବା ପାଇଁ ନିହାତି ଆବଶ୍ୟକ । ଧୂପ, ଦୀପ, ଭୋଗ, ଚନ୍ଦନ ଓ ପୁଷ୍ପ ଏହିପରି ପଞ୍ଚପୂଜାର ପୂଜା ହିନ୍ଦୁଧର୍ମରେ ଅବତାରଣା କରାଯାଇଛି । ତା'ଛଡା ଫୁଲଟିଏ ନଦେଲେ କ'ଣ ଠାକୁର ଭଲ ଦିଶନ୍ତି ? ତେଣୁ ଭଲମନ୍ଦ ଦିନରେ ଫୁଲ କିଣିବାକୁ ପଡେ । ଆଉ ସାଧାରଣ ଦିନରେ ଯେଉଁଠାରୁ ହେଲେ ଫୁଲ ଯୋଗାଡ କରିବାକୁ ପଡିଥାଏ । ଯାହାର ଫଳ ସ୍ୱରୂପ କେତେ ଝଗଡା, ଘଟଣା ଓ ଦୁର୍ଘଟଣା ମାନ ଘଟିଥାଏ । ଯାହାର ନିଜର ଫୁଲଗଛଟିଏ ଥାଏ ଯଦି ସେ ନିଜେ ସକାଳୁ ଉଠିଲା ବେଳକୁ ଫୁଲଟିଏ ନ ପାଇବ ତେବେ କ୍ଷୁବ୍ଧ ହେବା ତ ଆଶ୍ଚର୍ଯ୍ୟଜନକ ନୁହେଁ ।

ଥରେ ଜଣେ ଭଦ୍ରମହିଳା ନିଜର ଫୁଲଗଛ ନଥିବାରୁ ରାସ୍ତାକଡରୁ ଫୁଲ ତୋଳିବା ପାଇଁ ଚାଲି ଚାଲି ଯାଉଥିଲେ । ଏହି ସମୟରେ ସେହି ବାଟ ଦେଇ ଯାଉଥିବା ଫଳରେ କୌଣସି କାରଣବଶତଃ ତାଙ୍କ ଉପରେ ଅସନ୍ତୁଷ୍ଟ ଥିବା ଜଣେ ଗୃହ ମାଲିକାଣୀ ନିଜ ଗଛକୁ ଦେଖାଇ ତାଙ୍କ ଉପରେ ଫୁଲ ଚୋରି ବାବଦରେ ମିଥ୍ୟାରୋପ କରି ଗାଳିଗୁଲଜ କଲେ । ତାହାକୁ ଶୁଣି ମହିଳା ଜଣକ ଘରକୁ ପଳାଇ ଆସିଲେ ଏବଂ ପରବର୍ତ୍ତୀ ଅବସ୍ଥାରେ ରାସ୍ତାକଡରୁ ଗୋଟିଏ ଗଛ ପାଇ ନିଜ ସ୍ୱଳ୍ପ ଜାଗାରେ ତାକୁ ଲଗାଇଲେ । ତା'ର ଉପଯୁକ୍ତ ଯତ୍ନ ଫଳରେ ସେ ଗଛ କୁଣ୍ଡରେ ମଧ୍ୟ ବଡ ହେବାକୁ ଲାଗିଲା ଏବଂ ବର୍ଷର ଅନେକ ସମୟରେ ତାଙ୍କୁ ଫୁଲ ଯୋଗାଇଲା । କିଛିବର୍ଷ ପରେ ଗଛଟିର ଆକାର ଦେଖି ତାଙ୍କୁ ଗଛଟିକୁ ରାସ୍ତାକଡରେ ରଖିବାକୁ ପଡିଲା । ତା' ଫଳରେ ସେ ମଧ୍ୟ ସକାଳୁ ଉଠିଲା ବେଳକୁ ଫୁଲଟିଏ ପାଇଲେ ନାହିଁ । କିନ୍ତୁ ତାଙ୍କର ଗୃହକର୍ତ୍ତା ତାଙ୍କର ମନଦୁଃଖ ଦେଖି ଗୋଟିଏ କଥା କହି ବୁଝାଇଲେ । ତାହା ଥିଲା ଠାକୁର କାହାର ? ସେ ତ ସମସ୍ତଙ୍କର । ଯଦି ଆମେ ଫୁଲ ନ ପାଇଲୁ ତେବେ ଯିଏ ଫୁଲ ନେଇଥାଉନା କାହିଁକି ସେ ବି ତ ଠାକୁରଙ୍କୁ ହିଁ ଦେବ । ତେଣୁ ଏବେ ଆଉ ମହିଳା ଦୁଃଖ କରୁନାହାନ୍ତି । କାରଣ ସେ ମଧ୍ୟ ବୁଝିଗଲେଣି ଫୁଲ କେବଳ ଠାକୁରଙ୍କ ପାଇଁ ମୋର ହେଉ କି ଆଉ କାହାର । ଅନେକ ସମୟରେ ସମ୍ବାଦପତ୍ରରେ ଏବଂ ବିଭିନ୍ନ ଆଲୋଚନାରେ ଫୁଲଚୋରି ବାବଦରେ ଦିଆଯାଉଥିବା କଡା ମନ୍ତବ୍ୟକୁ ଶୁଣି ଏବେ ଦୁଃଖ ଲାଗୁଛି । କିନ୍ତୁ ବାସ୍ତବିକ ଫୁଲଗଛଟିଏ ଲଗାଇବାର ମନ ପୁଣି ବିନା ଦ୍ୱିଧାରେ ତାକୁ ବାଣ୍ଟିବା ପାଇଁ ଥିବା ସହୃଦୟତା ମିଳିବା ବୋଧହୁଏ କାଠିକାର ପାଠ । ଅତଏବ ପାଠକେ ଯାହା ବିଚାର କରିବେ ତାହା ହିଁ ଶ୍ରେୟ ।

*Printed & Published by* **Basanti Roy** on behalf of **Integral Publication Pvt. Ltd., Printed at Gayatri Industries, Plot No. TS 3/193, Manchеswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.**
Editor : **Jayasish Roy**
**E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022**
ସମ୍ପାଦକ : **ଜୟାଶୀଷ ରାୟ**



ଭୁବନେଶ୍ୱର: ଓଡ଼ିଶୀ ଡ୍ୟାନ୍ସ ଏକାଡେମୀର ୩୭ତମ ବାର୍ଷିକ ଉତ୍ସବ ପାଳନ ଅବସରରେ ଅନୁଷ୍ଠାନ କଳାକାରଙ୍କ ଦ୍ୱାରା ନୃତ୍ୟ ପରିବେଷଣ (ଫଟୋ: ସମ୍ବାଦ କଳିକା)

# ଜଗତସିଂହପୁରରେ ବଢୁଛି ପ୍ରଶାନ୍ତ ମୁଦୁଲିଙ୍କ ବଳ: ବିଜେଡିକୁ ଛୁଇଁଲାଣି ମଳୟ ପବନ

**ଜଗତସିଂହପୁର, ନ୍ୟୁଜ୍ ବ୍ୟୁରୋ**

ଆଉ କିଛିଦିନ ପରେ ହେବ ଭୋଟ୍ । ଭୋଟର ସ୍ଥିର କରିବେ ନେତାଙ୍କ ଭାଗ୍ୟ । ଜଗତସିଂହପୁରରେ ଧୀରେ ଧୀରେ ପ୍ରଚାର ଜମୁଥିବା ଦେଖିବାକୁ ମିଳିଲାଣି । ସତେ ଯେମିତି ଜଗତସିଂହପୁର ବିଜେଡିକୁ ମଳୟ ପବନ ଛୁଇଁଛି । ପ୍ରଶାନ୍ତ ମୁଦୁଲିଙ୍କ ବଳ ବଢ଼ିବାରେ ଲାଗିଛି । ଜଗତସିଂହପୁର ପୌରାଞ୍ଚଳ, ବ୍ଲକ ଓ ନାଉଗାଁ ବିଭିନ୍ନ ସ୍ଥାନରେ ବିଜେଡି କାର୍ଯ୍ୟାଳୟ ଉଦ୍‌ଘାଟନ ହେଉଥିବା ବେଳେ ମିଶ୍ରଣ ପର୍ବ ମଧ୍ୟ ମାରାଥନ ଭାବେ ଚାଲିଛି । ପୂର୍ବତନ ବିଧାୟକ ତଥା ପ୍ରଶାନ୍ତ ମୁଦୁଲିଙ୍କ ମଙ୍ଗ ଧରିଥିବା ଚିରଞ୍ଜିବି ବିଶ୍ୱାଳଙ୍କ ନେତୃତ୍ୱରେ କଂଗ୍ରେସ ଓ ବିଜେପିରୁ କର୍ମୀମାନେ ବିଜେଡିରେ ସାମିଲ ହେଉଥିବା ଦେଖାଯାଇଛି । ନାଉଗାଁ ବ୍ଲକରୁ ଜଗତସିଂହପୁର ବିଜେଡି ବିଧାୟକ ପ୍ରାର୍ଥୀ ପ୍ରଶାନ୍ତ ମୁଦୁଲିଙ୍କ ପ୍ରଚାର କାର୍ଯ୍ୟ ଆରମ୍ଭ ହୋଇଛି । ବଛାଳୋ ପଞ୍ଚାୟତରେ ଘରକୁ ଘରକୁ ବୁଲି ମାରାଥନ ପ୍ରଚାର କରୁଛନ୍ତି ବିଧାୟକ ପ୍ରାର୍ଥୀ ଶ୍ରୀ ମୁଦୁଲି । ନାଉଗାଁ ବ୍ଲକର ସମସ୍ତ କର୍ମୀମାନଙ୍କ ସହିତ ପଦଯାତ୍ରାରେ ଆରମ୍ଭ କଲେ ପ୍ରଚାର । ଜାହାନପୁର, ରମ୍ଭାଦେଇପୁର, ପାଟେଣୀଗାଁ, ଡେରିକି ପଞ୍ଚାୟତର ବାଲିଚନ୍ଦ୍ରପୁର, ମଝିପଡ଼ା (ଗଙ୍ଗଦା), ତିରୁଣା ପଞ୍ଚାୟତ ଆଦି ବିଭିନ୍ନ ପଞ୍ଚାୟତରେ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି । ପ୍ରଶାନ୍ତ ମୁଦୁଲି ଓ ପୂର୍ବତନ ବିଧାୟକ ଚିରଞ୍ଜୀବ ବିଶ୍ୱାଳଙ୍କ ନେତୃତ୍ୱରେ ଅନ୍ୟ ଦଳର ଶତାଧିକ କର୍ମୀ ବିଜେଡିରେ ସାମିଲ ହେଉଥିବା ନେଇ ଶ୍ରୀ ମୁଦୁଲିଙ୍କ ବଳ ବଢୁଥିବା ନେଇ ଚର୍ଚ୍ଚା ହେଉଛି । ପ୍ରଚାରରେ ଯୁବ, ଯୁବ ଛାତ୍ର, ଜିଲ୍ଲା ମହିଳା ନେତ୍ରୀ ଓ ଶତାଧିକ କର୍ମକର୍ତ୍ତା ଦାୟିତ୍ୱ ତୁଲାଉଥିବାବେଳେ ଏଥର ଯୋଡ଼ା ଶଙ୍ଖ ନାରା ଦେଇ ଜଗତସିଂହପୁରରେ ଶଙ୍ଖ ବାଜିବ ପ୍ରଚାର ଚାଲିଛି । ଜିଲ୍ଲାପରିଷଦ ଚିତ୍ତରଞ୍ଜନ ରାଉଳ, ବିବେକାନନ୍ଦ ବେହେରା, ଜିଲ୍ଲାପରିଷଦ ଅଧ୍ୟକ୍ଷ ମନୋଜ କୁମାର ଭୋଇ, ବ୍ଲକ ଅଧ୍ୟକ୍ଷା କନକପ୍ରଭା ଲେଙ୍କା, ଯୁବ ସଭାପତି ସମିତି ଲେଙ୍କା, ନଗର ବିଜେଡି ସଭାପତି ପ୍ରିୟବ୍ରତ ମହାପାତ୍ରଙ୍କ ସମେତ କର୍ମକର୍ତ୍ତା ମାନେ ଦାୟିତ୍ୱ ତୁଲାଉଛନ୍ତି ।





# ଡଙ୍କାରୀ କଳାପଥର ଖାଦାନ ଦୁର୍ଘଟଣା: ଆଉ ୨ଶ୍ରମିକଙ୍କ ମୃତ ଦେହ ଠାବ

**ଧର୍ମଶାଳା, ନ୍ୟୁଜ୍ ବ୍ୟୁରୋ**

ଧର୍ମଶାଳା ତହସିଲ ଅନ୍ତର୍ଗତ ଡଙ୍କାରୀ କଳାପଥର ଖାଦାନରେ ଦୁର୍ଘଟଣାରେ ପଥର ତଳେ ଚାପି ହୋଇ ରହିଥିବା ଆଉ ୨ ଜଣ ଶ୍ରମିକଙ୍କ ମୃତଦେହ ଠାବ କରାଯାଇଛି । ଦୁର୍ଘଟଣାରେ ମୃତକଙ୍କ ସଂଖ୍ୟା ୩ରେ ପହଞ୍ଚିଛି । ଏନଡିଏଫଆରର ୪୦ ଜଣିଆ ଟିମ୍ ୨ଦିନ ହେବ ଅକ୍ଳାନ୍ତ ପରିଶ୍ରମ କରି ବଡ଼ ବଡ଼ ପଥର ଖଣ୍ଡ ତଳେ ପ୍ରୋକଲିଁନ ମେସିନ୍ ଡ୍ରାଇଭର ଓ ଅନ୍ୟ ଜଣେ ଶ୍ରମିକ ଚାପି ହୋଇରହିଥିବା ଠାବ କରିଛନ୍ତି । ପଥରଖଣ୍ଡ ତଳେ ଆଉ ମୃତ ଦେହ ଥାଇପରିଆନ୍ତି ବୋଲି ଆଶଙ୍କା ବଢ଼ିଛି । ଫଳରେ ପ୍ରଶାସନ ପକ୍ଷରୁ [illegible] ଟିମ୍‌କୁ ସୂଚନା ଦିଆଯାଇଛି । ସଫା ହେବାପରେ ପ୍ରକୃତ ମୃତକ ସଂଖ୍ୟା ଜଣାପଡ଼ିବ । ଘଟଣାସ୍ଥଳରେ ଜିଲ୍ଲା ଖଣି ବିଭାଗ ଅଧିକାରୀ, ଧର୍ମଶାଳା ତହସିଲଦାର ଓ ଜେନାପୁର ଥାନା ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଉଦ୍ଧାର କାର୍ଯ୍ୟ ଜାରୀ ରଖିଛନ୍ତି ।

# କାଇଯୋଡ଼ାରେ ମୋବାଇଲ୍ ଟାୱାର ସ୍ଥାପନ ଦାବି

**କେନ୍ଦୁଝର, ନ୍ୟୁଜ୍ ବ୍ୟୁରୋ**



କେନ୍ଦୁଝର ଜିଲ୍ଲା ଝୁମ୍ପୁରା ବ୍ଲକ ଅନ୍ତର୍ଗତ ବସନ୍ତପୁର ଗ୍ରାମପଞ୍ଚାୟତ କାଇଯୋଡ଼ା ଗ୍ରାମରେ କୌଣସି ମୋବାଇଲ ଟାୱାର ନଥିବାରୁ ଉକ୍ତ ଗ୍ରାମର ଲୋକେ ଯୋଗାଯୋଗ କରିବା ପାଇଁ ବହୁତ ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ କରିଛନ୍ତି । ଏଠାରେ ବଣ ଜଙ୍ଗଲ ପାହାଡ ପର୍ବତ ଜଙ୍ଗଲ ରହିଛି । ଭୂୟାଁ ଜାତିର ଲୋକେ ଏହି ଗାଁର ମୂଳ ଅଧିବାସୀ । ତେବେ ଦୁଃଖ ପରିତାପର ବିଷୟ ଏହି ଗାଁରେ ମୋବାଇଲ ଟାୱାର ନଥିବାରୁ ଏ ଅଞ୍ଚଳର ଲୋକେ ବହୁ ହଇରାଣ ହେଉଛନ୍ତି । ଏହି ଅଞ୍ଚଳରେ ଗୁରୁତ୍ୱର ରୋଗୀ ଗର୍ଭବତୀ ମହିଳାଙ୍କ ପାଇଁ ଆମ୍ବୁଲାନ୍ସ ସହିତ ଯୋଗାଯୋଗ କରିବା କଷ୍ଟକର ହୋଇପଡୁଥିବା ବେଳେ ଦମକଳ କିମ୍ବା ଅନ୍ୟ ଏମରଜେନ୍ସି ଗାଡି ଗୁଡ଼ିକୁ ମୋବାଇଲ ଟାୱାର ନଥିବାରୁ ଯୋଗାଯୋଗ କରିବା ଅସମ୍ଭବ ହୋଇପଡ଼ିଛି । ଖବରପାଇ ଯୁବ ଓ ଶ୍ରମ ବିକାଶ ମଞ୍ଚ କେନ୍ଦୁଝରଗଡ ଉପସଭାପତି ଜୟକୃଷ୍ଣ ନାଏକ ଉକ୍ତ ଗ୍ରାମରେ ପହଞ୍ଚିଥିଲେ । ବସନ୍ତପୁର ପଞ୍ଚାୟତ ଝୁମ୍ପୁରା ବ୍ଲକରୁ ପ୍ରାୟ ୫୦ କିମି ବ୍ୟବଧାନରେ ରହିଛି । ପଞ୍ଚାୟତରେ କୌଣସି ଉନ୍ନତି ମୂଳକ କାର୍ଯ୍ୟ ହୋଇନାହିଁ । ବର୍ତ୍ତମାନ ସମସ୍ତଙ୍କ ପାଇଁ ମୋବାଇଲ ଜରୁରୀ ହୋଇଥିବାବେଳେ ମୋବାଇଲ ଟାୱାର ନିହାତି ଜରୁରୀ । ଏଣୁ ଉକ୍ତ ଗ୍ରାମରେ ମୋବାଇଲ ଟାୱାର ବସାଇବାକୁ ରତ୍ନ ନାଏକ, ଅଞ୍ଜଳି ନାଏକ, ଝରଣା ନାଏକ, ବିମଳା ନାଏକ, ଗୀତା ନାଏକ, ରାଣୀ ନାଏକ, ଲବଙ୍ଗ ନାଏକ, ତାରାମଣି ନାଏକ ପ୍ରମୁଖ ଜିଲ୍ଲା ପ୍ରଶାସନ ନିକଟରେ ଦାବି ଜଣାଇଛନ୍ତି ।

# ଜିଲ୍ଲା ଯାଦବ ମହାସଭା ନିର୍ବାଚନ କମିଟିର ଗସ୍ତ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**



କେନ୍ଦ୍ରାପଡା ଜିଲ୍ଲା ଯାଦବ ମହାସଭା ନିର୍ବାଚନ କମିଟିର ଜିଲ୍ଲାର ବିଭିନ୍ନ ନିର୍ବାଚନ ମଣ୍ଡଳୀ ଗସ୍ତ କରିଛନ୍ତି । ଜିଲ୍ଲା ଯାଦବ ମହାସଭାର ସଭାପତି ପ୍ରଭାକର ପଲାଇଙ୍କ ନେତୃତ୍ୱରେ କମିଟିର ଅନ୍ୟ ସଦସ୍ୟ ମାନେ ରାଜନଗର ଓ ପଟ୍ଟାମୁଣ୍ଡାଇ ମହାସଭା କମିଟିର ସଦସ୍ୟ ମାନଙ୍କ ସହ ଯାଦବ ମାନଙ୍କ ସମସ୍ୟା, ସଂସ୍କୃତି ସେମାନଙ୍କର ସାମାଜିକ, ଅର୍ଥନୈତିକ ଓ ରାଜନୈତିକ ସ୍ଥିତି ଉପରେ ବିସ୍ତୃତ ଭାବରେ ଆଲୋଚନା ସହ ଆଗାମୀ ନିର୍ବାଚନରେ ଯାଦବ ମାନଙ୍କ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରାଯିବ । ତାହା ଜିଲ୍ଲା କମିଟି ତରଫରୁ ନିଷ୍ପତ୍ତିକୁ ଅପେକ୍ଷା କରାଯାଇଛି । ୩ଟି ବ୍ଲକ ମହାକାଳପଡା ମାର୍ଶାଘାଇ ଓ କେନ୍ଦ୍ରାପଡା ପୌରାଞ୍ଚଳର ଯାଦବ ମାନଙ୍କ ନିଷ୍ପତ୍ତିକୁ କେନ୍ଦ୍ର କମିଟି ଯାଇ ଆଲୋଚନା ସାରିଛି । ଆଗାମୀ ଦିନରେ ଆଳି ରାଜକନିକା ଯାଦବ ମହାସଭା ସହ ଆଲୋଚନା କରାଯାଇ ସେମାନଙ୍କର ନିର୍ଣ୍ଣାୟକ ଭୂମିକା ଉପରେ ଜିଲ୍ଲା କମିଟି ନିଷ୍ପତ୍ତି ନେବେ ବୋଲି ଜିଲ୍ଲା ସଭାପତି ପ୍ରଭାକର ପଲାଇ ପ୍ରକାଶ କରିଛନ୍ତି । ଏହି ଆଲୋଚନା ସମୟରେ ଜିଲ୍ଲା ସମ୍ପାଦକ ଚିନ୍ମୟ ଦାସ, କାର୍ଯ୍ୟକାରୀ ସଭାପତି ସରୋଜ କୁମାର ପରିଡା, କୋଷାଧ୍ୟକ୍ଷ ନବ କିଶୋର ଦାସ, ରାଜନଗର ବ୍ଲକ ସଭାପତି ଅସିତ ବଳ, ସମ୍ପାଦକ ସର୍ବେଶ୍ୱର ଦାସ, ଜିଲ୍ଲା ଉପ ସଭାପତି କାହ୍ନୁ ଚରଣ ପରିଡା, ପଟ୍ଟାମୁଣ୍ଡାଇ ସଭାପତି ଅଶୋକ ବଳ, ଅଧ୍ୟାପକ ବୃନ୍ଦାବନ ଦାସ ଓ କିଶୋର କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

# ବ୍ୟାଙ୍କ ପକ୍ଷରୁ ରାଜଭାଷା ପ୍ରତିଯୋଗିତା

**କେନ୍ଦୁଝର, ନ୍ୟୁଜ୍ ବ୍ୟୁରୋ**

କେନ୍ଦୁଝର ମଣ୍ଡୁଆ ସ୍ଥିତ ବ୍ୟାଙ୍କ ଅଫ ଇଣ୍ଡିଆର ଆଞ୍ଚଳିକ କାର୍ଯ୍ୟାଳୟରେ ନଗର ରାଜଭାଷା ହିନ୍ଦୀର କାର୍ଯ୍ୟନ୍ୱୟନ ସମିତିର ଅର୍ଦ୍ଧବର୍ଷିକ ବୈଠକ ଅନୁଷ୍ଠିତ ହୋଇଯାଇଛି । ବ୍ୟାଙ୍କ ଅଫ ଇଣ୍ଡିଆର କେନ୍ଦୁଝର ଆଞ୍ଚଳିକ କାର୍ଯ୍ୟାଳୟ ମୁଖ୍ୟ ଜୋନାଲ ମ୍ୟାନେଜର ହିମାଦ୍ରୀ ଶେଖର ଦାଶଙ୍କ ଅଧ୍ୟକ୍ଷତାରେ ସେଣ୍ଟ୍ରାଲ ବ୍ୟାଙ୍କ ଅଫ ଇଣ୍ଡିଆ ପକ୍ଷରୁ ଆୟୋଜିତ ଏହି ବୈଠକରେ ବ୍ୟାଙ୍କ ଅଫ ଇଣ୍ଡିଆ, ବ୍ୟାଙ୍କ ଅଫ ବରୋଦା, ଆଞ୍ଚଳିକ ଭବିଷ୍ୟନିଧି କାର୍ଯ୍ୟାଳୟ କେନ୍ଦୁଝର, ଭାରତୀୟ ଡାକ ବିଭାଗ, କାନାରା ବ୍ୟାଙ୍କ, ସେଣ୍ଟ୍ରାଲ ସ୍କୁଲ ଅଫ ଇଣ୍ଡିଆ, ଜବାହାର ନବୋଦୟ ବିଦ୍ୟାଳୟ, ଭରତୀୟ ଜୀବନବୀମା ନିଗମ କେନ୍ଦୁଝର ଆଦି ଶାଖାର ସଭ୍ୟମାନେ ଯୋଗ ଦେଇଥିଲେ । ଏହି ଅବସରରେ ରାଜଭାଷା ହିନ୍ଦୀ ଉପରେ ଏକ ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା । ସମସ୍ତ ରାଜଭାଷା ହିନ୍ଦୀର ସଭ୍ୟ ମୁଖ୍ୟ ଓ ପୂର୍ବରୁ ହୋଇଥିବା ପ୍ରତିଯୋଗିତାରେ ଉତ୍ତୀର୍ଣ୍ଣ ଅଧିକାରୀ ମାନେ ଯୋଗଦେଇ ଆୟୋଜିତ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ । ନଗର ରାଜଭାଷା ପ୍ରତିଯୋଗିତାରେ ଭାଗ ନେଇଥିବା ସଭ୍ୟଗଣଙ୍କ ମଧ୍ୟରୁ ଭାରତୀୟ ଜୀବନ ବୀମା ନିଗମର ସହକାରୀ ସୁଭାସ୍ମିତା ତ୍ରିପାଠୀଙ୍କୁ ପ୍ରଥମ ପୁରସ୍କାର ପ୍ରଦାନ କରାଯାଇଥିବା ବେଳେ ଦ୍ୱିତୀୟ ପୁରସ୍କାର ଜବାହାର ନବୋଦୟ ବିଦ୍ୟାଳୟର ତ୍ରିଲୋକ ନାଥ ଓ ତୃତୀୟ ପୁରସ୍କାର ବ୍ୟାଙ୍କ ଅଫ ଇଣ୍ଡିଆର ଅନୁପ ରଞ୍ଜନ ବିଶ୍ୱାଳଙ୍କୁ ପ୍ରଦାନ କରାଯାଇଥିଲା । ସମସ୍ତ ଉତ୍ତୀର୍ଣ୍ଣ ପ୍ରତିଯୋଗୀଙ୍କୁ ବ୍ୟାଙ୍କ ଅଫ ଇଣ୍ଡିଆର ଜୋନାଲ ମ୍ୟାନେଜର ହିମାଦ୍ରୀ ଶେଖର ଦାଶଙ୍କ ଦ୍ୱାରା ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା ।

# ଟାଟା ମୁଖ୍ୟ ଚିକିତ୍ସାଳୟ ପକ୍ଷରୁ ଯୋଡ଼ା ଠାରେ ବିଶ୍ୱ ଉଚ୍ଚ ରକ୍ତଚାପ ଦିବସ ପାଳିତ

**କେନ୍ଦୁଝର, ନ୍ୟୁଜ୍ ବ୍ୟୁରୋ**




ଟାଟା ଷ୍ଟିଲ୍ ପକ୍ଷରୁ ବିଶ୍ୱ ଉଚ୍ଚ ରକ୍ତଚାପ ଦିବସ ଯୋଡା ମୁଖ୍ୟ ଚିକିତ୍ସାଳୟ ଠାରେ ଶୁକ୍ରବାର ପାଳିତ ହୋଇଯାଇଛି । ଏହି ପରିପ୍ରେକ୍ଷୀରେ ଟାଟା ମୁଖ୍ୟ ଚିକିତ୍ସାଳୟ, ଯୋଡା ସମେତ ଖଣ୍ଡବନ୍ଧ, ଯୋଡା ଇଷ୍ଟ, ଯୋଡା ଷ୍ଟେ, ବାମେବାରି ଏବଂ ଯୋରିବାହାଲ ଖଣି ସମୁହରେ ଅଭିଜ୍ଞ ଡାକ୍ତର ମାନଙ୍କ ତରଫରୁ କର୍ମଚାରୀ ମାନଙ୍କ ମଧ୍ୟରେ ଏ ସମ୍ପର୍କିତ ସଚେତନତା ବାର୍ତ୍ତା ପ୍ରଦାନ କରାଯାଇଥିଲା । ଟାଟା ମୁଖ୍ୟ ଚିକିତ୍ସାଳୟ, ଯୋଡା ଠାରେ ଏହାର ମୁଖ୍ୟ ଚିକିତ୍ସାଧିକାରୀ ଡା. ସୁଚିସ୍ମିତା ଦାସ କର୍ମଚାରୀ ମାନଙ୍କୁ ଉଚ୍ଚ ରକ୍ତଚାପ ଏବଂ ଏହାର ନିଦାନ ବିଷୟରେ ଅବଗତ କରାଇଥିଲେ । ଆମ୍ଭମାନଙ୍କର ଦୈନନ୍ଦିନ ଜୀବନ ଶୈଳୀରେ ଅସାମଞ୍ଜସ୍ୟତା, ମେଦବହୁଳତା ଏବଂ ମୋଟାପଣ ଯୋଗୁଁ ବହୁ ମାତ୍ରାରେ ଏହି ରୋଗ ହେବାର ପରିଲକ୍ଷିତ ହେଉଥିବାରୁ, ଏସବୁଥିରେ ପରିବର୍ତ୍ତନ କରିବାର ନିତାନ୍ତ ଆବଶ୍ୟକତା ରହିଛି ବୋଲି ଡା. ସୁଚିସ୍ମିତା ଦାସ କହିଥିଲେ । ଦୈନିକ ସୁଷମ ଖାଦ୍ୟ ସହ ଶାରୀରିକ ବ୍ୟାୟମ, ଯୋଗ, ଧୂମ୍ରପାନରୁ ନିବୃତ୍ତ ଏବଂ ସୁନିଦ୍ରା ହେବାଦ୍ୱାରା ବହୁ ମାତ୍ରାରେ ଉଚ୍ଚ ରକ୍ତଚାପ ରୋଗକୁ ହ୍ରାସ କରାଯାଇପାରିବ ବୋଲି ସେ କହିଥିଲେ । ଏହି ରୋଗ ଶରୀରର ପ୍ରମୁଖ ଅଙ୍ଗ ଯଥା ହୃଦୟ, ମସ୍ତିଷ୍କ, ଯକୃତ ଏବଂ ଆଖିକୁ ପ୍ରଭାବିତ କରୁଥିବାରୁ ଏହାର ନିରାକରଣ କରିବା ଜରୁରୀ ବୋଲି ଅନ୍ୟ ମତ ପ୍ରକାଶ ପାଇଥିଲା । ଶେଷରେ ସମସ୍ତେ ଦିନଚର୍ଯ୍ୟାକୁ ଅନୁସରଣ କରି ସୁସ୍ଥ ଏବଂ ନିରୋଗ ରହିବା ପାଇଁ ପ୍ରବୃତ୍ତ ହେବେ ବୋଲି ଦୃଢୋକ୍ତି ପ୍ରକାଶ କରିଥିଲେ ।

# ନଜୁଲ ପଟ୍ଟାଦାର ସତ୍ତ୍ୱକୁ ରୟତି ସତ୍ତ୍ୱରେ ପରିବର୍ତ୍ତନ ପାଇଁ ଦାବି

**କଣ୍ଟାବାଞ୍ଜି, ନ୍ୟୁଜ୍ ବ୍ୟୁରୋ**

କଣ୍ଟାବାଞ୍ଜି ସହରର ହରିଭବନ ଠାରେ ପଟ୍ଟାଦାର ବ୍ୟକ୍ତି ମାନଙ୍କର ଏକ ପ୍ରତିନିଧି ମଣ୍ଡଳ ସାମ୍ବାଦିକ ସମ୍ମିଳନୀ କରି ସାମ୍ବାଦିକ ମାନଙ୍କୁ ସୂଚନା ଦେଇଛନ୍ତି ଯେ ୧୯୪୦-୪୨ ତତ୍‌କାଳୀନ ପାଟଣା ଗଡ଼ଜାତ ଷ୍ଟେଟ କଣ୍ଟାବାଞ୍ଜି ସହରକୁ ଏକ ସୁବ୍ୟବସ୍ଥିତ ସହର ସ୍ଥାପନ କରିବା ପାଇଁ କେତେକ ବ୍ୟକ୍ତି ବିଶେଷଙ୍କର ବ୍ୟକ୍ତିଗତ ମାଲିକାନା ଥିବା ଜମିକୁ ଭୂଅର୍ଜନ ଆଇନ୍ ବଳରେ ଅଧିଗ୍ରହଣ କରି ଯୋଜନା ମୁତାବକ ବିଭିନ୍ନ ବ୍ୟକ୍ତିଙ୍କୁ ନିଲାମ ସୂତ୍ରରେ ଘର ଡିହ ଦେଇ ନଜୁଲ ପଟ୍ଟା ପ୍ରଦାନ କରିଥିଲେ । ସେହିଦିନ ଠାରୁ ଉଚିତ୍ ମୂଲ୍ୟରେ କିଣିଥିବା ନଜୁଲ ପଟ୍ଟା ଧାରୀ ବ୍ୟକ୍ତିମାନେ ସେଠାରେ ତାଙ୍କର ଗୃହ ନିର୍ମାଣ କରି ଉତ୍ତରାଧିକାରୀ କ୍ରମେ ଭୋଗ ଦଖଲ କରି ଆସୁଛନ୍ତି । କିନ୍ତୁ ବିଗତ ୧୯୭୫ ମସିହାରେ ହୋଇଥିବା ଜମି ବନ୍ଦୋବସ୍ତ ସମୟରେ ଖାତିୟାନରେ ଏହିସବୁ ଜମିର ସତ୍ ପଟ୍ଟାଦାର ବୋଲି ଉଲ୍ଲେଖ କରାଗଲା ଓ ଅନେକ ଜମିକୁ ସରକାରୀ ଖାତାରେ ତ୍ରୁଟିପୂର୍ଣ୍ଣ ରୂପେ ଦର୍ଶାଗଲା । ଏଥି ଯୋଗୁ ନଜୁଲ ପଟ୍ଟା ପାଇଥିବା ବ୍ୟକ୍ତିମାନେ ବହୁ ଅସୁବିଧାର ସମ୍ମୁଖୀନ ହୋଇଛନ୍ତି । ଏହି ସବୁ ଜମି ହସ୍ତାନ୍ତର, ବନ୍ଧକ ଇତ୍ୟାଦିରେ ସରକାର କଟକଣା କରୁଥିବାରୁ ଏହା ସହରର ଭିତ୍ତି ଭୂମି ବିକାଶରେ ବାଧା ସୃଷ୍ଟି କରି ଅଞ୍ଚଳର ଅନ୍ୟାନ୍ୟ ବିକାଶ ମୂଳକ କାମରେ ପ୍ରତିବନ୍ଧକ ସୃଷ୍ଟି କରୁଛନ୍ତି । ଏହି ସମସ୍ୟାର ସରଳ ସମାଧାନ ପାଇଁ ପଟ୍ଟାଦାର ଜମି ହିତାଧିକାରୀ ଏକ ପ୍ରତିନିଧି ମଣ୍ଡଳ କଣ୍ଟାବାଞ୍ଜି ତହସିଲଦାର, ବଲାଙ୍ଗୀର ଜିଲ୍ଲାପାଳ, ସମ୍ବଲପୁର, ମୁଖ୍ୟମନ୍ତ୍ରୀଙ୍କୁ କାର୍ଯ୍ୟାଳୟ ତଥା ୫-ଟି ସଚିବକୁ ଦାବି ପତ୍ର ପୂର୍ବରୁ ଦେଇଛନ୍ତି । ଏହା ସହ କଣ୍ଟାବାଞ୍ଜି ତହସିଲ ଅଫିସ ସମ୍ମୁଖରେ ଧାରଣା ମଧ୍ୟ ଦେଇଛନ୍ତି । କିନ୍ତୁ ଏହି ସମସ୍ୟାର ନୀରାକରଣ ହୋଇପାରିନାହିଁ, ବର୍ତ୍ତମାନ ନିର୍ବାଚନ ସମୟ ସମସ୍ତ ରାଜନୀତି ଦଳ ଓ ବିଧାୟକ ପ୍ରାର୍ଥୀ ମାନଙ୍କୁ ଅନୁରୋଧ ଯେ ତାଙ୍କ ନିର୍ବାଚନୀ ଘୋଷଣାପତ୍ରରେ ଏହି ସମସ୍ୟାର ନିରାକରଣ କରିବେ ବୋଲି ଘୋଷଣା କରିବାକୁ ସମିତି ଅନୁରୋଧ କରିଛି । ଏହି ସାମ୍ବାଦିକ ସମ୍ମିଳନୀରେ ପ୍ରତିନିଧି ମଣ୍ଡଳ ସଦସ୍ୟ କଣ୍ଟାବାଞ୍ଜି ବରିଷ୍ଠ ଆଇନଜୀବୀ ବିଷ୍ଣୁ ଶର୍ମା, ବାଣିଜ୍ୟ ସଂଘ ସଭାପତି ଅନିଲ ଅଗ୍ରୱାଲ, ଶୁଣି ସମାଜ ସଭାପତି କୁଞ୍ଜବିହାରି ବେହେରା, ମୁରିରାରିଲା ଅଗ୍ରୱାଲ, ମହିଳା ସମିତି ସଭାପତି ମଞ୍ଜସିନ ଥିଲେ । ଅନ୍ୟମାନଙ୍କ ମଧ୍ୟରେ ରାଜୁ ଜୈନ ବନମାଳୀ, ଅନିଲ ଅଗ୍ରୱାଲ, ସୁନୀଲ ଅଗ୍ରୱାଲ, ସଞ୍ଜୟ ଅଗ୍ରୱାଲ, ବିଜୟ ଘୁମେରୀୟ ପ୍ରମୁଖ ସହଯୋଗ କରିଥିଲେ ।

# ସୁଶ୍ରୀ ଦୀପାଳି ଦାସଙ୍କ ମାରାଥନ ପ୍ରଚାର

**ବ୍ରଜରାଜନଗର, ନ୍ୟୁଜ୍ ବ୍ୟୁରୋ**




ଝାରସୁଗୁଡ଼ା ନିର୍ବାଚନ ମଣ୍ଡଳୀ ବିଧାନସଭା ପ୍ରାର୍ଥୀନୀ ସୁଶ୍ରୀ ଦୀପାଳି ଦାସ ଚଳିତ ନିର୍ବାଚନରେ ବାଜି ମାତ କରିବା ସଂକଳ୍ପକୁ ନେଇ ପୌରାଞ୍ଚଳ ୱାର୍ଡ ନମ୍ବର ୧୬, ୧୭,୨୧ ଓ ୨୨ରେ ମାରାଥନ ପ୍ରଚାର ଏବଂ ଶ୍ରୀପୁରା ଗ୍ରାମପଞ୍ଚାୟତ ଠାରେ ନିର୍ବାଚନୀ ପ୍ରଚାର କରିଛନ୍ତି । ଏହି ସଭାମାନଙ୍କରେ ଉପସ୍ଥିତ କର୍ମୀଙ୍କ ଦ୍ୱାରା ବିଜେଡି ଜିନ୍ଦାବାଦ ଓ ମାଆ ମାନଙ୍କ ହୁଳହୁଳି ପ୍ରମାଣିତ କରିଦେଉଛି ଯେ ଆସନ୍ତା ନିର୍ବାଚନରେ ରେକର୍ଡ ମାର୍ଜିନରେ ବିଜେଡି ବିଜୟ ଲାଭ କରିବ । ମୁଖ୍ୟମନ୍ତ୍ରୀଙ୍କ ସ୍ୱଚ୍ଛ ନିର୍ମଳ ଶାସନ ଏବଂ ସ୍ୱର୍ଗୀୟ ସ୍ୱାସ୍ଥ୍ୟ ମନ୍ତ୍ରୀ ନବ କିଶୋର ଦାସଙ୍କ କରାଯାଉଥିବା ବିକାଶ ମୂଳକ କାର୍ଯ୍ୟ ଉପରେ ବିଶ୍ୱାସର ମୋତେ ଏହି ନିର୍ବାଚନରେ ଆଶୀର୍ବାଦ କରି ବିପୁଳ ସଂଖ୍ୟାରେ ଭୋଟ୍ ଦେଇ ବିଜୟୀ କରିବେ ବୋଲି ସୁଶ୍ରୀ ଦୀପାଳି ଦାସ କହିଛନ୍ତି । ଏହା ସହ କିଛି ମାସର ସମୟରେ ଯେଉଁ ବିକାଶ ମୂଳକ କାର୍ଯ୍ୟ ହୋଇଛି ଏହାକୁ ଆହୁରି ଅଧିକ ଗତିରେ ଝାରସୁଗୁଡ଼ାର ବିକାଶ କାର୍ଯ୍ୟ କରିବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି । ବିରୋଧି ଦଳ ଉପରେ ପ୍ରଶ୍ନ ଅଙ୍କିତ କରି ଦରଦାମ୍ ବୃଦ୍ଧିକୁ ନେଇ ଉତ୍ତର ମାଗିଥିଲେ । ଏହା ସଙ୍ଗେ ସଙ୍ଗେ ଭାରତୀୟ ଜନତା ପାର୍ଟି ଦେଶ ରାଜ୍ୟ ଓ ଜିଲ୍ଲାବାସୀଙ୍କୁ ଭୁଆଁ ବୁଲାଉଛନ୍ତି ବୋଲି କହିଛନ୍ତି । ଏହି ପ୍ରଚାର ପ୍ରସାର କାର୍ଯ୍ୟକ୍ରମରେ ଜିଲ୍ଲା ସଭାପତି ରବି ସିଂ, ପୌର ଅଧ୍ୟକ୍ଷା ରାନୀ ହାତୀ, ପୂର୍ବତନ ପୌରାଧ୍ୟକ୍ଷ ତାପସ ରାୟ ଚୌଧୁରୀ ଓ ହରିଶ ଗନତ୍ରା, ସନ୍ଦିପ୍ତ ଅବସ୍ଥି, ବିଶ୍ୱନାଥ ତ୍ରିପାଠୀ, ରଘୁମଣି ପଟେଲ, ପିଣ୍ଟୁ ପାଢି, ପ୍ରତାପ ନନ୍ଦ, ମଦନ ହାତୀ, ଦୀପକ ସାହୁ, ଶ୍ରୀକାନ୍ତ ମହାନ୍ତି, ଗୋବିନ୍ଦ ସିଂହାନିଆ, ପ୍ୟାରେଲାଲ ଶ୍ରୀବାସ୍ତବ, ଜୟପ୍ରକାଶ କୁଆଁର, ତୁଳସୀ ଦାସ, ଶଶୀ ତିୱାରୀ, ଗଜାନନ୍ଦ ତିୱାରୀ, ନବନିତ କୋର୍, ସରିତା ଅଗ୍ରୱାଲଙ୍କ ସହ ୱାର୍ଡର କାଉନସିଲର ଓ ଅନ୍ୟାନ୍ୟ ଦଳୀୟ ପଦାଧିକାରୀ ସାମିଲ ହୋଇଥିଲେ ।

# ବ୍ରହ୍ମପୁର ଆଚାର ଓ ପାମ୍ପଡ଼ର ସ୍ୱାଦ ନିଆରା: ରାଜ୍ୟ ବାହାରେ ବି ରହିଛି ଚାହିଦା

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ଦକ୍ଷିଣ ଓଡ଼ିଶାର ପ୍ରମୁଖ ବ୍ୟବସାୟ କ୍ଷେତ୍ର ହେଉଛି ବ୍ରହ୍ମପୁର । ପ୍ରତ୍ୟେକ ଦିନ ବିଭିନ୍ନ ପ୍ରାନ୍ତରୁ ବହୁ ସାମଗ୍ରୀ ସହରକୁ ଆସିଥାଏ । ଏମିତିକି ଖାଦ୍ୟରେ ବି ବ୍ରହ୍ମପୁରର ନାମ ରାଜ୍ୟ ଓ ରାଜ୍ୟ ବାହାରେ ରହିଛି । ବ୍ରହ୍ମପୁରର ଖାଦ୍ୟକୁ ନେଇ ଖୋଦ୍ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବି ପ୍ରଶଂସା କରିଥିଲେ । ଏଭଳିକି ବ୍ରହ୍ମପୁରକୁ ଖାଦ୍ୟର ରାଜଧାନୀ ବୋଲି କହିଥିଲେ । ବ୍ରହ୍ମପୁର ଖାଦ୍ୟର ସ୍ୱତନ୍ତ୍ରତା ରହିଥିବା ବେଳେ ଏଠିକାର ଆଚାର ଓ ପାମ୍ପଡ଼ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି । ବ୍ରହ୍ମପୁର ଆଚାର ଓ ପାମ୍ପଡ଼ର ସ୍ୱାଦ ନିଆରା । ଏଠିକାର ଆଚାର ଓ ପାମ୍ପଡ଼ କେବଳ ରାଜ୍ୟ ନୁହଁ ରାଜ୍ୟ ବାହାରକୁ ବି ଯାଇଥାଏ । କେବଳ ଆଚାର ଓ ପାମ୍ପଡ଼ ନୁହଁ ଏଠିକାର ବଡ଼ିର ଚାହିଦା ବି ରହିଛି । ବ୍ରହ୍ମପୁର ସହରର ଆଚାର ପ୍ରସ୍ତୁତ କରିବା ପାଇଁ ସାମିଲ କରି ସେମାନଙ୍କୁ ଆତ୍ମନିର୍ଭରଶୀଳ କରାଇବାକୁ ପ୍ରଚେଷ୍ଟା କରାଯାଉଛି । ଗତ ଦିନରେ ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଦ୍ୱାରା ପ୍ରସ୍ତୁତ ଆଚାର, ପାମ୍ପଡ଼କୁ ମଲ୍ ହେଉଥିବା ଦେଖିବାକୁ ମିଳିଛି । ବ୍ରହ୍ମପୁର ସହରର ଆଚାର ଓ ପାମ୍ପଡ଼ର ମାର୍କେଟିଂ ବ୍ୟବସ୍ଥା ସମ୍ପର୍କରେ ଆମ ପ୍ରତିନିଧି ବଡ଼ବଜାର ଓ ଭାପୁର ବଜାରର କିଛି ବ୍ୟବସାୟୀଙ୍କ କହିବା ଅନୁଯାୟୀ ବ୍ରହ୍ମପୁର ଆଚାର ଓ ପାମ୍ପଡ଼ର ଚାହିଦା ରାଜ୍ୟ ଓ ରାଜ୍ୟ ବାହାରେ ରହିଛି । ଦୀର୍ଘ ବର୍ଷ ହେଲା ଆମେ ଏହି ବ୍ୟବସାୟ କରି ଅସୁଛୁ । ଆଚାର ପାଇଁ ଆନ୍ଧ୍ରପ୍ରଦେଶରୁ ବିଭିନ୍ନ ସାମଗ୍ରୀ ଆଣି ଏଠାରେ ଆଚାର ପ୍ରସ୍ତୁତ କରୁଥିବା କହିଛନ୍ତି । ବିଶେଷ କରି ଆନ୍ଧ୍ରପ୍ରଦେଶରୁ ଆମ୍ବ ଆସିଥାଏ । କେବଳ ଦେଶରେ ନୁହଁ ବ୍ରହ୍ମପୁରର ଆଚାର ଓ ପାମ୍ପଡ଼ ବିଦେଶରେ ବି ଚାହିଦା ରହିଥିବା କିଛି ବ୍ୟବସାୟୀ ମାନେ କହିଛନ୍ତି । ବଜାରରେ ଆମ୍ବ, ମରିଚ, ଲେମ୍ବୁ, ଆମ୍ବସୋଢ଼ା, ବରକୋଳି, ନବରତ୍ନ, ତେନ୍ତୁଳି, ଅଦା ଆଦି ଭଳିକି ଭଳି ମିଠା ଓ ରାଗ ଆଚାର ବିକ୍ରି ହେଉଛି । ସେହିଭଳି ପାମ୍ପଡ଼ ଓ ବଡ଼ିର ଚାହିଦା ବି ରହିଛି । ବର୍ଷ ତମାମ୍ ଏହି ବ୍ୟବସାୟୀ ଭଲ ଚାଲିଥାଏ ବୋଲି କିଛି ବ୍ୟବସାୟୀ କହିଛନ୍ତି ।

# ଧର୍ମ ପରାୟଣା ମହିଳାଙ୍କ ପରଲୋକ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ପୌରାଞ୍ଚଳ ଅନ୍ତର୍ଗତ ୩ନଂ ୱାର୍ଡ ତଳବାରଙ୍ଗ ଗ୍ରାମର ଧର୍ମ ପରାୟଣା ମହିଳା ଲକ୍ଷ୍ମୀପ୍ରିୟା ଦେବୀ (୮୨)ଙ୍କର ପରଲୋକ ହୋଇଯାଇଛି । ସେ ଜଣେ ଶାନ୍ତ, ସରଳ, ପରୋପକାରୀ, ପ୍ରକୃତିପ୍ରେମୀ ଭାବେ ପରିଚିତ ଥିଲେ । କେନ୍ଦ୍ରାପଡା ଅଞ୍ଚଳର ଜଣାଶୁଣା ଥିଲେ । ସ୍ୱର୍ଗତ ନଟବର ପତିଙ୍କର ଧର୍ମପତ୍ନୀ ଥିଲେ । ମୃତ୍ୟୁ ସମୟରେ ତାଙ୍କର ସମସ୍ତ ପରିବାର ସଦସ୍ୟ, ପୁତ୍ର, ବୋହୂ, ନାତି, ନାତୁଣି ସମସ୍ତେ ଉପସ୍ଥିତ ଥିଲେ । ଶୋକାକୁଳ ପରିବେଶରେ ଗ୍ରାମ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା ।

# ବଢୁଛି ମଶା ପ୍ରାଦୁର୍ଭାବ: ସଫା ହେଉନି ନାଳ, ସୁଧୁରୁନି ଡ୍ରେନେଜ୍ ବ୍ୟବସ୍ଥା

**କେନ୍ଦୁଝର, ନ୍ୟୁଜ୍ ବ୍ୟୁରୋ**



କଥାରେ ଅଛି ଗାଁ ପରିମଳ ଧୋବା ତୁଠରୁ । କେନ୍ଦୁଝରଗଡ଼ ପୌରପାଳିକା ବିଭିନ୍ନ ସ୍ଥାନରେ ପାର୍କ ତିଆରି କରି ପେଭର ବ୍ଲକ ପକାଇ ସୌନ୍ଦର୍ଯ୍ୟକରଣ ଉପରେ ଧ୍ୟାନ ଦେଉଥିବା ବେଳେ କେନ୍ଦୁଝର ସହର ଯେ ମଶା ମାଛିଙ୍କ ପ୍ରଜନନ କେନ୍ଦ୍ରରେ ପରିଣତ ହେଲାଣି । ଏକଥା ଦୃଷ୍ଟିକୁ ଆସୁନାହିଁ । କେନ୍ଦୁଝରଗଡ଼ ପୌରପାଳିକା ଅନ୍ତର୍ଗତ ସମସ୍ତ ୨୧ଟି ୱାର୍ଡର ସଫେଇ ଓ ମଇଳା ଉଠା ପାଇଁ ନିୟୋଜିତ ଏଲ ଆଣ୍ଡ କେ ସଂସ୍ଥାକୁ ପ୍ରତିମାସ ୨୧ ଲକ୍ଷ ଟଙ୍କା ପ୍ରଦାନ କରାଯାଉଛି କିନ୍ତୁ ବାସ୍ତବିକ କ୍ଷେତ୍ରରେ କେନ୍ଦୁଝରଗଡ଼ ପୌରପାଳିକାର ବିଭିନ୍ନ ସ୍ଥାନରେ କୁଢ଼ କୁଢ଼ ଅଳିଆ ଆବର୍ଜନା ପଡିରହିଥିବା ଦେଖିବାକୁ ମିଳୁଛି । ପୌରପାଳିକା ଅଫିସ ସମ୍ମୁଖରେ ଥିବା ୮ ନମ୍ବର ୱାର୍ଡର ଗୌରତୋଟା ସାହିରେ ଥିବା ଡ୍ରେନ୍ ଦୀର୍ଘଦିନ ହେବ ସଫା ହେଉନାହିଁ ଡ୍ରେନ୍ ଜଳ ନିଷ୍କାସନ ହେଉନଥିବା କାରଣରୁ ସେଠାରେ ଦୁର୍ଗନ୍ଧମୟ ପରିବେଶ ସୃଷ୍ଟି ହୋଇଛି । ଏପରିକି ସେଠାରେ ମଶା ମାଛିଙ୍କ ପ୍ରଜନନ ଓ ବଂଶ ବିସ୍ତାର ପାଇଁ ପ୍ରକୃଷ୍ଟ ସ୍ଥାନ ପାଲଟି ଯାଇଛି । ସ୍ଥାନୀୟ ଲୋକେ ବାରମ୍ବାର ଅଭିଯୋଗ କଲେ ମଧ୍ୟ କେହି କର୍ଣ୍ଣପାତ କରୁନାହାନ୍ତି । ଅଭିଯୋଗ କଲେ ସଂସ୍ଥା କିଛି ମୁଷ୍ଟିମେୟ ବ୍ୟକ୍ତିଙ୍କ ମାଧ୍ୟମରେ ଧମକ ଦେଉଥିବା ସ୍ଥାନୀୟ ଲୋକେ ଅଭିଯୋଗ କରୁଛନ୍ତି । ଏପରିକି ଆମେ କରିବୁ ନାହିଁ , କାହାକୁ ଅଭିଯୋଗ କରିବ କର ବୋଲି ଚରମ ବାଣୀ ମଧ୍ୟ ଶୁଣାଉଛନ୍ତି । ଏହି ୱାର୍ଡରେ ଅନେକ ଡାକ୍ତର ଇଞ୍ଜିନିୟର, ସରକାରୀ ଅଫିସର ରହୁଥିଲେ ମଧ୍ୟ ସମସ୍ତେ ନିଜ ନିଜ ସମ୍ମାନକୁ ଜଗି ଚୁପ୍ ରହିବା ଶ୍ରେୟସ୍କର ମଣୁଛନ୍ତି । କେନ୍ଦୁଝରଗଡ଼ ପୌରପାଳିକା ସାରା ମଶା ମାଛିଙ୍କ ପ୍ରାଦୁର୍ଭାବ ବଢିଥିବା ବେଳେ ପୌରପାଳିକା କର୍ତ୍ତୃପକ୍ଷ ରାଜସ୍ୱ ବଢ଼ିବାରେ ବ୍ୟସ୍ତ ରହୁଥିବା ଦେଖିବାକୁ ମିଳୁଛି । ତିନି ବର୍ଷ ପୂର୍ବେ ଅନ୍‌ଲାଇନ୍ ମାଧ୍ୟମରେ କୌଣସି ନିୟମ ନଥାଇ ମାଗାଯାଇଥିବା ୪ଟି ମଶା ଧୂଆଁ ଦିଆ ଟିଫା ମେସିନ୍ ଗୁଡିକ ଅଚଳ ହୋଇ ପଡିରହିଛି । ପୂର୍ବରୁ ପୂର୍ବତନ ଚମ୍ପୁଆ ବିଧାୟକ ସନାତନ ମହାକୁଡ଼ଙ୍କ ଦ୍ୱାରା ଦିଆଯାଇଥିବା ଦୁଇଟି ଓ ପୌରପାଳିକାକୁ ଜିଲ୍ଲା ପ୍ରଶାସନରୁ ମିଳିଥିବା ଦୁଇଟି ମୋଟ ଆଠଟି ଯାକ ମେସିନ୍ କେବଳ ଗୋଦାମ ଘର ଭିତରେ ସାଇତା ହୋଇ ରହିଛି । ମଶା ମାଛି ପ୍ରାଦୁର୍ଭାବ ରୋକିବା ପାଇଁ ପୌରପାଳିକା ତରଫରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ । ଏ ବିଷୟରେ ପୌରପାଳିକା ପ୍ରଶାସନ କୌଣସି ପ୍ରତିକ୍ରିୟା ଦେଉନଥିବା ବେଳେ ସାଧାରଣ ଲୋକେ ମଶା ମାଛିଙ୍କ ଦ୍ୱାରା ସଂକ୍ରମିତ ରୋଗ କବଳରେ ପଡିବା ଭୟରେ ରହୁଛନ୍ତି । କିଛିବର୍ଷ ପୂର୍ବେ କେନ୍ଦୁଝର ଲୋକେ ଜିଲ୍ଲାର ଯୋଡ଼ା ବଡ଼ବିଲ ଅଞ୍ଚଳରେ ବ୍ୟାପିଥିବା ଡେଙ୍ଗୁର ଭୟାବହତା ଦେଖିଥିବା ବେଳେ ଏବେ କେନ୍ଦୁଝରରେ ଡେଙ୍ଗୁ ବ୍ୟାପିବାର ଭୟ ଲୋକଙ୍କ ଭିତରେ ସୃଷ୍ଟି ହୋଇଛି । ଦେଖିବାକୁ ବାକି ରହିଲା କେନ୍ଦୁଝରଗଡ଼ ପୌରପାଳିକା ବ୍ୟୟ କରୁଥିବା ମାସିକ ୨୧ ଲକ୍ଷ ଟଙ୍କା କେନ୍ଦୁଝରର ଡ୍ରେନ୍ ଓ ନାଳନର୍ଦ୍ଦମା ସହ ଆବର୍ଜନା ସଫା କରିବା କାମରେ ଲାଗୁଚି ନା କେବଳ ଏଲ ଆଣ୍ଡ କେ ସଂସ୍ଥାର ପକେଟ୍ ଗରମ କରିବା ପାଇଁ ଏ ଯୋଜନା ତିଆରି କରାଯାଇଛି । ଏ ସମ୍ପର୍କରେ ପୌରପାଳିକା ନିର୍ବାହୀ ଅଧିକାରୀଙ୍କୁ ପଚାରିବାରୁ ସେ ଏ ବିଷୟରେ ଅବଗତ ନାହାନ୍ତି । ଖୁବ୍‌ଶୀଘ୍ର ପରିଦର୍ଶନ କରି ସମାଧାନ କରିବେ ବୋଲି କହିଛନ୍ତି । ମଇଳା ଜଳ ନିଷ୍କାସନ ଓ ଡ୍ରେନ୍ ସଫେଇ କରାଯିବ ବୋଲି କହିଛନ୍ତି । ମଶାଧୂଆଁ ମେସିନ୍ ଚଲାଇବା ପାଇଁ କର୍ମଚାରୀ ଅଭାବରୁ ସେ ଗୁଡିକ କାର୍ଯ୍ୟକ୍ଷମ କରାଯାଇପାରୁ ନାହିଁ ବୋଲି କହିଛନ୍ତି ।

# ଆଇନଜୀବୀଙ୍କୁ ଭେଟିଲେ ସାଂସଦ ଓ ବିଧାୟକ ପ୍ରାର୍ଥୀ



**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ଜିଲ୍ଲା ଲୋକସଭା ପ୍ରାର୍ଥୀ ଅଂଶୁମାନ ମହାନ୍ତି ଓ କେନ୍ଦ୍ରାପଡା ବିଧାୟକ ପ୍ରାର୍ଥୀ ଗଣେଶ୍ୱର ବେହେରା ଜିଲ୍ଲା କୋର୍ଟ ପରିସରକୁ ଆସି ଓକିଲ ମାନଙ୍କୁ ଭେଟି ଆଲୋଚନା କରିଥିବା ଜଣାପଡିଛି । ଏହି ୨ ପ୍ରାର୍ଥୀ ଶୁକ୍ରବାର ସକାଳେ ଓକିଲ ସଂଘ ସଭାପତି ଧ୍ରୁବ ଚରଣ ସାହୁ, ଭୀମସେନ ଭୂୟାଁ, କୁଞ୍ଜ ବିହାରୀ ପରିଡା, ଶାନ୍ତି ସ୍ୱରୂପ ଭୂୟାଁ, ସରୋଜରାଜ ସିଂହ, ତମସା ପାତ୍ର, ଗୋବର୍ଦ୍ଧନ ରାଉତ, ନିହାର ମହାପାତ୍ର, ଦିନେଶ ସିଂହ, ପ୍ରଧାନ ଅଧିକାରୀ ପ୍ରମୁଖଙ୍କୁ ଭେଟି ଆଲୋଚନା କରିଥିଲେ । ଏଥି ସହିତ ଚଳିତ ନିର୍ବାଚନରେ ସେ ବିଜେଡି ତରଫରୁ ପ୍ରାର୍ଥୀ ହୋଇଥିବାରୁ ତାଙ୍କୁ ସହଯୋଗ କରିବା ପାଇଁ ନିବେଦନ କରିଥିଲେ । ଜିଲ୍ଲା ଓକିଲ ସଂଘର ବିଭିନ୍ନ ସମସ୍ୟା ଅଭାବ ଅସୁବିଧା ସମ୍ପର୍କରେ ପଚାରି ବୁଝିବା ସହ ସେଗୁଡିକୁ ସମାଧାନ କରିବା ପାଇଁ ସେ ଉଦ୍ୟମ କରିବେ ବୋଲି ପ୍ରତିଶୃତି ଦେଇଥିଲେ । ପ୍ରାର୍ଥୀ ଅଂଶୁମାନ ମହାନ୍ତି ଓ ଗଣେଶ୍ୱର ବେହେରା ପୁରୁଣା କୋର୍ଟ ପରିସର ଏବଂ ନୂଆ କୋର୍ଟ ପରିସରରେ ସମସ୍ତ ଭୋଟରଙ୍କୁ ଭେଟି ଭୋଟ୍ ଭିକ୍ଷା କରିଥିଲେ । କୋର୍ଟ ପରିସରରେ ପହଞ୍ଚିବା ପରେ ଏହି ଦୁଇ ପ୍ରାର୍ଥୀଙ୍କୁ ବହୁ ଓକିଲ ବନ୍ଧୁମାନେ ସ୍ୱାଗତ ସମ୍ବର୍ଦ୍ଧନା ଦେବା ସହ ପାଛୋଟି ନେଇଥିଲେ ।

# ତୃତୀୟ ଜିଲ୍ଲାସ୍ତରୀୟ ତାଇକୋଣ୍ଡ ପ୍ରତିଯୋଗିତା ଓ ୮ମ କଲର ବେଲ୍ଟ ତାଇକୋଣ୍ଡ ପରୀକ୍ଷା



**କେନ୍ଦୁଝର, ନ୍ୟୁଜ୍**

ଚଳିତ ମେ' ମାସ ୨୮ ତାରିଖ ଦିନ କେନ୍ଦୁଝରର ନିଉକଲୋନୀସ୍ଥିତ ପ୍ୟାସନ ତାଇକୋଣ୍ଡ ଟ୍ରେନିଂ ହଲ୍ ଠାରେ ତୃତୀୟ ଜିଲ୍ଲା ସ୍ତରୀୟ ତାଇକୋଣ୍ଡ ପ୍ରତିଯୋଗିତା ଓ ୮ମ କଲର ବେଲ୍ଟ ତାଇକୋଣ୍ଡ ପରୀକ୍ଷା କେୱାରିଅର୍ସ ତାଇକୋଣ୍ଡ ଏକାଡେମୀ ଓ ପ୍ୟାସନ ତାଇକୋଣ୍ଡର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଯାଇଛି। ତୃତୀୟ ଜିଲ୍ଲା ସ୍ତରୀୟ ତାଇକୋଣ୍ଡ ପ୍ରତିଯୋଗିତା କ୍ୟୋରୁଗି ଓ ପୁମ୍ସେ ଇଭେଣ୍ଟରେ ୭୦ରୁ ଊର୍ଦ୍ଧ୍ୱ ବାଳକ ଓ ବାଳିକା କେନ୍ଦୁଝର ଜିଲ୍ଲାର ବିଭିନ୍ନ ଟ୍ରେନିଂ ସେଣ୍ଟରରୁ ଅଂଶ ଗ୍ରହଣ କରିଥିଲେ। ରାଜ୍ୟ ସଂଘ ତରଫରୁ ନିଯୁକ୍ତ ଜାତୀୟ ରେଫରି ଦେବୀରୂପା ଦୀକ୍ଷିତ, ମନିଶ ପ୍ରସାଦ ଓ ରୋହିତ ପ୍ରସାଦ ଏହି ପ୍ରତିଯୋଗିତାକୁ ପରିଚାଳନା କରିଥିଲେ। ଓଡ଼ିଶା ତାଇକୋଣ୍ଡ ସଂଘର ସାଧାରଣ ସମ୍ପାଦକ ତଥା ଆନ୍ତର୍ଜାତୀୟ ମାଷ୍ଟର ମନମୋହନ ଭଞ୍ଜଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପ୍ରତିଯୋଗିତା ଓ କଲର ବେଲ୍ଟ ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ପ୍ରତିଯୋଗିତା ପରିଶେଷରେ କୃତି ଖେଳାଳିମାନଙ୍କୁ ପଦକ ସହ ମାନପତ୍ର ପ୍ରଦାନ କରାଯାଇଥିଲା। ଏଥିରେ ସ୍ୱର୍ଣ୍ଣ ତଥା ରୌପ୍ୟ ପଦକ ହାସିଲ କରିଥିବା ଖେଳାଳିମାନେ ଚଳିତ ବର୍ଷ ହେବାକୁ ଥିବା ରାଜ୍ୟ ସ୍ତରୀୟ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବେ। ଏହି ପ୍ରତିଯୋଗିତାକୁ ତାଇକୋଣ୍ଡ ଆସୋସିଏସନ ଅଫ କେନ୍ଦୁଝରର ସଭାପତି ମୌଳୀନ୍ଦୁ କୁମାର ମହାନ୍ତ ଓ ସମ୍ପାଦକ ଏମ୍.ଡି. ରମଜାନ ସହିଯୋଗକରି ଏହି ପ୍ରୋଗ୍ରାମକୁ ସଫଳ କରାଇଥିଲେ।

# ଏଥର ଟି-୨୦ ବିଶ୍ୱକପ୍ କିଏ ହେବ ଚାମ୍ପିୟନ୍ : କଲେ ଖୁଲାସା ଜୟ ଶାହା

**ନୂଆଦିଲ୍ଲୀ**

ୱେଷ୍ଟଇଣ୍ଡିଜ ଏବଂ ଆମେରିକା ଟି-୨୦ ବିଶ୍ୱକପ ପାଇଁ ପ୍ରସ୍ତୁତ ଏହି ଟୁର୍ଣ୍ଣାମେଣ୍ଟ ଜୁନ୍ ୨ରୁ ଆରମ୍ଭ ହେଉଛି। ଏଥି ସହିତ ରୋହିତ ଶର୍ମାଙ୍କ ନେତୃତ୍ୱରେ ଭାରତୀୟ ଦଳ ଜୁନ୍ ୨ରେ ଆୟର୍ଲାଣ୍ଡ ବିପକ୍ଷରେ ବିଶ୍ୱକପ ଅଭିଯାନ ଆରମ୍ଭ କରିବ। ଏହା ପରେ ଟିମ୍ ଇଣ୍ଡିଆ ଜୁନ୍ ୯ରେ ପାକିସ୍ତାନ ସହିତ ମୁହାଁମୁହିଁ ହେବ। ଭାରତୀୟ ଦଳ ଟି-୨୦ ବିଶ୍ୱକପ ୨୦୦୭ ଜିତିଥିଲା, କିନ୍ତୁ ଏହା ପରେ ଟିମ୍ ଇଣ୍ଡିଆ ପ୍ରାୟ ୧୭ ବର୍ଷ ଧରି ଟି-୨୦ ବିଶ୍ୱକପ ଜିତିବାରେ



ବିଫଳ ହୋଇଛି। ତେବେ ଏଥର ଭାରତୀୟ ଦଳ ୧୭ ବର୍ଷର ମରୁଡ଼ିକୁ ଶେଷ କରିବାରେ ସକ୍ଷମ ହେବ କି ? ବିସିସିଆଇ ସଚିବ ଜୟ ଶାହା ଟି-୨୦ ବିଶ୍ୱକପରେ ଭାରତୀୟ ଦଳର ଆଶା ସମ୍ପର୍କରେ ନିଜର ମତ ଦେଇଛନ୍ତି।

ଜୟ ଶାହା କହିଛନ୍ତି, ଟି-୨୦ ବିଶ୍ୱକପ ଜିତିବା ପାଇଁ ଟିମ୍ ଇଣ୍ଡିଆ ଏକ ଦୃଢ଼ ପ୍ରତିଯୋଗୀ। ରୋହିତ ଶର୍ମାଙ୍କ ନେତୃତ୍ୱରେ ଭାରତୀୟ ଦଳ ବ୍ୟତୀତ ଜୟ ଶାହା ଅଷ୍ଟ୍ରେଲିଆ, ନ୍ୟୁଜିଲାଣ୍ଡ ଏବଂ ଆୟୋଜକ ୱେଷ୍ଟଇଣ୍ଡିଜକୁ ବିଜୟ ପାଇଁ ଦୃଢ଼ ପ୍ରତିଯୋଗୀ ବୋଲି ବର୍ଣ୍ଣନା କରିଛନ୍ତି। ଜୟ ଶାହା ବିଶ୍ୱାସ କରନ୍ତି ଯେ, ଟ୍ରଫି ଜିତିବା ପାଇଁ ଏହି ୪ଟି ଦଳ ମଧ୍ୟରେ ପ୍ରତିଯୋଗିତା ହେବ। ୱେଷ୍ଟଇଣ୍ଡିଜ ଦୁଇଥର ଟି-୨୦ ବିଶ୍ୱକପ ଜିତିଛି। ଅଷ୍ଟ୍ରେଲିଆ ୨୦୨୧ ଟି-୨୦ ବିଶ୍ୱକପ ଜିତିଥିଲା। ଏଥି ସହିତ ନ୍ୟୁଜିଲାଣ୍ଡ ପ୍ରଥମ ଥର ପାଇଁ ଟି-୨୦ ବିଶ୍ୱ ଟ୍ରଫିକୁ ଅପେକ୍ଷା କରିଛି।

ନିକଟରେ ଟିମ୍ ଇଣ୍ଡିଆକୁ ଦିନିକିଆ ବିଶ୍ୱକପ ଫାଇନାଲରେ ପରାଜୟର ସାମ୍ନା କରିବାକୁ ପଡିଥିଲା। ରୋହିତ ଶର୍ମାଙ୍କ ନେତୃତ୍ୱରେ ଟିମ୍ ଇଣ୍ଡିଆ କ୍ରମାଗତ ୧୦ଟି ମ୍ୟାଚ୍ ଜିତି ଫାଇନାଲରେ ପ୍ରବେଶ କରିଥିଲା, କିନ୍ତୁ ଅଷ୍ଟ୍ରେଲିଆ ସେମାନଙ୍କ ଆଶାକୁ ଧୂଳିସାତ୍ କରିଦେଇଥିଲା

# ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ଉପରେ ଲାଗିଲା କଟକଣା

**ନୂଆଦିଲ୍ଲୀ**



ଲକ୍ଷ୍ନୌ ସୁପର ଜାଏଣ୍ଟ୍ସଠୁ ପରାଜିତ ହୋଇ ଚଳିତ ଆଇପିଏଲ ସିଜିନରେ ଯାତ୍ରା ଶେଷ କରିଛି ମୁମ୍ବାଇ ଇଣ୍ଡିଆନ୍ସ। ଏହି ଯାତ୍ରା ଶେଷ ସହ ମୁମ୍ବାଇ କ୍ୟାପ୍ଟେନ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ଉପରେ ଆସନ୍ତା ବର୍ଷ ମ୍ୟାଚ୍ ପର୍ଯ୍ୟନ୍ତ ଲାଗିଛି କଟକଣା। ସ୍ଲୋ ଓଭର ରେଟ୍ ପାଇଁ ହାର୍ଦ୍ଦିକ ୩୦ ଲକ୍ଷ ଟଙ୍କା ଜରିମାନା ଦେବା ସହ ୨୦୨୫ ସିଜିନର ପ୍ରଥମ ମ୍ୟାଚ୍‌ରେ ବ୍ୟାନ ହୋଇଛନ୍ତି। ୧୭ ମଇ ଶୁକ୍ରବାର ଲକ୍ଷ୍ନୌ ବିପକ୍ଷ ମୁକାବିଲାରେ ମୁମ୍ବାଇକୁ ସ୍ଲୋ ଓଭର ରେଟ୍ ବଜାୟ ରଖିଥିବାରୁ ଦଣ୍ଡିତ ହେବାକୁ ପଡ଼ିଛି। ଏଥିପାଇଁ ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟା ୩୦ ଲକ୍ଷ ଟଙ୍କା ଜରିମାନା ଦେବା ସହ ପରବର୍ତ୍ତୀ ମ୍ୟାଚ୍ ପାଇଁ ବ୍ୟାନ ହୋଇଛନ୍ତି। ସେହିପରି ଅନ୍ୟ ଖେଳାଳିମାନଙ୍କ ଉପରେ ୧୨ ଲକ୍ଷ ଟଙ୍କା କିମ୍ବା ସେମାନଙ୍କ ମ୍ୟାଚ୍ ଫି'ର ୫୦ ପ୍ରତିଶତ ଦେବାକୁ ପଡ଼ିଛି।

# ବକ୍ସର ପରବିନଙ୍କୁ ସସ୍‌ପେଣ୍ଡ କଲା ୱାଡା

**ନୂଆଦିଲ୍ଲୀ**

ବିଶ୍ୱ ଚାମ୍ପିୟନସିପ୍ ବ୍ରୋଞ୍ଜ ପଦକ ବିଜୟୀ ବକ୍ସର ପରବିନ ହୁଡା ତାଙ୍କ ପ୍ୟାରିସ ଅଲିମ୍ପିକ କୋଟା ହରାଇ ପାରନ୍ତି। ସେ ୧୨ମାସ ମଧ୍ୟରେ ୩ଥର ତାଙ୍କ ଠିକଣା ଦେବାରେ ବିଫଳ ହୋଇଥିବାରୁ ୱାଲର୍ଡ ଆଣ୍ଟି ଡୋପିଙ୍ଗ ଏଜେନ୍ସି (ୱାଡା) ଦ୍ୱାରା ସେ ସସ୍‌ପେଣ୍ଡ ହୋଇଛନ୍ତି। ଗତବର୍ଷ ଏସିଆନ ଗେମ୍ସ ବେଳେ ପରବିନ ମହିଳା ୫୭କେଜି ଓଜନ ଶ୍ରେଣୀରେ ଏକ ଅଲିମ୍ପିକ କୋଟା ହାସଲ କରିଥିଲେ। ୱାଡା ନିୟମାନୁସାରେ ସେ ୨୦୨୨ ଏପ୍ରିଲରୁ ୨୦୨୩ ମାର୍ଚ୍ଚ ପର୍ଯ୍ୟନ୍ତ ତାଙ୍କ ଠିକଣା ଦେବାରେ ବିଫଳ ହୋଇଛନ୍ତି। ୱାଡା ତାଙ୍କୁ ୧.୫ ବର୍ଷ ସସ୍‌ପେଣ୍ଡ କରିଛି। ଚଳିତମାସରୁ ଏହା ଲାଗୁ ହେବ। ଏହାର ଅବଧି ୨୦୨୫ ନଭେମ୍ବର ପର୍ଯ୍ୟନ୍ତ ରହିବ ବୋଲି ପରବିନଙ୍କ କୋଚ୍ ସୁଧୀର ହୁଡା ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ, ରେଜିଷ୍ଟର୍ଡ ଟେଷ୍ଟିଂ ପୁଲ୍ (ଆର୍‌ଟିପି)ର ତାଲିକାଭୁକ୍ତ ଆଥ୍‌ଲେଟମାନେ କୌଣସି କାରଣରୁ ତାଙ୍କ ବାସସ୍ଥାନ ବଦଳାଇଲେ ତାହାର ସମ୍ପୂର୍ଣ୍ଣ ଠିକଣା ଅବଗତ କରାଇବାକୁ ପଡ଼ିବ। ବାସସ୍ଥାନ ପରିବର୍ତ୍ତନର କାରଣ ଏବଂ



ସେଠାରେ କେତେଦିନ ବିତାଇବେ ସେ ବିଷୟରେ ମଧ୍ୟ ଜଣାଇବାକୁ ହେବ। ପରବିନଙ୍କ ମାମଲା ଲଢୁଥିବା ଓକିଲ ବିଦୁସ୍ପାତ ସିଂଘାଣିଆ କହିଛନ୍ତି, ଦଣ୍ଡକୁ ସମ୍ପୂର୍ଣ୍ଣ ହଟାଇବା ଅବା ହ୍ରାସ କରିବା ଲାଗି ସେମାନେ ଇଣ୍ଟରନ୍ୟାଶନାଲ ଟେଷ୍ଟିଂ ଏଜେନ୍ସି (ଆଇଟିଏ) ସହ ଯୋଗାଯୋଗରେ ଅଛନ୍ତି। ପରବିନଙ୍କ ବାସନ୍ଦ ଦଣ୍ଡ ଯଦି ୧ ବର୍ଷକୁ ହ୍ରାସ କରାଯାଏ ତେବେ ସେ ଜୁଲାଇ-ଅଗଷ୍ଟରେ ହେବାକୁଥିବା ପ୍ୟାରିସ ଗେମ୍ସରେ ଭାଗ ନେବାରୁ ବଞ୍ଚିତ ହେବେ। ଅନ୍ୟପକ୍ଷରେ ୫୭କେଜି ଶ୍ରେଣୀରେ ସାନି କୋଟା ଦାବି କରିବା ଲାଗି ବକ୍ସିଂ ଫେଡେରେସନ ଅଫ୍ ଇଣ୍ଡିଆ (ବିଏଫ୍‌ଆଇ) ନିଷ୍ପତ୍ତି ନେଇଛି। ବର୍ତ୍ତମାନ ସୁଦ୍ଧା କେବଳ ୪ଜଣ ବକ୍ସର କୋଟା ହାସଲ କରିବାରେ ସମର୍ଥ ହୋଇପାରିଛନ୍ତି। ସେମାନେ ହେଲେ ନିଖତ ଜରିନ (୫୦କେଜି), ପ୍ରୀତି (୫୪କେଜି), ପରବିନ (୫୭କେଜି) ଓ ଲଭଲିନା ବର୍ଗୋହେନ୍ (୭୫କେଜି)।


## ଓଡ଼ିଶା ସରକାର
## ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ

III-01

**ଅଧିସୂଚନା**

**No RDM-LAA-BLS-0014-2023- 4373 / R&DM, Dated-13.02.2024**

ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ୍ ବାଲେଶ୍ୱର ଜିଲ୍ଲାରେ ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ବୈଶିଙ୍ଗା ବ୍ରାଞ୍ଚ କେନାଲ, ତ୍ରିଭଙ୍ଗାପୁର ଡିଷ୍ଟ୍ରିବ୍ୟୁଟାରୀ ଏବଂ ଓଡ଼ାଙ୍ଗି ମାଇନର ନିର୍ମାଣ ନିମନ୍ତେ ସରକାର ସରକାରୀ ବ୍ୟୟରେ **ମୌଜା- ଭଣ୍ଡେଶ୍ୱର,** ଥାନା-ବାଲେଶ୍ୱର ସଦର ନଂ.୪୨, ତହସିଲ- ରେମୁଣା, ଜିଲ୍ଲା- ବାଲେଶ୍ୱରରେ ନିମ୍ନ ତଫସିଲ ମତେ ପ୍ରାୟ **ଏ.୨.୨୧** ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି।

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013)ର ୧୧ (୧) ଧାରାରେ ଭାରପ୍ରାପ୍ତ ହୋଇ ସରକାର ଏତଦ୍ୱାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ର ଧାରା ୧୧(୧)ର ବ୍ୟବସ୍ଥା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ / ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚୀତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟରେ ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

**ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ**

**୧. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ-** ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ବୈଶିଙ୍ଗା ବ୍ରାଞ୍ଚ କେନାଲ, ତ୍ରିଭଙ୍ଗାପୁର ଡିଷ୍ଟ୍ରିବ୍ୟୁଟାରୀ ଏବଂ ଓଡ଼ାଙ୍ଗି ମାଇନର ନିର୍ମାଣ ନିମନ୍ତେ
**୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ-** ଅଧିକ୍ଷଣ ଯନ୍ତ୍ରୀ, ବୈଶିଙ୍ଗା କେନାଲ ଡିଭିଜନ, ଲକ୍ଷ୍ମୀପୋଷି, ମୟୂରଭଞ୍ଜ।
**୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ-** ସାର୍ବଜନୀନ ଉଦ୍ଦେଶ୍ୟରେ ଜଳସେଚନ ପ୍ରକଳ୍ପ କାର୍ଯ୍ୟକାରୀ କରିବା।
**୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ-** ଉକ୍ତ ପ୍ରକଳ୍ପ ପାଇଁ ପ୍ରଯୁଜ୍ୟ ନୁହେଁ।
**୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ -** ଉପ ଜିଲ୍ଲାପାଳ, ବାଲେଶ୍ୱର।
**୬. ଜମିର ବିବରଣୀ-**

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ | ପ୍ଲଟ୍ ନଂ | ପ୍ଲଟ୍ ର ମୋଟ ରକବା | ଅଧିସୂଚୀତ ଜମିର ରକବା | ରୟତ୍‌ର ନାମ |
|---|---|---|---|---|---|---|---|---|
| ବାଲେଶ୍ୱର | ରେମୁଣା | ଭଣ୍ଡେଶ୍ୱର | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏ. ୫.୭୮ | ଏ. ୨.୨୧ | ଏଥି ସହିତ ସଂଲଗ୍ନ |

ଉକ୍ତ ଭୂମିର ଏକ ନକ୍ସା ଭୂ-ଅର୍ଜନ ମହାମଣ୍ଡଳ ଅଧିକାରୀ, ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ ଦେଉଳି, **ମୟୂରଭଞ୍ଜଙ୍କ** କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣ ନେଣ) କିମ୍ବା ଦାୟ ସୃଷ୍ଟି **ବାଲେଶ୍ୱର** ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ।

ଭୂମି ଅନୁସୂଚୀ

ଭୂଅର୍ଜନ ମାମଲା ସଂଖ୍ୟା- ୫୯/୨୦୨୨
ଏ.୨.୨୧ଡି.

ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ ବୈଶିଙ୍ଗା ବ୍ରାଂଚ କେନାଲ, ତ୍ରିଭଙ୍ଗାପୁର ଡିଷ୍ଟ୍ରିବ୍ୟୁଟାରୀ ଓଡାଙ୍ଗି ମାଇନର
ମୌଜା- ଭଣ୍ଡେଶ୍ୱର, ଥାନା- ବାଲେଶ୍ୱର ସଦର ନଂ- ୭୭, ତହସିଲ- ରେମୁଣା, ଜିଲ୍ଲା- ବାଲେଶ୍ୱର

| ଖାତା ନଂ ଓ ସତ୍ୱ | ପ୍ଲଟ ନଂ | ମୋଟ ରକବା | ଆକ୍ୟୁଆର ରକବା | କିସମ | ରୟତଙ୍କ ନାମ, ପିତା, ଜାତି ଓ ବାସସ୍ଥାନ |
|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ |
| 12 | 253 | 0.11 | 0.07 | ଶାରଦ ଦୁଇ | ଉମାକାନ୍ତ ବିଶ୍ୱାଳ ପି:ନେତ୍ରାନନ୍ଦ ବିଶ୍ୱାଳ ଜା: ଖଣ୍ଡାୟତ ବା: ଦିଗାପଦା |
| 21 | 182 | 0.16 | 0.09 | ଶାରଦ ଦୁଇ | କିରଣ ବାଳା ମହାନ୍ତି ସ୍ୱା: ରବିନ୍ଦ୍ର ମହାନ୍ତି, ଗଜେନ୍ଦ୍ର ମହାନ୍ତି, ଉପେନ୍ଦ୍ର ମହାନ୍ତି ପି: କ୍ଷେତ୍ର ମହାନ୍ତି ଜା: କରଣ ବା: ଓଡଙ୍ଗି |
| 53 | 236 | 0.10 | 0.08 | ଶାରଦ ଦୁଇ | ନରେନ୍ଦ୍ର ବେହେରା ପି:ରାମଚନ୍ଦ୍ର ବେହେରା ଜା: ନିଆରି ବା: ନିଜଗାଁ |
| 63 | 243/577 | 0.05 | 0.02 | ଶାରଦ ଦୁଇ | ପୂର୍ଣ୍ଣ ଚନ୍ଦ୍ର ମହାନ୍ତି ପି:ଶ୍ରୀହରି ମହାନ୍ତି ଜା: କରଣ ବା: ନିଜଗାଁ |
| 80 | 183 | 0.13 | 0.10 | ଶାରଦ ଦୁଇ | ମହେନ୍ଦ୍ର ବାରିକ ପି:ରୁଦ୍ର ବାରିକ ଜା: ଗୋପାଳ ବା: ନିଜଗାଁ |
| 110 | 243 | 0.51 | 0.20 | ଶାରଦ ଦୁଇ | ସୀତାକାନ୍ତ ପରିଡା, ଜୟକୃଷ୍ଣ ପରିଡା, ରମାକାନ୍ତ ପରିଡା ପି: ଦାମୋଦର ପରିଡା, ସରସ୍ୱତୀ ପରିଡା ସ୍ୱା: ଗଙ୍ଗାଧର ପରିଡା, ରୁକ୍ମଣୀ ପରିଡା ପି: ଗଙ୍ଗାଧର ପରିଡା ଜା: ଖଣ୍ଡାୟତ ବା: ଦିଗାପଦା |
| 117 | 259 | 0.49 | 0.15 | ଶାରଦ ଦୁଇ | ଶ୍ରୀଧର ଦାସ ପି: ଘନ ଦାସ, ମଡି ଦାସ ସ୍ୱା: ଘନ ଦାସ ଜା: କଣ୍ଡରା ବା: ନିଜଗାଁ |
| 121 | 245/662 | 0.12 | 0.06 | ଶାରଦ ଦୁଇ | ଶ୍ରୀହରି ମହାନ୍ତି ପି:ରଘୁନାଥ ମହାନ୍ତି ଜା: କରଣ ବା: ନିଜଗାଁ |
| 128 | 234 | 0.60 | 0.05 | ଶାରଦ ଦୁଇ | ସୋମନାଥ ବାରିକ ପି:ଗୋବର୍ଦ୍ଧନ ବାରିକ ଜା: ଗୋପାଳ ବା: ନିଜଗାଁ |
| 137/22 | 237/667 | 0.04 | 0.02 | ଶାରଦ ଦୁଇ | ଉମାକାନ୍ତ ବାରିକ, ରମାକାନ୍ତ ବାରିକ, ରତିକାନ୍ତ ବାରିକ ପି: ମହେନ୍ଦ୍ର ବାରିକ ଜା: ଗୋପାଳ ବା: ଭଣ୍ଡେଶ୍ୱର |
| 137/46 | 237 | 0.20 | 0.16 | ଶାରଦ ଦୁଇ | ଖଗେଶ୍ୱର ଗିରି, ଜୟକୃଷ୍ଣ ଗିରି, ପି. ଶ୍ରୀଧର ଗିରି, ଜା. ଖଣ୍ଡାୟତ, ବା. ନିଜ ଗାଁ |
| 137/126 | 176 | 0.19 | 0.02 | ଶାରଦ ଦୁଇ | ଅଶୋକ କୁମାର ସାହୁ, ଶରତ କୁମାର ସାହୁ ପି: ଜଗନ୍ନାଥ ସାହୁ ଜା: ତେଲି ବା: ନିଜଗାଁ |
| | 177 | 0.39 | 0.19 | ଶାରଦ ଦୁଇ | |
| 137/168 | 258 | 0.54 | 0.10 | ଶାରଦ ଦୁଇ | ନରେନ୍ଦ୍ର ନାଥ ବେହେରା ପି:ରାମଚନ୍ଦ୍ର ବେହେରା ଜା: ନିଆରୀ ବା: ଭଣ୍ଡେଶ୍ୱର ଥା ସଦର ଜି ବାଲେଶ୍ୱର |
| 137/170 | 260 | 0.20 | 0.14 | ଶାରଦ ଦୁଇ | ନରେନ୍ଦ୍ର ନାଥ ବେହେରା ପି:ରାମଚନ୍ଦ୍ର ବେହେରା ଜା: ନିଆରୀ ବା: ଭଣ୍ଡେଶ୍ୱର ଥା ସଦର ଜି ବାଲେଶ୍ୱର |
| 137/205 | 269 | 0.36 | 0.10 | ଶାରଦ ତିନି | ନିଦ୍ରାବତୀ ଭୋଇ ସ୍ୱା:ପୁରୁଷୋତ୍ତମ ଭୋଇ ଜା: ଖଣ୍ଡାୟତ ବା: ଠଣାଗଡ଼ିଆ ଥା ସଦର ଜି ବାଲେଶ୍ୱର |
| 137/214 | 191 | 0.71 | 0.22 | ଶାରଦ ଦୁଇ | ପଦ୍ମାବତୀ ବିଶ୍ୱାଳ ସ୍ୱା:ଉମାକାନ୍ତ ବିଶ୍ୱାଳ ଜା: ଖଣ୍ଡାୟତ ବା: ଦିଗାପଦା ଥା ସଦର ଜି ବାଲେଶ୍ୱର |
| | 252 | 0.57 | 0.14 | ଶାରଦ ଦୁଇ | |
| 137/152 | 244 | 0.11 | 0.07 | ଶାରଦ ଦୁଇ | ଜ୍ୟୋତି ପ୍ରକାଶ ମହାନ୍ତି ପି:ରତିକାନ୍ତ ମହାନ୍ତି ଜା: କରଣ ବା: ଓଡଙ୍ଗୀ ଥା ସହଦେବଖୁଣ୍ଟା ଜି ବାଲେଶ୍ୱର |
| 137/223 | 245 | 0.20 | 0.13 | ଶାରଦ ଦୁଇ | ଶଶାଙ୍କ କୁମାର ମହାନ୍ତି, ସୁମନ୍ତ କୁମାର ମହାନ୍ତି ପି: ପ୍ରତାପ ଚନ୍ଦ୍ର ମହାନ୍ତି, ବିଷ୍ଣୁପ୍ରିୟା ମହାନ୍ତି ସ୍ୱା: ପ୍ରତାପ ଚନ୍ଦ୍ର ମହାନ୍ତି ଜା: କରଣ ବା: ଭଣ୍ଡେଶ୍ୱର ଥା ସଦର ଜି ବାଲେଶ୍ୱର |
| ସମପରିମାଣ ଗୋଚର ପ୍ରତିବଦଳ | | | | | |
| 128 | 234 | | 0.01 | ଶାରଦ ଦୁଇ | ସୋମନାଥ ବାରିକ ପି:ଗୋବର୍ଦ୍ଧନ ବାରିକ ଜା: ଗୋପାଳ ବା: ନିଜଗାଁ |
| 137/214 | 191 | | 0.09 | ଶାରଦ ଦୁଇ | ପଦ୍ମାବତୀ ବିଶ୍ୱାଳ ସ୍ୱା:ଉମାକାନ୍ତ ବିଶ୍ୱାଳ ଜା: ଖଣ୍ଡାୟତ ବା: ଦିଗାପଦା ଥା ସଦର ଜି ବାଲେଶ୍ୱର |
| ମୋଟ | ୨୦ ପ୍ଲଟ | ଏ.୫.୭୮ ଡେ.ମି. | ଏ.୨.୨୧ ଡେ.ମି. | | |

ରାଜ୍ୟପାଳଙ୍କ ଆଦେଶକ୍ରମେ
(ନୃସିଂହ ଚରଣ ସ୍ୱାଇଁ)
ସ୍ୱତନ୍ତ୍ର ଶାସନ ସଚିବ

OIPR-24001/14/0020/2425


# ମା' ସନ୍ତୋଷୀ ଦେବୀଙ୍କ ୧୭ତମ ବାର୍ଷିକୋତ୍ସବ



**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ପ୍ରତିବର୍ଷ ପରି ଚଳିତବର୍ଷ ବିଶ୍ୱଶାନ୍ତ ମହାଯଜ୍ଞ ଉପଲକ୍ଷେ ମା' ସନ୍ତୋଷୀଦେବୀଙ୍କ ୧୭ତମ ବାର୍ଷିକ ଉତ୍ସବ ଉପଲକ୍ଷେ ବିଶ୍ୱଶାନ୍ତି ମହାଯଜ୍ଞ ତିନିଦିନ ଧରି ସ୍ଥାନୀୟ ବରମୁଣ୍ଡାଠାରେ ମହାସମାରୋହରେ ପାଳିତ ହୋଇଯାଇଛି। ପିପିଲିରୁ ଏକ ଘଣ୍ଟୁଆ, ପଞ୍ଜାବୀ ଢୋଲ ବାଜା ଓ ବାଣ ଫୁଟାଯାଇ ୨୧ଜଣ ଭକ୍ତ ଏକ କଳସ ଶୋଭାଯାତ୍ରାରେ ମା' ସନ୍ତୋଷୀ ଦେବୀଙ୍କ ପୀଠ ଠାରୁ ଶୁଭାରମ୍ଭ କରାଯାଇଥିଲା। ଏହି କଳସ ଯାତ୍ରା ନୀଳକଣ୍ଠେଶ୍ୱର ମନ୍ଦିର ପର୍ଯ୍ୟନ୍ତ ଯାଇ ବରମୁଣ୍ଡା ଗ୍ରାମ ପରିକ୍ରମା କରିଥିଲା। ୧୪ ତାରିଖରେ ମା' ସନ୍ତୋଷୀ ଦେବୀଙ୍କ ଅଙ୍କୁରୋପଣ କର୍ଯ୍ୟକ୍ରମ ହୋଇଥିବା ବେଳେ ୧୫ ତାରିଖରେ ଜଳଯାତ୍ରା, ମଣ୍ଡଳାଧିବାଶ, ଘଟ ସ୍ଥାପନ, ୧୬ ତାରିଖରେ ସୂର୍ଯ୍ୟପୂଜା, ଗୋପୂଜା, ସର୍ବା ଦେବାଦେବୀ ପୂଜା, ଦେବୀଙ୍କର ଷୋଡ଼ଶ ଉପଚର, ଅଗ୍ନିସ୍ଥାପନ, ଚଣ୍ଡୀପାଠ, ଆହୂତି, ହୋମ ଓ ପୂର୍ଣ୍ଣାହୂତି କାର୍ଯ୍ୟକ୍ରମରେ ଶତାଧିକ ଭକ୍ତ ଯୋଗ ଦେଇଥିଲେ। ଏହି ବିଶ୍ୱଶାନ୍ତି ମହାଯଜ୍ଞ ଉତ୍ସବରେ ଓଡ଼ିଶା ବିଧାନସଭା ସଚିବ ଦାଶରଥି ଶତପଥି ମୁଖ୍ୟ ଅତିଥି, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ପୂର୍ବତନ ଉପ-ସଚିବ ସୁରେନ୍ଦ୍ର କୁମାର ଶତପଥି, ସାପ୍ତାହିକ ସମ୍ବାଦପତ୍ର 'ଉନ୍ନତି ପଥେ'ର ସମ୍ପାଦକ ତଥା ବରିଷ୍ଠ ସାମ୍ବାଦିକ ପ୍ରଦ୍ୟୁମ୍ନ କୁମାର ମହାନ୍ତି, ସମବାୟ ସମିତିର ସମ୍ପାଦକ ତଥା ବରିଷ୍ଠ ଲେଖକ ରମାକାନ୍ତ ମିଶ୍ର, ଜାତୀୟ ସାମ୍ବାଦିକ କଲ୍ୟାଣ ବୋର୍ଡ଼ର ସାଧାରଣ ସମ୍ପାଦକ ସନତ ମିଶ୍ର, ବରିଷ୍ଠ ସାମ୍ବାଦିକ ମାଧବାନନ୍ଦ ବେଉରା, ରାଇଜିଂ ଇଣ୍ଡିଆ ସିଟିଜେନ ଫୋରମର ସମ୍ପାଦକ ପ୍ରଭାସ ରଞ୍ଜନ ଦାସ, ଜୟଦେବ ବିହାର ବିକାଶ ପରିଷଦର ସଭାପତି ମିହିର ରଞ୍ଜନ ରଥ, ସମାଜସେବୀ ନେହେରୁ ସେନାପତି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ତୁଳସୀ ଭଜନ ସନ୍ଧ୍ୟା ଅନୁଷ୍ଠାନ ପକ୍ଷରୁ ବିଶିଷ୍ଟ ସଙ୍ଗୀତ ନିର୍ଦ୍ଦେଶକ ଆଶା ମୁକୁଳ ବାରିକ ଓ ତାଙ୍କ ଦଳଙ୍କ ନିର୍ଦ୍ଦେଶନାରେ ଭଜନ ପରିବେଷଣ କରାଯାଇଥିଲା। କଣ୍ଠଶିଳ୍ପୀ ଗାୟତ୍ରୀ ମହାପାତ୍ର, ଅନିମେଶ ପରିଡ଼ା, ସ୍ନେହାଶିଷ ମହାପାତ୍ରଙ୍କ ଭଜନ ଅତ୍ୟନ୍ତ ମନ ମୁଗ୍ଧକର ଓ ହୃଦୟସ୍ପର୍ଶୀ ହୋଇଥିଲା। ଏହି ଭଜନ କାର୍ଯ୍ୟକ୍ରମରେ କି ପ୍ୟାଡ଼ରେ ଅକ୍ଷୟ, ଗୋପାଳକୃଷ୍ଣ, ତବଲାରେ ପାପାଲି, ଅକ୍ଟୋପ୍ୟାଡ଼ରେ ଅନିଲ୍ ସହାୟତା କରିଥିଲେ। ଆଦିତ୍ୟ କୁମାର ସ୍ୱାଇଁ, ଆଶୀଷ ରଞ୍ଜନ ମହାନ୍ତି, ବିଶ୍ୱ ରଞ୍ଜନ ସାହୁ, ସୁଧାଂଶୁ ଶେଖର ମହାନ୍ତି, ସରୋଜ ସାହୁ, ନିମାଇଁ ତ୍ରିପାଠୀ, ତପନ କୁମାର ସାହୁ, ସୁନିଲ କୁମାର ଦାସ, ଦୀପକ ସ୍ୱାଇଁ, ଜଗନ୍ନାଥ ସାହୁ ଓ ସତ୍ୟଭାମା ସ୍ୱାଇଁଙ୍କ ଦ୍ୱାରା ବିଶ୍ୱଶାନ୍ତି ଯଜ୍ଞ ଆୟୋଜନ କରାଯାଇଥିଲା। ଏହି ବିଶ୍ୱଶାନ୍ତି ମହାଯଜ୍ଞରେ ଭୁବନେଶ୍ୱର ସମେତ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ଭକ୍ତମାନେ ଯୋଗ ଦେଇଥିଲେ।


## ଓଡ଼ିଶା ସରକାର
## ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ

XXI-04

**ଅଧିସୂଚନା**

**No RDM-LAA-MBJ-0025-2023- 7328 / R&DM, Dated-13.03.2024**

ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ୍ ମୟୂରଭଞ୍ଜ ଜିଲ୍ଲାରେ ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର କେଶହରି ଡିଷ୍ଟ୍ରିବ୍ୟୁଟାରୀ ଏବଂ ଅଁଳା ସବ୍-ମାଇନର ନିର୍ମାଣ ନିମନ୍ତେ ସରକାରୀ ବ୍ୟୟରେ **ମୌଜା- ଅଁଳା,** ଥାନା-ବୈଶିଙ୍ଗା, ନଂ.୨୦୨, ତହସିଲ- ବେତନଟୀ, ଜିଲ୍ଲା- ମୟୂରଭଞ୍ଜରେ ନିମ୍ନ ତଫସିଲ ମତେ ପ୍ରାୟ **ଏ. ୧.୪୮** ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି।

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013)ର ୧୧ (୧) ଧାରାରେ ଭାରପ୍ରାପ୍ତ ହୋଇ ସରକାର ଏତଦ୍ୱାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ର ଧାରା ୧୧(୧)ର ବ୍ୟବସ୍ଥା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ / ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚୀତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟରେ ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

**ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ**

**୧. ସାର୍ବଜନୀନ ଉଦ୍ଦେଶ୍ୟରେ ସ୍ୱରୂପ-** ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର କେଶହରି ଡିଷ୍ଟ୍ରିବ୍ୟୁଟାରୀ ଏବଂ ଅଁଳା ସବ୍-ମାଇନର ନିର୍ମାଣ ନିମନ୍ତେ।
**୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ-** ଅଧିକ୍ଷଣ ଯନ୍ତ୍ରୀ, ବୈଶିଙ୍ଗା କେନାଲ ଡିଭିଜନ, ଲକ୍ଷ୍ମୀପୋଷି, ମୟୂରଭଞ୍ଜ।
**୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ-** ସାର୍ବଜନୀନ ଉଦ୍ଦେଶ୍ୟରେ ଜଳସେଚନ ପ୍ରକଳ୍ପ କାର୍ଯ୍ୟକାରୀ କରିବା।
**୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ-** ଉକ୍ତ ପ୍ରକଳ୍ପ ପାଇଁ ପ୍ରଯୁଜ୍ୟ ନୁହେଁ।
**୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ -** ଉପ ଜିଲ୍ଲାପାଳ, ବାରିପଦା।
**୬. ଜମିର ବିବରଣୀ-**

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ | ପ୍ଲଟ୍ ନଂ | ପ୍ଲଟ୍ ର ମୋଟ ରକବା | ଅଧିସୂଚୀତ ଜମିର ରକବା | ରୟତ୍‌ର ନାମ |
|---|---|---|---|---|---|---|---|---|
| ମୟୂରଭଞ୍ଜ | ବେତନଟୀ | ଅଁଳା | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏ. ୧୭.୦୫ | ଏ. ୧.୪୮ | ଏଥି ସହିତ ସଂଲଗ୍ନ |

ଉକ୍ତ ଭୂମିର ଏକ ନକ୍ସା ଭୂ-ଅର୍ଜନ ମହାମଣ୍ଡଳ ଅଧିକାରୀ ନଂ୨, ବହଳଦା, ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ, **ମୟୂରଭଞ୍ଜଙ୍କ** କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣ ନେଣ) କିମ୍ବା ଦାୟ ସୃଷ୍ଟି **ମୟୂରଭଞ୍ଜ** ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ।

ଭୂମି ଅନୁସୂଚୀ

ଭୂଅର୍ଜନ ମାମଲା ସଂଖ୍ୟା- ୮୩/୨୦୨୩
ଏ.୧.୪୮ଡି.

ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ କେଶହରି ଡିଷ୍ଟ୍ରିବ୍ୟୁଟାରୀ ଏବଂ ଅଁଳା ସବ୍-ମାଇନର ନିମନ୍ତେ
ମୌଜା- ଅଁଳା, ଥାନା- ବୈଶିଙ୍ଗା ନଂ-୨୦୨, ତହସିଲ- ବେତନଟୀ, ଜିଲ୍ଲା-ମୟୂରଭଞ୍ଜ

| ଖାତା ନଂ | ପ୍ଲଟ ନଂ | ମୋଟ ରକବା | ଆକ୍ୟୁଆର ରକବା | କିସମ | ରୟତଙ୍କ ନାମ, ପିତା, ଜାତି ଓ ବାସସ୍ଥାନ |
|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ |
| ୨୪ | ୨୯୨ | ୦.୧୦ | ୦.୦୨ | ଶାରଦ ଦୁଇ | ଶ୍ରୀ ଅଁଳାଶୁଣି ଠାକୁରାଣୀ ବିଜେ ନିଜଗାଁ ମାର୍ଫତ ବା:, କାଙ୍ଗାଳି ଦେହୁରୀ, ସନା ଦେହୁରୀ ପି: ଚିନ୍ତାମଣି ଦେହୁରୀ ଜା: ଭୂମିଜ ବା: ନିଜଗାଁ |
| ୯୪ | ୨୭୫ | ୫.୮୦ | ୦.୧୮ | ଶାରଦ ଏକ | ନରହରି ମହାନ୍ତ ପି:ଶ୍ରୀମନ୍ତ ମହାନ୍ତ ଜା: କୁଡୁମି ବା: ବାଘୁଆ |
| ୧୨୮ | ୨୯୦ | ୦.୬୦ | ୦.୧୭ | ଶାରଦ ଦୁଇ | ବସନ୍ତ କୁମାର ଦଳାଇ ପି:ପ୍ରଭୁ ଚରଣ ଦଳାଇ ଜା: ଖଣ୍ଡାୟତ ବା: ନିଜଗାଁ |
| ୧୫୨ | ୩୦୯ | ୦.୨୭ | ୦.୦୧ | ଶାରଦ ଦୁଇ | ବୁଧୁ ମହାନ୍ତ ପି:ହାରି ମହାନ୍ତ ଜା: କୁଡୁମି ବା: ପାଞ୍ଚଭାୟା |
| | ୩୨୦ | ୨.୩୪ | ୦.୧୬ | ଶାରଦ ଦୁଇ | |
| ୨୦୩ | ୨୮୩ | ୦.୪୦ | ୦.୦୬ | ଶାରଦ ଏକ | ଶତ୍ରୁଘନ ମହାନ୍ତ, ସୁଦର୍ଶନ ମହାନ୍ତ ପି: ଜଗନ୍ନାଥ ମହାନ୍ତ ଜା: କୁଡୁମି ବା: ବେତନାସିଆ |
| ୨୨୮ | ୨୯୪ | ୦.୪୬ | ୦.୨୧ | ଶାରଦ ଦୁଇ | ଶ୍ରୀବତ୍ସ ସାମଲ ପି:ଭଜହରି ସାମଲ ଜା: ଖଣ୍ଡାୟତ ବା: ନିଜଗାଁ |
| ୨୪୦ | ୨୮୨ | ୧.୪୪ | ୦.୨୪ | ଶାରଦ ଦୁଇ | ସୁଲୋଚନା ଦଳାଇ ସ୍ୱା:ମୁରଲିଧର ଦଳାଇ ଜା: ଖଣ୍ଡାୟତ ବା: ନିଜଗାଁ |
| ୨୪୯/୧୫ | ୨୮୯ | ୦.୧୪ | ୦.୦୪ | ଶାରଦ ଦୁଇ | ଶ୍ରୀ ଅଁଳାଶୁଣୀ ଠାକୁରାଣୀ ବିଜେ ନିଜଗାଁ ମାର୍ଫତ ବା:, କାଙ୍ଗାଳି ଦେହୁରି, ସନା ଦେହୁରି ପି: ଚିନ୍ତାମଣି ଦେହୁରି ଜା: ଭୂମିଜ ବା: ନିଜଗାଁ |
| ୨୪୯/୧୨୧ | ୨୮୭ | ୦.୮୬ | ୦.୦୯ | ଶାରଦ ଦୁଇ | ନିତ୍ୟାନନ୍ଦ ଦଳାଇ ପି:ପରମା ନନ୍ଦ ଦଳାଇ ଜା: ଖଣ୍ଡାୟତ ବା: ନିଜଗାଁ |
| ୨୪୯/୧୨୯ | ୨୯୩ | ୦.୨୮ | ୦.୦୫ | ଶାରଦ ଦୁଇ | ବିଶ୍ୱଜିତ ପ୍ରଧାନ ପି:ରବିନ୍ଦ୍ର ପ୍ରଧାନ ଜା: ଖଣ୍ଡାୟତ ବା: ଡ଼ମ୍ବରୁଡ଼ହର |
| ୨୪୯/୨୦୫ | ୨୭୬ | ୪.୩୬ | ୦.୨୫ | ଶାରଦ ଏକ | ରାମକୃଷ୍ଣ ସାମଲ ପି: ଶ୍ରୀକାନ୍ତ ସାମଲ, ରାଜିବ ସାମଲ, ସଞ୍ଜିବ ସାମଲ, ଦେବସ୍ମିତା ସାମଲ ପି: ହରେକୃଷ୍ଣ ସାମଲ, ରେଣୁବାଳା ଦଲେଇ ସ୍ୱା: ହରେକୃଷ୍ଣ ସାମଲ ଜା: ଖଣ୍ଡାୟତ ବା: ନିଜଗାଁ |
| ମୋଟ | ୧୨ ପ୍ଲଟକୁ | ଏ.୧୭.୦୫ ଡେ.ମି. | ଏ.୧.୪୮ ଡେ.ମି. | | |

ରାଜ୍ୟପାଳଙ୍କ ଆଦେଶକ୍ରମେ
(ନୃସିଂହ ଚରଣ ସ୍ୱାଇଁ)
ସ୍ୱତନ୍ତ୍ର ଶାସନ ସଚିବ

OIPR-24001/14/0010/2425


# ଯାଜପୁର ଜିଲ୍ଲାରେ ଶୃଙ୍ଖଳାର ସହ ନିର୍ବାଚନ ସମ୍ପନ୍ନ ପାଇଁ ପର୍ଯ୍ୟବେକ୍ଷକଙ୍କ ସମୀକ୍ଷା

**ଯାଜପୁର, ନ୍ୟୁଜ୍‌ବ୍ୟୁରୋ**

ଯାଜପୁର ଜିଲ୍ଲାରେ ଏକକାଳୀନ ୮-ଯାଜପୁର (ସଂରକ୍ଷିତ) ଲୋକସଭା ଆସନ ନିମନ୍ତେ ନାମାଙ୍କନ ପତ୍ର ପ୍ରତ୍ୟାହାର ପରେ ଅଞ୍ଚଳ ଦାସ (ଆଇଏନ୍‌ସି), ରବିନ୍ଦ୍ର ନାରାୟଣ ବେହେରା (ଭାରତୀୟ ଜନତା ପାର୍ଟି), ଶର୍ମିଷ୍ଠା ସେଠୀ (ବିଜୁ ଜନତା ଦଳ), ଇଂ ସନ୍ଧ୍ୟାରାଣୀ ମଲ୍ଲିକ (ବହୁଜନ ସମାଜ ପାର୍ଟି), ଝୁନା ମଳିକ (ମାନସ ଲୋକଶକ୍ତି ଦଳ), ବିଦ୍ୟାଧର ଦଳେଇ (ଆମ୍ବେଦକରାଇଟ୍ ପାର୍ଟି ଅଫ୍ ଇଣ୍ଡିଆ), ବିନୋଦ କୁମାର ଜେନା (ଗଣ ସୁରକ୍ଷା ପାର୍ଟି), ମଣ୍ଟୁ ସେଠୀ (ଜନତା ଦରବାର ପାର୍ଟି), ସୁବାଷ ଚନ୍ଦ୍ର ମଲ୍ଲିକ, ଏସ୍‌ୟୁସିଆଇ (କମୁନିଷ୍ଟ), ଆର୍ତ୍ତତ୍ରାଣ ମଳିକ, ନରେନ୍ଦ୍ର ମଳିକ, ଭୈରବ ପ୍ରସାଦ ବେହେରା ଓ ସୁମନ୍ତ ମଳିକ(ସ୍ୱାଧୀନ) ପ୍ରାର୍ଥୀ ନିର୍ବାଚନ ପ୍ରତିଦ୍ୱନ୍ଦିତାରେ ଅବତୀର୍ଣ୍ଣ ହୋଇଛନ୍ତି। ୪୮-ବିଂଝାରପୁର(ସଂରକ୍ଷିତ) ବିଧାନସଭା ଆସନ ନିମନ୍ତେ କନକଲତା ମଲ୍ଲିକ (ଆଇଏନ୍‌ସି), ପ୍ରମିଳା ମଲ୍ଲିକ (ବିଜୁ ଜନତା ଦଳ), ବବିତା ମଲ୍ଲିକ (ଭାରତୀୟ ଜନତା ପାର୍ଟି),





ରାଧାବଲ୍ଲଭ ମଳିକ, ଏସ୍‌ୟୁସିଆଇ (କମୁନିଷ୍ଟ), ୪୯-ବରୀ ଆସନ ନିମନ୍ତେ ଅଶୋକ କୁମାର ବେହେରା (ବହୁଜନ ସମାଜ ପାର୍ଟି), ରମେଶ ଚନ୍ଦ୍ର ଜେନା (ଭାରତୀୟ ଜନତା ପାର୍ଟି), ଦେବାଶିଷ ନାୟକ (ଇଣ୍ଡିଆନ୍ ନ୍ୟାସନାଲ କଂଗ୍ରେସ), ବିଶ୍ୱ ରଂଜନ ମଲ୍ଲିକ (ବିଜୁ ଜନତା ଦଳ), ଅଜୟ ଧଳ (ଜନତା ଦରବାର ପାର୍ଟି), ବେନାଜିର ଖାତୁନ (ଆମ୍ବେଦକରାଇଟ୍ ପାର୍ଟି ଅଫ୍ ଇଣ୍ଡିଆ), କବିର ଦାସ (ସ୍ୱାଧୀନ), ନିମାଇଁ ଚରଣ ରାୟ (ସ୍ୱାଧୀନ), ୫୦-ବଡ଼ଚଣା ଆସନ ନିମନ୍ତେ ଅଜୟ କୁମାର ସାମଲ (ଇଣ୍ଡିଆନ୍ ନ୍ୟାସନାଲ କଂଗ୍ରେସ), ଅମର କୁମାର ନାୟକ (ଭାରତୀୟ ଜନତା ପାର୍ଟି), ବର୍ଷା ପ୍ରିୟଦର୍ଶିନୀ (ବିଜୁ ଜନତା ଦଳ), ବିଜୟ କୁମାର ଦାସ (ଆମ୍ ଆଦମ୍ମି ପାର୍ଟି), ଲକ୍ଷ୍ମୀ ମଳିକ (ବହୁଜନ ସମାଜ ପାର୍ଟି), ଦେବେନ୍ଦ୍ର କୁମାର ସାମଲ (ନେସନାଲ ଆପନୀ ପାର୍ଟି), ଅଜୟ ଅନୁରାଗ ମହାନ୍ତି, ତରଣି ମଲ୍ଲିକ, ମନୋରଞ୍ଜନ ଜେନା (ସ୍ୱାଧୀନ), ୫୧-ଧର୍ମଶାଳା ଆସନ ନିମନ୍ତେ କାର୍ତ୍ତିକ ଚନ୍ଦ୍ର ମଳିକ (ବହୁଜନ ସମାଜ ପାର୍ଟି), କିଷାନ ପଣ୍ଡା (ଇଣ୍ଡିଆନ୍ ନେସନାଲ କଂଗ୍ରେସ), ପ୍ରଣବ କୁମାର ବଳବନ୍ତରାୟ (ବିଜୁ ଜନତା ଦଳ), ସ୍ମୃତିରେଖା ପହି (ଭାରତୀୟ ଜନତା ପାର୍ଟି), କେଦାର ନାଥ ସାହୁ, ଏସ୍‌ୟୁସିଆଇ (କମୁନିଷ୍ଟ), ରଂଜନ କୁମାର ମଳିକ (ମାନସ ଲୋକଶକ୍ତି ଦଳ), ପୁରୁଷୋତ୍ତମ ବେହେରା, ସତିଶ କୁମାର ବିଶ୍ୱାଳ, ହିମାଂଶୁ ଶେଖର ସାହୁ, ହିମାଂସୁ ଶେଖର ସାହୁ, ଲାଲୁ ପ୍ରସାଦ କଦମ (ସ୍ୱାଧୀନ, ୫୨-ଯାଜପୁର ବିଧାନସଭା ଆସନ ନିମନ୍ତେ ଗୌତମ ରାୟ (ଭାରତୀୟ ଜନତା ପାର୍ଟି), ରଘୁନାଥ ସେଠୀ (ବହୁଜନ ସମାଜ ପାର୍ଟି), ସୁଜାତା ସାହୁ (ବିଜୁ ଜନତା ଦଳ), ସୁଦିପ କୁମାର କର (ଇଣ୍ଡିଆନ୍ ନେସନାଲ କଂଗ୍ରେସ), ବିଶ୍ୱନାଥ ଦାସ (ସମୃଦ୍ଧ ଓଡ଼ିଶା), ଦେବ ପ୍ରକାଶ ମହାନ୍ତି (ସ୍ୱାଧୀନ)। ୫୩-କୋରେଇ ଆସନ ନିମନ୍ତେ ଅଟଳ କୁମାର ଜେନା (ବହୁଜନ ସମାଜ ପାର୍ଟି), ଆକାଶ ଦାସନାୟକ (ଭାରତୀୟ ଜନତା ପାର୍ଟି), ତ୍ରିନୟନ ରଥ (ଆମ ଆଦମି ପାର୍ଟି), ବନ୍ଦିତା ପରିଡା (ଇଣ୍ଡିଆନ୍ ନେସନାଲ କଂଗ୍ରେସ), ସନ୍ଧ୍ୟାରାଣୀ ଦାସ (ବିଜୁ ଜନତା ଦଳ), ଗୋପାଳ କୃଷ୍ଣ ମହାନ୍ତି (ଆମ୍ବେଦକରାଇଟ ପାର୍ଟି ଅଫ୍ ଇଣ୍ଡିଆ), ସରୋଜ କର (ପ୍ରଜା ଏକଥା ପାର୍ଟି), ବିନୋଦ ବିହାରୀ ଜେନା, ମନୋଜ କୁମାର ପଣ୍ଡା, ରାମଚନ୍ଦ୍ର ବାରିକ, ସହଦେବ ଜେନା (ସ୍ୱାଧୀନ) ଏବଂ ୫୪-ସୁକିନ୍ଦା ବିଧାନସଭା ଆସନ ନିମନ୍ତେ ପ୍ରଦିପ ବଳ ସାମନ୍ତ (ଭାରତୀୟ ଜନତା ପାର୍ଟି), ପ୍ରିତିରଞ୍ଜନ ଘଡ଼ାଇ (ବିଜୁ ଜନତା ଦଳ), ବିଭୂ ଭୂଷଣ ରାଉତ (ଭାରତୀୟ ଜାତୀୟ କଂଗ୍ରେସ), ସିଲି ମଲ୍ଲିକ (ବହୁଜନ ସମାଜ ପାର୍ଟି), ଦୟାଳରତନ ମହାନ୍ତ (ଆଜସୁ), ଦିପକ କୁମାର ନାୟକ (ଭାରତୀୟ ବିକାଶ ପରିଷଦ), ଲିଲି ମହାନ୍ତ, ସୋସାଲିଷ୍ଟ ୟୁନିଟି ସେଣ୍ଟର ଅଫ୍ ଇଣ୍ଡିଆ (କମୁନିଷ୍ଟ), କୁଳମଣି ପାତ୍ର, ଗୁଣମଣି ଶା, ରଣଜିତ କୁମାର ଜାମୁଦା, ରାଖାଲ ପରିଡା, ସନ୍ଦିପ ଚକ୍ର (ସ୍ୱାଧୀନ) ପ୍ରାର୍ଥୀ ନିର୍ବାଚନ ପ୍ରତିଦ୍ୱନ୍ଦ୍ୱିତାରେ ଅବତୀର୍ଣ୍ଣ ହୋଇଚ୍ଛନ୍ତି। ଏଠାରେ ପ୍ରକାଶ ଥାଉ କି, ୪୮-ବିଂଝାରପୁର (ସଂରକ୍ଷିତ) ବିଧାନ ସଭା ଆସନ ସୁଧିର କୁମାର ମଲ୍ଲିକ (ସ୍ୱାଧୀନ), ୫୧-ଧର୍ମଶାଳା ମିନତି ସାହୁ ଏବଂ ସିଗ୍‌ମା ଶୁଭଲକ୍ଷ୍ମୀ (ସ୍ୱାଧୀନ) ଏବଂ ୫୩-କୋରେଇ ବନମାଳୀ ରଥ (ସ୍ୱାଧୀନ) ପ୍ରାର୍ଥୀଙ୍କୁ ନେଇ ୪ ପ୍ରାର୍ଥୀ ନାମାଙ୍କନ ପତ୍ର ପ୍ରତ୍ୟାହାର କରିନେଇଛନ୍ତି।

30 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୧୯ ମଇ ୨୦୨୪ ରବିବାର





# ରାଇଘର ବ୍ଲକ ଅଧ୍ୟକ୍ଷ ଭାବେ ଦାୟିତ୍ୱ ଗ୍ରହଣ କଲେ ଉପାଧ୍ୟକ୍ଷ



**ରାଇଘର, ନ୍ୟୁଜ୍‌ବ୍ୟୁରୋ**

ନବରଙ୍ଗପୁର ଜିଲ୍ଲା ଅନ୍ତର୍ଗତ ରାଇଘର ବ୍ଲକ୍ ଅଧ୍ୟକ୍ଷା ନିଜ ପଦରୁ ଇସ୍ତଫା ଗତ ମାସ ୨୪ ତାରିଖ ଦିନ ଦେବା ପରେ ଉକ୍ତ ପଦବୀ ଖାଲି ପଡିଥିଲା। ଶନିବାର ବ୍ଲକ୍ ଉପାଧ୍ୟକ୍ଷ ଥିବା ଗୁପ୍ତପ୍ରସାଦ ଝାଙ୍କର ସମସ୍ତ ସମିତି ସଭ୍ୟ/ସମିତି ସଭ୍ୟାଙ୍କ ଉପସ୍ଥିତିରେ ସର୍ବସମ୍ମତି କ୍ରମେ ବ୍ଲକ୍‌ର ଅଧ୍ୟକ୍ଷ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ପ୍ରକାଶ ଥାଉକି, ଚଳିତ ବର୍ଷ ସାଧାରଣ ନିର୍ବାଚନରେ ଉମରକୋଟ ନିର୍ବାଚନମଣ୍ଡଳୀରୁ ବ୍ଲକ ଅଧ୍ୟକ୍ଷା ଥିବା ନବିନା ନାୟକ ବିଜୁ ଜନତା ଦଳ ପକ୍ଷରୁ ବିଧାୟିକା ଭାବେ ନିର୍ବାଚନ ଲଢିବାକୁ ଟିକଟ ପାଇବା ପରେ ସେ ନିଜ ପଦରୁ ଇସ୍ତଫା ଦେଇଥିଲେ। ଶନିବାର ଯୁବ ନେତା ଗୁପ୍ତପ୍ରସାଦ ଝାଙ୍କର ରାଇଘର ବ୍ଲକ୍‌ର ଅଧ୍ୟକ୍ଷ ଭାବେ ଦାୟିତ୍ୱ ଗ୍ରହଣ ପରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଓ ବ୍ଲକ୍‌ର ସମସ୍ତ କର୍ମଚାରୀ ଅଭିନନ୍ଦନ ଜଣାଇଥିବା ବେଳେ ଅଞ୍ଚଳରେ ଖୁସିର ଲହର ଖେଳିଯାଇଛି ।

# ଏସସିବି ମେଡ଼ିକାଲରେ ବିଚିତ୍ର ସ୍ଥିତି : ପୁଲିସ-ଡାକ୍ତର ଦୋଷ ଠେଲାଠେଲି

**କଟକ, ନ୍ୟୁଜ୍‌ବ୍ୟୁରୋ**

ବିଶ୍ୱସ୍ତରୀୟ ହେବାକୁ ଯାଉଥିବା କଟକ ବଡ଼ ଡାକ୍ତରଖାନାରେ ମୃତକଙ୍କ ଶବ ବ୍ୟବଚ୍ଛେଦ ପାଇଁ ଲାଗିଯାଉଛି ୧୮ ଘଣ୍ଟାରୁ ଅଧିକ ସମୟ। ଡାକ୍ତରଖାନାର ଫରେନସିକ୍ ମେଡିସିନ ଆଣ୍ଡ ଟକ୍ସିକୋଲୋଜି (ଏଫ୍‌ଏମ୍‌ଟି) ବିଭାଗରେ ଡାକ୍ତର ପଦବୀ ଖାଲି ପଡ଼ିଥିବାରୁ ବ୍ୟବଚ୍ଛେଦ ବିଳମ୍ବ ହେଉଥିବା କମିଶନରେଟ ପୁଲିସ ଯୁକ୍ତି ରଖୁଛି। ଅନ୍ୟପଟେ ବଡ଼ ଡାକ୍ତରଖାନା କର୍ତ୍ତୃପକ୍ଷ ପୁଲିସ ବିରୋଧରେ ପାଲଟା ଅଭିଯୋଗ ଆଣିଛନ୍ତି। ପୁଲିସ ପଞ୍ଚନାମା ସଂକ୍ରାନ୍ତ କାଗଜପତ୍ର ବିଳମ୍ବରେ ଆଣୁଥିବାରୁ ଶବ ବ୍ୟବଚ୍ଛେଦ ପ୍ରକ୍ରିୟା ବିଳମ୍ବିତ ହେଉଛି ବୋଲି ଡାକ୍ତରଖାନା କର୍ତ୍ତୃପକ୍ଷ କହୁଛନ୍ତି। କିନ୍ତୁ ଏଭଳି ପରସ୍ପର ମଧ୍ୟରେ ଦୋଷ ଠେଲାଠେଲି ଭିତରେ ମୃତକଙ୍କ ପରିବାର ଲୋକେ ଘାଣ୍ଟି ହେଉଛନ୍ତି। ନିଜର ଲୋକଙ୍କୁ ହରାଇଥିବା ପରିବାର ସଦସ୍ୟଙ୍କ ଧୈର୍ଯ୍ୟର ସୀମା ପାର ହୋଇଯାଉଛି। କଟକ ବଡ଼ଡାକ୍ତରଖାନାର ଫରେନସିକ୍ ମେଡିସିନ ଆଣ୍ଡ ଟକ୍ସିକୋଲୋଜି (ଏଫଏମଟି) ବିଭାଗରେ ଏବେ ଜଣେ ପ୍ରଫେସର ତଥା ବିଭାଗୀୟ ମୁଖ୍ୟ ଥିବା ବେଳେ ଆସୋସିଏଟ୍ ପ୍ରଫେସର ପଦବୀ ତିନୋଟି ରହିଛି। କିନ୍ତୁ ତିନୋଟି ଯାକ ପଦବୀ ଖାଲି ପଡ଼ିଛି। ଆସିଷ୍ଟାଣ୍ଟ ପ୍ରଫେସର ଦୁଇ ଜଣ ସ୍ଥାୟୀ ଓ ଜଣେ ଚୁକ୍ତିଭିତ୍ତିକ ଅଛନ୍ତି। ଜଣେ ସରକାରୀ ଗ୍ରୁପ୍ ଡି କର୍ମଚାରୀ ଅଛନ୍ତି। କିନ୍ତୁ ବାର୍ଦ୍ଧକ୍ୟ ଯୋଗୁ ସେ କାମ କରିପାରୁନାହାନ୍ତି। ତାଙ୍କ ପାଇଁ ତାଙ୍କ ପୁଅ ଏହି କାମ କରୁଥିବା କୁହାଯାଉଛି। ଆଉଟସୋର୍ସିଂ ସଂସ୍ଥା ମଞ୍ଜୁଶ୍ରୀ ପକ୍ଷରୁ ୫ ଜଣ କର୍ମଚାରୀଙ୍କୁ ବ୍ୟବଚ୍ଛେଦ ପ୍ରକ୍ରିୟାରେ ଡାକ୍ତରଙ୍କୁ ସହଯୋଗ କରିବାକୁ ଦାୟିତ୍ୱ ଦିଆଯାଇଛି। କିନ୍ତୁ ବ୍ୟବଚ୍ଛେଦରେ ମୁଖ୍ୟ ଭୂମିକା ଥିବା ଡାକ୍ତରଙ୍କ ଅଭାବ ସବୁଠୁ ବଡ଼ ସମସ୍ୟା ସୃଷ୍ଟି କରୁଛି। ଦୈନିକ କଟକ ବଡ଼ ଡାକ୍ତରଖାନାକୁ ମଙ୍ଗଳାବାଗ ଥାନା ବାଦ୍ କମିଶନରେଟ ପୁଲିସର ଅନ୍ୟ ଥାନା ଅଞ୍ଚଳର ହାରାହାରି ୨୦ଟି ଶବ ବ୍ୟବଚ୍ଛେଦ ପାଇଁ ଆସୁଛି। ଏଥିରୁ ଅଧା ଶବ ବ୍ୟବଚ୍ଛେଦ ହୋଇପାରୁ ନାହିଁ। ହାରାହାରି ୧୦ରୁ ୧୨ ଶବ ବ୍ୟବଚ୍ଛେଦ କରାଯାଉଛି। ବ୍ୟବସ୍ଥା ଅନୁଯାୟୀ କଟକ ବଡ଼ ଡାକ୍ତରଖାନାରେ କୌଣସି ବ୍ୟକ୍ତିଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ପରେ ବିଭାଗୀୟ ଡାକ୍ତର ମଙ୍ଗଳାବାଗ ଥାନାକୁ ଏ ସମ୍ପର୍କରେ ସୂଚନା ଦେଇଥାନ୍ତି। ପୁଲିସ ପହଞ୍ଚିବା ପରେ ଏକ ଫର୍ମରେ ଶବ ଗ୍ରହଣ କରି ବ୍ୟବଚ୍ଛେଦ ପାଇଁ ନେଉଥିବା ସଂକ୍ରାନ୍ତରେ ଦସ୍ତଖତ କରିଥାନ୍ତି। ଗ୍ରୁପ ଡି କର୍ମଚାରୀଙ୍କ ସହାୟତାରେ ପୁଲିସ ଶବକୁ ଶବ ସଂରକ୍ଷଣ ଗୃହକୁ ନେଇଥାଏ। ଅପରାହ୍ଣ ୫ଟା ଭିତରେ ଏହି ଶବ ଯାଇଥିଲେ



ସେଦିନ ଶବ ବ୍ୟବଚ୍ଛେଦ ହେବ ନଚେତ ପରଦିନ କରାଯିବ। ଶବ ସଂରକ୍ଷଣ ଗୃହରେ ଶବ ପହଞ୍ଚିବା ପରେ ପୁଲିସ ଶବର ପଞ୍ଚନାମା କରିଥାଏ। ପଞ୍ଚନାମାର ଚାରିଟି ଫର୍ମରେ ମୃତକଙ୍କ ନାଁ, କେମିତି ଅବସ୍ଥାରେ ଶବ ମିଳିଲା, କେମିତି ମୃତ୍ୟୁ ହେଲା, ଶରୀରରେ କେଉଁଠି କ୍ଷତ ଚିହ୍ନ ରହିଛି, ମୃତକ କ'ଣ ପୋଷାକ ପିନ୍ଧିଛନ୍ତି ଏବଂ ପରିବାର ଲୋକଙ୍କ ମୃତ୍ୟୁ ସମ୍ପର୍କିତ ବୟାନ ଉଲ୍ଲେଖ କରାଯାଇଥାଏ। ଏହା ପରେ ଶବ ସଂରକ୍ଷଣ ଗୃହରୁ ଶବକୁ ଶବ ବ୍ୟବଚ୍ଛେଦ ଗୃହକୁ ସ୍ଥାନାନ୍ତର କରାଯାଏ। ସେଠାରେ ଥିବା ଗ୍ରୁପ ଡି କର୍ମଚାରୀ ଶବକୁ ବ୍ୟବଚ୍ଛେଦ ପରେ ଉପସ୍ଥିତ ଡାକ୍ତର ଯାଞ୍ଚ କରି ବ୍ୟବଚ୍ଛେଦ ରିପୋର୍ଟ ପ୍ରସ୍ତୁତ କରିଥାନ୍ତି। ମଙ୍ଗଳାବାଗ ଥାନାର ଜଣେ ପୁଲିସ ଅଧିକାରୀଙ୍କ କହିବା ଅନୁଯାୟୀ, ଦିନ ସମୟରେ ସାଧାରଣତଃ ଗୋଟିଏ ଶବ ବ୍ୟବଚ୍ଛେଦ ପାଇଁ ଦେଢ଼ ଘଣ୍ଟା ସମୟ ଲାଗିବା କଥା। କିନ୍ତୁ ଏଫ୍‌ଏମ୍‌ଟିରେ ଡାକ୍ତର ସମସ୍ୟା ଯୋଗୁଁ ୪ରୁ ୫ ଘଣ୍ଟା ଲାଗିଯାଉଛି। ଅପରାହ୍ଣ ୫ଟା ପରେ ବ୍ୟବଚ୍ଛେଦ ହେଉନଥିବାରୁ ପରଦିନକୁ ଯଦି ଶବ ରହୁଛି, ତେବେ ପରଦିନ ଶବ ମିଳିଲା ବେଳକୁ କ୍ରମିକ ନଂ ଅନୁଯାୟୀ, ପାଖାପାଖି ଦିନ ଦୁଇଟା ବାଜିଯାଉଛି। ମୋଟ୍ ଉପରେ କହିବାକୁ ଗଲେ ୫ଟା ପରେ ଯଦି ଶବ ବଡ଼ ଡାକ୍ତରଖାନା ଯାଉଛି, ତେବେ ବ୍ୟବଚ୍ଛେଦ ହୋଇ ପରିବାର ଲୋକଙ୍କୁ ହସ୍ତାନ୍ତର ହେବା ପାଇଁ ୧୮ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଲାଗିଯାଉଛି। ଅନ୍ୟପଟେ ଦିନ ୧୦ରୁ ୫ଟା ଯାଏ ଶବ ବ୍ୟବଚ୍ଛେଦ ହେବା କଥା କିନ୍ତୁ ଏଥିରେ ବି ବ୍ୟତିକ୍ରମ ଦେଖାଯାଉଛି। ଡାକ୍ତର ନିଜ ବିଭାଗରେ ଉପସ୍ଥାପନ ପକାଇ ବ୍ୟବଚ୍ଛେଦ ଗୃହକୁ ଆସିବା ବେଳକୁ ଅନେକ ସମୟରେ ୧୧ଟା ପାର ହୋଇଯାଉଛି। ୨ଟା ସୁଦ୍ଧା ଶବ ବ୍ୟବଚ୍ଛେଦ ପରେ ଡାକ୍ତର ମଧ୍ୟାହ୍ନ ଭୋଜନ ପାଇଁ ଚାଲିଯାଉଛନ୍ତି। ଏହି ସମୟରେ ଯଦି ଡାକ୍ତରୀ ଛାତ୍ରଛାତ୍ରୀଙ୍କୁ ପଢ଼ାଇବାକୁ ଯାଉଛନ୍ତି, ତେବେ ବ୍ୟବଚ୍ଛେଦ ଗୃହକୁ ଆସିବାକୁ ୪ଟା ବାଜିଯାଉଛି। ୪ଟାରୁ ୫ଟା ବ୍ୟବଚ୍ଛେଦ ପରେ ବ୍ୟବଚ୍ଛେଦ ଗୃହ ବନ୍ଦ ହେଉଛି। ଗୋଟିଏ ଦିନରେ ପାଖାପାଖି ୩ ଘଣ୍ଟା ୩୦ ମିନିଟ ବ୍ୟବଚ୍ଛେଦ ହେଉଛି। ଏଭଳି ଏକାଧିକ କାରଣ ଯୋଗୁଁ ବ୍ୟବଚ୍ଛେଦ ପ୍ରକ୍ରିୟା ବିଳମ୍ବ ହେଉଥିବା ସମ୍ପୃକ୍ତ ଅଧିକାରୀ ଜଣକ କହିଛନ୍ତି। ଏଫଏମଟି ବିଭାଗ ମୁଖ୍ୟ ପ୍ରଫେସର ଡାକ୍ତର ଗୀତା ସାହୁଙ୍କ କହିବା ଅନୁଯାୟୀ, ଏଫଏମଟିରେ ଆସୋସିଏଟ ପ୍ରଫେସର ପଦବି ଖାଲି ପଡ଼ିଛି। ଅନ୍ୟପଟେ ୧୦ଟା ସୁଦ୍ଧା ପଞ୍ଚନାମା ସଂକ୍ରାନ୍ତ କାଗଜପତ୍ର ପହଞ୍ଚିପାରୁନାହିଁ। ମଙ୍ଗଳାବାଗ ଥାନା ପୁଲିସକୁ ବହୁତ ପୂର୍ବରୁ ଏ ସଂକ୍ରାନ୍ତରେ କୁହାଯାଇଛି। ଗୋଟିଏ ଗୋଟିଏ କରି ପଞ୍ଚନାମା କାଗଜପତ୍ର ପଠାଇବାକୁ କୁହାଯାଉଛି। କିନ୍ତୁ ସେମାନେ ଏକକାଳୀନ ୪/୫ ଶବର କାଗଜପତ୍ର ଆଣୁଥିବା ପ୍ରଫେସର ଡାକ୍ତର ସାହୁ ସୂଚନା ଦେଇଛନ୍ତି। ଅନ୍ୟପଟେ ମଙ୍ଗଳାବାଗ ଥାନା ଆଇଆଇସି ଉମାକାନ୍ତ ସାହୁଙ୍କ କହିବା ଅନୁଯାୟୀ, ଡାକ୍ତରୀ ଟିମ୍ ବ୍ୟବଚ୍ଛେଦ ବିଳମ୍ବ କରୁଥିବାରୁ ଶବ ପରିବାର ଲୋକଙ୍କୁ ହସ୍ତାନ୍ତର କରିବାରେ ବିଳମ୍ବ ହେଉଛି। ଅନ୍ୟପଟେ ବାହାଘରର ୭ ବର୍ଷ କିମ୍ବା କୌଣସି ବିବାଦୀୟ ଶବ ବ୍ୟବଚ୍ଛେଦ ସମୟରେ ଏକ୍‌ଜିକ୍ୟୁଟିଭ୍ ମାଜିଷ୍ଟ୍ରେଟଙ୍କ ଉପସ୍ଥିତି ନିହାତି ଆବଶ୍ୟକ। ସପ୍ତାହର ପ୍ରତ୍ୟେକ ଦିନ ଜଣେ ଲେଖାଏଁ ଏକ୍‌ଜିକ୍ୟୁଟିଭ ମାଜିଷ୍ଟ୍ରେଟଙ୍କୁ ଦାୟିତ୍ୱ ଦିଆଯାଇଛି। କିନ୍ତୁ ସମ୍ପୃକ୍ତ ମାଜିଷ୍ଟ୍ରେଟଙ୍କ ଅନ୍ୟ ସରକାରୀ ଡ୍ୟୁଟି ରହୁଥିବାରୁ ଉପସ୍ଥିତ ରହିବାରେ ସମସ୍ୟା ହେଉଥିବାରୁ ତାହା ଆଉ ଏକ ଆହ୍ୱାନ ସୃଷ୍ଟି କରୁଥିବା ଶ୍ରୀ ସାହୁ କହିଛନ୍ତି।

# ମହାପୁରୁଷ ଅରକ୍ଷିତ ଦାସଙ୍କ ଆଶ୍ରିତ ସାଧୁ ସମ୍ମିଳନୀ

**କେନ୍ଦ୍ରାପଡ଼ା, ନ୍ୟୁଜ୍‌ବ୍ୟୁରୋ**

ସିଦ୍ଧ ସାଧକ ମହାପୁରୁଷ ଅରକ୍ଷିତ ଦାସଙ୍କ ଆଶ୍ରିତ ସାଧୁ ସମ୍ମିଳନୀ ଓ ସତ୍‌ସଙ୍ଗ ପୌରାଞ୍ଚଳ ଅଧିନ ଗୋପ ଗ୍ରାମରେ ଅନୁଷ୍ଠିତ ହୋଇଯାଇଛି। ବୃଷ ସଂକ୍ରାନ୍ତି ଠାରୁ ଦୁଇ ଦିନ ଧରି ଅନୁଷ୍ଠିତ ଏହି ସାଧୁ ସମ୍ମିଳନୀରେ ମହାପୁରୁଷ ମଧୁ ଦାସଙ୍କ ଲିଖିତ ଗୀତା ପଠନ ଓ କଳୀ ଭାଗବତ ପଠନ ସହ ଆଲୋଚନା କରାଯାଇ ଥିଲା। ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ବିଭିନ୍ନ ସ୍ଥାନରୁ ପ୍ରାୟ ୨୦୦ରୁ ଊର୍ଦ୍ଧ୍ୱ ସାଧୁସନ୍ଥମାନେ



ଯୋଗ ଦେଇଥିଲେ। ଓଳାଶୁଣି ଗୁମ୍ଫାର ଅଜୟ ବାବା, ରମାକାନ୍ତ ବାବା, କନ୍ତିଆ ମଟ ମହନ୍ତ ସିଦ୍ଧାର୍ଥ ଶଙ୍କର ଦାସଙ୍କ ସମେତ ଖଣ୍ଡଗିରି ଓ ଭୁବନେଶ୍ୱର ଅଞ୍ଚଳର ବହୁ ସାଧୁ ଅଂଶ ଗ୍ରହଣ କରି ପ୍ରବଚନ ଦେଇଥିଲେ। ଦିଲିପ କୁମାର ନାୟକ, ଅଜୟ କୁମାର ପୃଷ୍ଟି, ରବି ନାରାୟଣ ସାହୁ, ସୁଧାକର ପ୍ରଧାନ ଓ ଦିବାକର ପ୍ରଧାନ ପ୍ରମୁଖଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସତ୍‌ସଙ୍ଗ ଅନୁଷ୍ଠିତ ହୋଇଥିଲା।

# ଆସାମ ମୁଖ୍ୟମନ୍ତ୍ରୀ ପ୍ରଥମେ ନିଜ ରାଜ୍ୟ କଥା ବୁଝନ୍ତୁ : ନବୀନ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ଓଡ଼ିଶାକୁ ନିର୍ବାଚନ ପ୍ରଚାର ପାଇଁ ଆସୁଥିବା ବିଜେପି ଶାସିତ ରାଜ୍ୟର ମୁଖ୍ୟମନ୍ତ୍ରୀ ମାନଙ୍କର ନମ୍ବର ୧ ରାଜ୍ୟ ଉପାଖ୍ୟାନକୁ ନେଇ କଟାକ୍ଷ କରିଛନ୍ତି ମୁଖ୍ୟମନ୍ତ୍ରୀ ତଥା ବଜେଡି ସଭାପତି ନବୀନ ପଟ୍ଟନାୟକ। ବିଜେପି ଶାସିତ ମୁଖ୍ୟମନ୍ତ୍ରୀମାନେ ଓଡିଶାକୁ ଏକ ନମ୍ବର ରାଜ୍ୟରେ ପରିଣତ କରିବା କଥା କହୁଛନ୍ତି । ଅନ୍ୟ ରାଜ୍ୟମାନଙ୍କ କ୍ଷେତ୍ରରେ ବି ସେମାନ ଏହି କଥା କହୁଛନ୍ତି, ଯାହା କି ହାସ୍ୟାସ୍ପଦ ବୋଲି ନବୀନ କହିଛନ୍ତି। ବିଜେଡି ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶନିବାର ଜାତୀୟ ଖବର ସରବରାହ ସଂସ୍ଥାକୁ ସାକ୍ଷାତ୍‌କାର ଦେଇ କହିଛନ୍ତି ବିଜେପିର ନମ୍ବର ୧ ରାଜ୍ୟ ଉପାଖ୍ୟାନ ଏବେ ଓଡ଼ିଶା ପାଇଁ କେବଳ ହାସ୍ୟାସ୍ପଦ ହୋଇଛି। କେନ୍ଦ୍ର କ୍ୟାବିନେଟ୍ ମନ୍ତ୍ରୀ ଏବଂ ବିଭିନ୍ନ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ବୟାନକୁ ନେଇ ଜନତା ହସୁଛନ୍ତି। ଆଜି ଏ ରାଜ୍ୟକୁ କହୁଛନ୍ତି ୧ ନମ୍ବର କରିଦେବେ, କାଲି



ଓଡ଼ିଶାକୁ କହୁଛନ୍ତି ୧ ନମ୍ବର କରିଦେବେ। ତେଣୁ ପ୍ରଥମେ ସେମାନେ ନିଷ୍ପତ୍ତି ନିଅନ୍ତୁ ପ୍ରକୃତରେ କେଉଁ ରାଜ୍ୟକୁ ସେମାନେ ନମ୍ବର ୧ ରାଜ୍ୟ କରିବେ।

ଏବେ ନିର୍ବାଚନ ପାଇଁ କେନ୍ଦ୍ରୀୟ ନେତାମାନେ ଓଡ଼ିଶା ଆସୁଛନ୍ତି ଏବଂ ଅନ୍ୟ ରାଜ୍ୟକୁ ବି ଯାଉଛନ୍ତି। କିନ୍ତୁ ସେମାନେ ଯେଉଁଠିକୁ ଯାଉଛନ୍ତି କହୁଛନ୍ତି ଆମେ ଏହି ରାଜ୍ୟକୁ ୧ ନମ୍ବର କରିଦେବୁ। ଯେଉଁଠି ଭୋଟ ମାଗିବାକୁ ଗଲେ ସେହି ରାଜ୍ୟର ଲୋକଙ୍କୁ ୧ ନମ୍ବର କରିବା କଥା ଦୋହରାଉଛନ୍ତି। ଓଡ଼ିଶାକୁ ଆସିବା ସମୟରେ ବି କହୁଛନ୍ତି ଆମେ ଓଡ଼ିଶାକୁ ଦେଶର ୧ ନମ୍ବର ରାଜ୍ୟ କରିଦେବୁ। ଏହା ଏବେ ଓଡ଼ିଶାବାସୀଙ୍କ ମଧ୍ୟରେ ହାସ୍ୟରୋଳ ସୃଷ୍ଟି କରୁଛି।

ଶ୍ରୀ ପଟ୍ଟନାୟକ ଆହୁରି ମଧ୍ୟ କହିଛନ୍ତି ଆଶ୍ଚର୍ଯ୍ୟ ଲାଗୁଛି ଯେ, ଆସାମ ମୁଖ୍ୟମନ୍ତ୍ରୀ ଏଠାକୁ ଆସି ଓଡ଼ିଶାକୁ ଶ୍ରେଷ୍ଠ ରାଜ୍ୟରେ ପରିଣତ କରିବା ପାଇଁ ପ୍ରତିଶ୍ରୁତି ଦେଉଛନ୍ତି। କିନ୍ତୁ ସେ ବୋଧହୁଏ ଭୁଲି ଯାଉଛନ୍ତି ଯେ ଆସାମରେ ମୁଣ୍ଡପିଛା ଋଣ ଭାର ଓଡ଼ିଶା ଠାରୁ ବହୁତ ଆଗରେ ରହିଛି। ଆସାମର ଲୋକେ ଅନେକ ସମସ୍ୟା ସହ ସଂଘର୍ଷ କରୁଛନ୍ତି। ତେଣୁ ସେ ଓଡ଼ିଶାକୁ ପଛରେ ନମ୍ବର ୱାନ୍ କରିବେ, ପ୍ରଥମେ ନିଜ ରାଜ୍ୟର ବିକାଶ ଉପରେ ଧ୍ୟାନ ଦିଅନ୍ତୁ। ପ୍ରଥମେ ଆସାମକୁ ଶ୍ରେଷ୍ଠ ରାଜ୍ୟରେ ପରିଣତ କରିଦେଖାନ୍ତୁ, ତା ପରେ ଓଡ଼ିଶାକୁ ଶ୍ରେଷ୍ଠ ରାଜ୍ୟ କରିବା ପାଇଁ କହିବେ ବୋଲି ମୁଖ୍ୟମନ୍ତ୍ରୀ ତାଙ୍କୁ ପରାମର୍ଶ ଦେଇଛନ୍ତି।

# ସୋଆ ପ୍ରତିଷ୍ଠାତା ସଭାପତିଙ୍କ ଦ୍ୱାରା ପୁସ୍ତକ ଉନ୍ମୋଚିତ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ଶିକ୍ଷା ଓ ଅନୁସନ୍ଧାନ (ସୋଆ) ଡିମ୍ଡ ଟୁ ବି ୟୁନିଭର୍ସିଟି ପରିଚାଳିତ ଫ୍ୟାକଲ୍ଟି ଅଫ୍ ମ୍ୟାନେଜମେଣ୍ଟ ସାଇନ୍‌ସେସ୍, ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ବିଜିନେସ୍ ଆଣ୍ଡ କମ୍ପ୍ୟୁଟର ଷ୍ଟଡିଜ୍ (ଆଇବିସିଏସ୍)ର ପ୍ରଫେସର ମନୋରନ ଦାଶ, ପ୍ରଫେସର ଅୟସକାନ୍ତ ମହାନ୍ତି ଓ ଡକ୍ଟର ପ୍ରୀତି ଷଡ଼ଙ୍ଗୀଙ୍କ ଦ୍ୱାରା ଲିଖିତ ପୁସ୍ତକ 'କଣ୍ଟେମ୍ପୋରାରୀ କେସ୍ ଷ୍ଟଡିଜ୍ ଇନ୍ ବିଜିନେସ୍ ଆଣ୍ଡ ହେଲ୍‌ଥ କେୟାର ମ୍ୟାନେଜମେଂଟ' ସୋଆ ପ୍ରତିଷ୍ଠାତା ସଭାପତି ପ୍ରଫେସର (ଡକ୍ଟର) ମନୋଜରଞ୍ଜନ ନାୟକ ଶୁକ୍ରବାର ଉନ୍ମୋଚନ କରିଛନ୍ତି। 'କଣ୍ଟେମ୍ପୋରାରୀ କେସ ଷ୍ଟଡିଜ୍ ଇନ୍ ବିଜିନେସ ଆଣ୍ଡ



ହେଲ୍‌ଥ କେୟାର ମ୍ୟାନେଜମେଣ୍ଟ' ପୁସ୍ତକଟି ମ୍ୟାନେଜମେଣ୍ଟ ତଥା ହସ୍ପିଟାଲ ଆଡ଼ମିନିଷ୍ଟ୍ରେସନ୍ ଛାତ୍ରଛାତ୍ରୀଙ୍କ ପାଇଁ ଉଦ୍ଦିଷ୍ଟ। ଉକ୍ତ ପୁସ୍ତକଟି ଅନ୍ୟ ପୁସ୍ତକମାନଙ୍କ ଠାରୁ ଅଲଗା କାରଣ ଏଥିରେ ବିଭିନ୍ନ ଶିଳ୍ପ/କମ୍ପାନୀ ଓ ସ୍ୱାସ୍ଥ୍ୟ ସେବା ଅନୁଷ୍ଠାନର ଘଟଣା ଉପରେ ପର୍ଯ୍ୟବେଶିତ ଉଦାହରଣ ଦିଆଯାଇଛି ତଥା ବିଶ୍ଳେଷଣ ଦ୍ୱାରା ମ୍ୟାନେଜମେଣ୍ଟ ଓ ସ୍ୱାସ୍ଥ୍ୟ ସେବା ଛାତ୍ରଛାତ୍ରୀ ମାନଙ୍କର ବ୍ୟବହାରିକ ଜ୍ଞାନ ବୃଦ୍ଧି ନିମନ୍ତେ ସହାୟକ ହେବ ବୋଲି ଡକ୍ଟର ଦାଶ କହିଛନ୍ତି। ଏହା ଛଡ଼ା ପ୍ରଫେସର ଦାଶ ଓ ପାପୁଆ ନିଉ ଗିନି ୟୁନିଭର୍ସିଟ ଅଫ୍ ଟେକ୍ନୋଲୋଜିର ଡକ୍ଟର କମଳାକାନ୍ତ ମୁଦୁିଲି ଓ ଡକ୍ଟର ଆଦିମୁଥୁ ରାମସାମୀଙ୍କ ଦ୍ୱାରା ଲିଖିତ ପୁସ୍ତକ 'ପ୍ରୋଜେକ୍ଟ ମ୍ୟାନେଜମେଣ୍ଟ ଆଣ୍ଡ ଇକୋନୋମିକ୍ସ' ଓ ପ୍ରଫେସର ଦାଶ ଓ ଡକ୍ଟର ମୁଦୁଲିଙ୍କ ଦ୍ୱାରା ଲିଖିତ 'ଅପରେସନ୍ ମ୍ୟାନେଜମେଣ୍ଟ'କୁ ମଧ୍ୟ ପ୍ରଫେସର ନାୟକ ଉନ୍ମୋଚିତ କରିଥିଲେ। ପ୍ରଫେସର ନାୟକ ଲେଖକମାନଙ୍କର ଅଦମ୍ୟ ପ୍ରଚେଷ୍ଟା ଓ ଗୁଣାତ୍ମକ ପୁସ୍ତକ ଲେଖା ପାଇଁ ଶୁଭେଚ୍ଛା ଜଣାଇବା ସହ ଏହି ଉଦ୍ୟମର ଭୂୟସୀ ପ୍ରଶଂସା କରିଛନ୍ତି।

# ସାଧାରଣ ପର୍ଯ୍ୟବେକ୍ଷକଙ୍କ ଜିଲ୍ଲା ନିର୍ବାଚନ ନିୟନ୍ତ୍ରଣ କକ୍ଷ ପରିଦର୍ଶନ



**ବାରିପଦା, ନ୍ୟୁଜ୍‌ବ୍ୟୁରୋ**

ଚଳିତ ବର୍ଷ ହେଉଥିବା ଏକକାଳୀନ ସାଧାରଣ ନିର୍ବାଚନରେ ମୟୂରଭଞ୍ଜ ପାଇଁ ନିଯୁକ୍ତ ସାଧାରଣ ପର୍ଯ୍ୟବେକ୍ଷକ ଆର୍ମଷ୍ଟ୍ରଙ୍ଗ ପାମେ (ଭା.ପ୍ର.ସେ) ଓ ଡଃ ଓମ୍ ପ୍ରକାଶ (ଭା.ପ୍ର.ସେ) ଶନିବାର ଦିନ ଜିଲ୍ଲା ନିର୍ବାଚନ ନିୟନ୍ତ୍ରଣ କକ୍ଷ ପରିଦର୍ଶନରେ ଆସି, ସେଠାରେ ହେଉଥିବା ସମସ୍ତ କାର୍ଯ୍ୟର ସମୀକ୍ଷା କରିଥିଲେ। ଜିଲ୍ଲା ନିର୍ବାଚନ ନିୟନ୍ତ୍ରଣ କକ୍ଷ ବା ଡିଷ୍ଟ୍ରିକ୍ଟ ଇଲେକ୍ସନ କଣ୍ଟ୍ରୋଲ ରୁମ୍‌ରେ ବିଭିନ୍ନ ସେଲ ଯଥାକ୍ରମେ, ମିଡ଼ିଆ ସାର୍ଟିଫିକେସନ ଆଣ୍ଡ ମନିଟରିଂ ସେଲ, ଏକ୍ସପେଣ୍ଡିଚର ସେଲ, ଏନକୋର ସେଲ, ମଡେଲ କୋଡ଼ ଅଫ କଣ୍ଡକ୍ଟ ସେଲ, ୱେବ୍ କାଷ୍ଟିଙ୍ଗ, ସିଙ୍ଗଲ ଉଇଣ୍ଡୋ ସେଲ୍ ଆଦି କାର୍ଯ୍ୟରତ ଅଛନ୍ତି। ଏଣୁ ଏହି ସମସ୍ତ ସେଲ୍ ଗୁଡିକର କାର୍ଯ୍ୟ ପ୍ରଣାଳୀ ସଠିକ ଭାବରେ ଚାଲୁଛି ନା ନାହିଁ ସେ ବିଷୟରେ ପଚାରି ବୁଝିବା ସହିତ ଏହାର ବିବରଣୀ ବିଷୟରେ ଅବଗତ ହୋଇଥିଲେ। ଏହି ସମସ୍ତ ତଥ୍ୟ ନିରୀକ୍ଷଣ କରି ପର୍ଯ୍ୟବେକ୍ଷକଗଣ ସନ୍ତୋଷ ପ୍ରକାଶ କରିବା ସହିତ କାର୍ଯ୍ୟ ପଦ୍ଧତିକୁ ଆହୁରି ତ୍ୱରାନ୍ୱିତ କରିବା ପାଇଁ କହିଥିଲେ। ଏହି ପରିଦର୍ଶନ ତଥା ନିରୀକ୍ଷଣ ସମୟରେ ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକ, ଅତିରିକ୍ତ ଜିଲ୍ଲାପାଳ ଉଦୟ କୁମାର ମହାପାତ୍ର, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ରଜନୀକାନ୍ତ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନା ଥାଉକି ଜିଲ୍ଲାରେ ନିର୍ବାଚନ କାର୍ଯ୍ୟର ସୁପରିଚାଳନା ତଦାରଖ କରିବା ପାଇଁ ସାଧାରଣ ପର୍ଯ୍ୟବେକ୍ଷକ ଆର୍ମଷ୍ଟ୍ରଙ୍ଗ ପାମେ (ଭା.ପ୍ର.ସେ) ଓ ଡଃ ଓମ୍ ପ୍ରକାଶ (ଭା.ପ୍ର.ସେ), ନେହା (ଭା.ରା.ସେ), ବିକ୍ରମ ଏ ଦୋଙ୍ଗମଣୀ(ଆଇ ଡି ଏ ଏସ) ଓ ବିନୋଦ ସି(ଆଇ ଏ ଏଣ୍ଡ ଏସ) ପର୍ଯ୍ୟବେକ୍ଷକଗଣ ଜିଲ୍ଲାରେ ଉପସ୍ଥିତ ଅଛନ୍ତି। ନିର୍ବାଚନୀ ସମ୍ପର୍କିତ ଆପତ୍ତି ଅଭିଯୋଗ ନିମନ୍ତେ ମୋବାଇଲ ନମ୍ବର ଏବଂ ଇ-ମେଲ ଦ୍ୱାରା ମଧ୍ୟ ଜନସାଧାରଣ ଯୋଗା-ଯୋଗ କରିପାରିବେ।

**ପୂର୍ବ ତଟ ରେଳପଥ**
**'ଇ' କ୍ରୟ ପ୍ରଣାଳୀ**
ନିମ୍ନଲିଖିତ ଟେଣ୍ଡରଗୁଡ଼ିକ ୱେବ୍‌ସାଇଟ : www.ireps.gov.in ରେ ଅପଲୋଡ କରାଯାଇଛି ।
ଟେଣ୍ଡର ବିଜ୍ଞପ୍ତି ସଂ. Ref: SDMM/KUR/EP/2024-25/E-procurement Tender Notice/3, ତା.14.05.2024ରିଖ
ଟେଣ୍ଡର ନଂ. 81245314 : ସାମଗ୍ରୀ ଗୁଡ଼ିକର ସଂକ୍ଷିପ୍ତ ବିବରଣୀ : ଡେସ୍କଟପ୍ କମ୍ପ୍ୟୁଟର, ପରିମାଣ : 65 ଗୋଟି ।
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : 10.06.2024, 1500 ଘଟିକା ।
ବରିଷ୍ଠ ମଣ୍ଡଳ ସାମଗ୍ରୀ ପ୍ରବନ୍ଧକ / ଖୋର୍ଦ୍ଧା ରୋଡ଼
PR-131/P/24-25

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଭୋଟ ଦେବେ ୭୯. ୬୯ ...

ଏଥି ମଧ୍ୟରେ ୧୦୪୧ଟି ବୁଥ୍ ମହିଳା ପୁଲିଂ କର୍ମଚାରୀଙ୍କ ଦ୍ୱାରା ପରିଚାଳିତ ହେବ । ୨୫ଟି ବୁଥ୍ ଭିନ୍ନକର୍ମ କର୍ମଚାରୀଙ୍କ ଦ୍ୱାରା ପରିଚାଳିତ ହେବ। ୧୫୪୧ ଆଦର୍ଶ ବୁଥ୍ ହେବ ବୋଲି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ନିକୁଞ୍ଜ ବିହାରୀ ଧଳ ପ୍ରକାଶ କରିଛନ୍ତି। ଏହି ପର୍ଯ୍ୟାୟରେ ୨୦ ପ୍ରତିଶତ ସମ୍ବେଦନଶୀଳ ବୁଥ୍ ରହିଛି । ଏହିଠାରେ ୧୦୨ କମ୍ପାନୀ କେନ୍ଦ୍ରୀୟ ସୁରକ୍ଷା ବଳ ନିୟୋଜିତ ହେବେ । ସବୁଠାରୁ ଅଧିକ କନ୍ଧମାଳରେ ୨୨, ଗଞ୍ଜାମରେ ୨୦, ସୁନ୍ଦରଗଡରେ ୧୬, ବଲାଙ୍ଗୀର ଓ ବରଗଡ଼ରେ ୧୪ ଲେଖାଏଁ, ଝାରସୁଗୁଡା ଓ ବୌଦ୍ଧରେ ୫, ସୁବର୍ଣ୍ଣପୁର ୪ ଓ ନୟାଗଡ଼ରେ ୨ଟି କମ୍ପାନୀ କେନ୍ଦ୍ରୀୟ ସୁରକ୍ଷା ବଳ ନିୟୋଜିତ ହେବେ। ୩୫ଟି ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ୨୬୫ ଜଣ ପାର୍ଥି ରହିଛନ୍ତି। ସେଥି ମଧ୍ୟରୁ ୪୧ ଜଣ ମହିଳା ପ୍ରାର୍ଥୀ । ୫ ସଂସଦୀୟ କ୍ଷେତ୍ରରେ ୪୦ ଜଣ ପ୍ରାର୍ଥୀ ରହିଛନ୍ତି ବୋଲି ସେ ସୂଚନା ଦେଇଛନ୍ତି।

## ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ...

ଲକ୍ଷ ୬୯ ହଜାର ୮ ଶହ ୩୭ ଜଣ । ମହିଳା ଭୋଟରଙ୍କ ସଂଖ୍ୟା ୩୯ ଲକ୍ଷ ୪୫ ହଜାର । ପୁରୁଷ ଭୋଟର ୪୦ ଲକ୍ଷ ୩୩ ହଜାର ୯୯୨ । ତୃତୀୟ ଲିଙ୍ଗୀ ଭୋଟର ୮୫୧, ଯୁବ ଭୋଟର (୧୮ରୁ ୧୯ ବର୍ଷ) ହେଉଛନ୍ତି ୨.୬୭ ପ୍ରତିଶତ । ସେହିପରି ୨୦ରୁ ୨୯ ବର୍ଷ ହେଉଛନ୍ତି ୨୧.୩୧ ପ୍ରତିଶତ । ୩୦ ବର୍ଷରୁ କମ୍ ଭୋଟରଙ୍କ ସଂଖ୍ୟା ହେଉଛି ମୋଟ ଭୋଟର ସଂଖ୍ୟାର ପ୍ରାୟ ୨୪ ପ୍ରତିଶତ ।' ସୂଚନା ଅନୁସାରେ, ୫ ଲୋକସଭା କ୍ଷେତ୍ରରେ ଲିଙ୍ଗ ଅନୁପାତ ହାରାହାରି ହେଉଛି ୯୭୪ । ଲିଙ୍ଗ ଅନୁପାତ ସୁନ୍ଦରଗଡ଼ ଲୋକସଭା କ୍ଷେତ୍ରରେ ସବୁଠାରୁ ଭଲ । ଯାହା ୧୦୨୬ । ସେହିପରି କନ୍ଧମାଳରେ ୯୯୪, ବରଗଡ଼ରେ ୯୮୮, ବଲାଙ୍ଗୀରରେ ୯୬୨ ଓ ଆସ୍କା ୯୧୭ । ବଲାଙ୍ଗୀର ଓ ଆସ୍କାରେ ରାଜ୍ୟ ହାରାହାରି ଅନୁପାତରୁ କମ ରହିଛି । ୫ ଲୋକସଭା କ୍ଷେତ୍ରରେ ୯ହଜାର ୧୬୨ ମତଦାନ କେନ୍ଦ୍ରରେ ମତାଧିକାର ସାବ୍ୟସ୍ତ କରିବେ । ମତଦାନ କେନ୍ଦ୍ର ପିଛା ହାରାହାରି ଭୋଟର ହେଉଛନ୍ତି ୮୭୦ । ୧୦୪୧ ମତଦାନ କେନ୍ଦ୍ର ସମ୍ପୂର୍ଣ୍ଣ ଭାବେ ମହିଳା ପୋଲିଂ ଅଧିକାରୀଙ୍କ ଦ୍ୱାରା ପରିଚାଳିତ ହେବ । ଭିନ୍ନକ୍ଷମ ପୋଲିଂ ଅଧିକାରୀଙ୍କ ଦ୍ୱାରା ୨୫ଟି ମତଦାନ କେନ୍ଦ୍ର ବ୍ୟବସ୍ଥା ହୋଇଛି । ୧୫୪୧ଟି ମଡେଲ ପୋଲିଂ ଷ୍ଟେସନ ସ୍ଥାପନ ହୋଇଛି । ୫ ଲୋକସଭା କ୍ଷେତ୍ରରେ ୨୦ ପ୍ରତିଶତ ସମ୍ବେଦନଶୀଳ ବୁଥ୍ ରହିଛି । ସେଥିରେ ମାଓ ପ୍ରବଣ ଅଞ୍ଚଳର ବୁଥ୍ ସାମିଲ ରହିଛି । ଏଠାରେ ୧୦୨ କମ୍ପାନୀ କେନ୍ଦ୍ରୀୟ ସୁରକ୍ଷା ବଳ ବା ସିଏପିଏଫ ନିୟୋଜିତ ହୋଇଛନ୍ତି । ସବୁଠାରୁ ଅଧିକ କନ୍ଧମାଳ ୨୨ ସିଏପିଏଫ ନିୟୋଜିତ ହୋଇଛନ୍ତି । ଗଞ୍ଜାମରେ ୨୦, ସୁନ୍ଦରଗଡରେ ୧୬, ବଲାଙ୍ଗୀର ଓ ବରଗଡ଼ରେ ୧୪ କମ୍ପାନୀ, ବୌଦ୍ଧ ଓ ଝାରସୁଗୁଡାରେ ୫ କମ୍ପାନୀ, ସୁବର୍ଣ୍ଣପୁର ୪ କମ୍ପାନୀ ଓ ନୟାଗଡ଼ରେ ୨ କମ୍ପାନୀ ନିୟୋଜିତ ହେବେ । ସେହିପରି ୬୦ ପ୍ରତିଶତ ବୁଥରେ ହେବ ଲାଇଭ ଷ୍ଟ୍ରିମିଂ । ମାଓ ପ୍ରବଣ ଅଞ୍ଚଳ ଥିବାରୁ କିଛି ସ୍ଥାନରେ ଆଗୁଆ ମତଦାନ ଶେଷ ହେବ । ୭୧ ପ୍ରତିଶତ ମତଦାନ କେନ୍ଦ୍ରରେ ୬ ଟା ପର୍ଯ୍ୟନ୍ତ ଭୋଟ ଗ୍ରହଣ ହେବ । ମୋଟ ବୁଥ୍ ୯୧୬୨ ବୁଥରୁ ୬୫୪୦ ବୁଥ୍‌ରେ ୬ ଟା ଯାଏଁ ମତଦାନ ହେବ । ୯୩୩ ପୋଲିଂ ବୁଥରେ ୫ ଟାରେ ମତଦାନ ସରିବ । ୧୬୮୯ ମତଦାନ କେନ୍ଦ୍ରରେ ୪ ଟା ରେ ମତଦାନ ସରିବ । ନିର୍ବାଚନ ଆୟୋଗଙ୍କ ପକ୍ଷରୁ ବ୍ୟବସ୍ଥା ହୋଇଥିବ ଏୟାର ଆମ୍ବୁଲାନ୍ସ ବଲାଙ୍ଗୀରକୁ ସ୍ଥାନାନ୍ତରିତ ହୋଇଛି । ପୋଲିଂ କିମ୍ବା ପୋଲିସ ଅଧିକାରୀଙ୍କର ଆବଶ୍ୟକତା ପଡ଼େ ବ୍ୟବହାର କରାଯିବ । ସେହିପରି ହେଲି ଡ୍ରାପିଂ ପାଇଁ ଗୋଟିଏ ହେଲିକପ୍ଟର ଷ୍ଟାଣ୍ଡବାଇରେ ରହିଛି । ଚଳିତ ପର୍ଯ୍ୟାୟରେ ଆବଶ୍ୟକତା ନାହିଁ । ଯଦି କୌଣସି କାରଣରୁ ଏୟାର ଡ୍ରପ୍ କିମ୍ବା ସ୍ଥାନାନ୍ତରଣ ଆବଶ୍ୟକତା ଥିଲେ ବ୍ୟବହାର କରାଯିବ । ଗତ ପର୍ଯ୍ୟାୟରେ ନୂଆପଡ଼ାରେ ହେଲି ଡ୍ରାପିଂ କରାଯାଇଥିଲା । ୫ ସଂସଦୀୟ କ୍ଷେତ୍ରରେ ୪୦ ଜଣ ପ୍ରାର୍ଥୀ ରହିଛନ୍ତି । ୩୫ ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ୨୬୫ ଜଣ ପ୍ରାର୍ଥୀ ରହିଛନ୍ତି । ସେଥିରୁ ୨୨୪ ଜଣ ପୁରୁଷ ପ୍ରାର୍ଥୀ ଓ ୪୧ ଜଣ ମହିଳା ପ୍ରାର୍ଥୀ ରହିଛନ୍ତି । ନିର୍ବାଚନ ଆୟୋଗ ୩ ପ୍ରକାର ପର୍ଯ୍ୟବେକ୍ଷକ ନିୟୋଜିତ ରହିଛନ୍ତି । ୧୦ ସାଧାରଣ ପର୍ଯ୍ୟବେକ୍ଷକ, ୧୫ ଜଣ ଖର୍ଚ୍ଚ ପର୍ଯ୍ୟବେକ୍ଷକ ନିୟୋଜିତ ଅଛନ୍ତି । ପ୍ରତ୍ୟେକ ଲୋକସଭା କ୍ଷେତ୍ର ପାଇଁ ୨ ଜଣ ସାଧାରଣ ଓ ୩ ଜଣ ଖର୍ଚ୍ଚ ପର୍ଯ୍ୟବେକ୍ଷକ ନିୟୋଜିତ ରହିଛନ୍ତି। ଜଣେ ପୋଲିସ ପର୍ଯ୍ୟବେକ୍ଷକ ଆସ୍କା, ଜଣେ କନ୍ଧମାଳ ଓ ବଲାଙ୍ଗୀର, ଆଉ ଜଣେ ବରଗଡ଼ ଓ ସୁନ୍ଦରଗଡ଼ ଲୋକସଭା କ୍ଷେତ୍ର ପାଇଁ ନିୟୋଜିତ ହୋଇଛନ୍ତି । ଗଞ୍ଜାମ ଜିଲ୍ଲା ଖଲ୍ଲିକୋଟ ନିର୍ବାଚନ ମଣ୍ଡଳୀରେ ପ୍ରାକ ନିର୍ବାଚନୀ ହିଂସା ସୃଷ୍ଟି ହୋଇଥିଲା । ହିଂସା ଘଟଣାରେ ମାମଲା ପଞ୍ଜିକରଣ ସହ ୭ରୁ ଅଧିକ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି । ଅନ୍ୟ ଅଭିଯୁକ୍ତଙ୍କୁ ଧରିବା ଲାଗି ଚଢ଼ଉ ଜାରି ରହିଛି । ଘଟଣାକୁ ଜାତୀୟ ନିର୍ବାଚନ ଆୟୋଗ ଗୁରୁତର ସହ ନେଇଛନ୍ତି । ଓଡିଶା ପୋଲିସ ଡ଼ିଜିଙ୍କୁ ସେ ରିପୋର୍ଟ ତଲବ କରିଥିଲେ । ଗତକାଲି (ଶୁକ୍ରବାର) ଡିଜିପି ରିପୋର୍ଟ ଦାଖଲ କରିସାରିଛନ୍ତି । ଅତିରିକ୍ତ ଡିଜି ପାହ୍ୟାର ଜଣେ ଅଫିସରଙ୍କୁ ନିଯୁକ୍ତ କରାଯାଇଅଛି । ସେ ଗଞ୍ଜାମ ଜିଲ୍ଲା ବିଶେଷ କରି ଖଲ୍ଲିକୋଟ ଉପରେ ନଜର ରଖିବେ । ଆସ୍କାରେ ଶାନ୍ତି ଶୃଙ୍ଖଳାର ସହ ନିର୍ବାଚନ ଆୟୋଜନ ହେବ ବୋଲି ଆଶା ରହିଛି । ଅବକାରୀ କମିଶନଙ୍କ ସହ ଆଲୋଚନା ହୋଇଛି । ଆସ୍କାରେ ଅବକାରୀ ସମ୍ପର୍କିତ ଗୁଳିକାଣ୍ଡ ମଧ୍ୟ ହୋଇଥିଲା । ଏହା ଉପରେ ନଜର ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି । ମିଳିଥିବା ସୂଚନା ଅନୁସାରେ, ସାଧାରଣ ନିର୍ବାଚନ ଲାଗି ଆଦର୍ଶ ଆଚରଣ ବିଧି ଲାଗୁ ହେବାଠାରୁ ରାଜ୍ୟରେ ମୋଟ ୨୫୪ କୋଟି ଟଙ୍କାର ସାମଗ୍ରୀ ଜବତ ହୋଇଛି । ନଗଦ ଟଙ୍କା ୧୭ କୋଟି ୧୮ ଲକ୍ଷ, ୩୧ ଲକ୍ଷ ଲିଟର ମଦ, ୭୩ କୋଟି ଟଙ୍କାର ଡ୍ରଗ୍ସ ଓ ୧୪ କୋଟିର ସୁନାଗହଣା ଜବତ ହୋଇଛି । ସବୁଠାରୁ ଅଧିକ ବରଗଡ଼ରେ ୧ କୋଟି ୨୬ ଲକ୍ଷ ନଗଦ ଟଙ୍କା ଏବଂ ୮୦ ଲକ୍ଷ ଟଙ୍କାର ମଦ ଜବତ ହୋଇଛି । କନ୍ଧମାଳରେ ୩୬ ଲକ୍ଷ, ଆସ୍କାରେ ୧୩ ଲକ୍ଷ ଟଙ୍କା ଜବତ ହୋଇଛି । ୨୦୧୯ ନିର୍ବାଚନରେ ପୋଷ୍ଟାଲ ବାଲାଟକୁ ଛାଡି ଦେଲେ ଏହି ୫ ସଂସଦୀୟ କ୍ଷେତ୍ରରୁ ବରଗଡ଼ ୭୭.୮୭ ପ୍ରତିଶତ, ସୁନ୍ଦରଗଡ଼ରେ ୭୧.୬୭ ପ୍ରତିଶତ, ବଲାଙ୍ଗୀରରେ ୭୪.୭୫ ପ୍ରତିଶତ, କନ୍ଧମାଳରେ ୭୨.୯୦ ପ୍ରତିଶତ, ଆସ୍କାରେ ୬୫.୫୩ ପ୍ରତିଶତ ମତଦାନ ହୋଇଥିଲା । ଏହାକୁ ବଢ଼ାଇବା ଲାଗି ଉଦ୍ୟମ ଚାଲିଛି। ରାଜ୍ୟରେ ହିଟ ୱେଭର ସ୍ଥିତି ରହିଛି । ସୁନ୍ଦରଗଡ଼ ଓ ଝାରସୁଗୁଡାରେ ତାପମାତ୍ରା କ୍ରମାଗତ ଭାବେ ବଢିବ । ସେଥିପାଇଁ ପର୍ଯ୍ୟାପ୍ତ ପରିମାଣର ବାଲଟ ୟୁନିଟ, କଣ୍ଟ୍ରୋଲ ୟୁନିଟ, ଭିଭିପାଟ କମିଶନ ହୋଇ ମହଜୁଦ ରହିଛି ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ ସୂଚନା ଦେଇଛନ୍ତି।

## ବଙ୍ଗୋପସାଗରରେ ଦାନା...

ଏକ "ଅବପାତ" ଏବଂ ୨୩/୨୪ ବେଳକୁ ଏକ "ସାମୁଦ୍ରିକ ଝଡ଼" ରୂପ ନେବାର ଯଥେଷ୍ଟ ସମ୍ଭାବନା ରହିଛି। ବର୍ତ୍ତମାନର ପ୍ରାକ ଆକଳନ ଅନୁସାରେ ସମ୍ଭାବ୍ୟ "ସାମୁଦ୍ରିକ ଝଡ଼" ଉତ୍ତର ଆନ୍ଧ୍ରପ୍ରଦେଶ ତଥା ଓଡିଶା ମୁହାଁ ହୋଇପାରେ, କିନ୍ତୁ କେଉଁଠି ସ୍ଥଳଭାଗ ଛୁଇଁବ ଏବଂ କେତେ ଘନୀଭୂତ ହେବ ଏନେଇ ସବିଶେଷ ଆକଳନ ଘୂର୍ଣ୍ଣିବଳୟ ପରେ ହିଁ ସ୍ପଷ୍ଟ ହୋଇପାରିବ। ତେବେ ଯଦି ଏହା "ବାତ୍ୟା" ରୂପ ନିଏ ଏହାର ନାମ "ରେମଲ" ରହିବ, ଯାହାର ନାମକରଣ ଓମାନ ଦ୍ୱାରା କରାଯାଇଛି।

**Format C-1**

**(for candidate to publish in Newspapers, TV)**

**Declaration about criminal cases**

(As per the judgment dated 25 September, 2018, of Hon'ble Supreme Court in WP (Civil) No. 536 of 2011(Public Interest Foundation & Ors. Vs. Union of India & Anr.)

Name and address of candidate: **JAYADEV JENA**, S/o- Late Sankhali Charan Jena, At- Sankrana, Po- Mareigaon, Ps.- Nandipada, Dist.- Keonjhar, Odisha

Name of political party: **INDIAN NATIONAL CONGRESS**

(Independent candidates should write "Independent" here)

Name of Election: **ELECTION TO LEGISLATIVE ASSEMBLY OF ODISHA**

Name of Constituency: **22-ANANDPUR (S.C.)**

I **JAYADEV JENA** (name of candidate), a candidate for the above mentioned election; declare for public information the following details about any criminal antecedents:

**(A) Pending criminal cases:-**

| Sl. No. | Name of Court | Case No. and dated | Status of case(s) | Section(s) of Acts concerned and brief description of offence(s) |
|---|---|---|---|---|
| 01 | J.M.F.C HATADIHI | GR case No. 610/2013 | Pending | U/s- 147/294/436/149/451/427/186 of IPC & U/s 3& 4 of PDPP Act. |

**(B) Details about Cases of Conviction for criminal offence:**

| SL.NO | Name of Court & Date(s) of Order (s) | Description of Office(s) & Punishment Imposed | Maximum Punishment Imposed |
|---|---|---|---|
| 1 | Nil | Nil | Nil |

*In the case of election to Council of States or election to Legislative Council by MLAS, mention the election concerned in place of name of constituency.

Sd/- Jayadev Jena

ଭୁବନେଶ୍ୱର
୧୯ ମଇ
ରବିବାର, ୨୦୨୪

RNI Regd. No. : 52640/94
Postal Regd. No. :
BN/60/22-24

# ଏଥର ଅନ୍‌ଲାଇନ ଓ ହ୍ୱାଟ୍ସଆପରେ ମିଳିବ ମାଟ୍ରିକ ସାର୍ଟିଫିକେଟ

**କଟକ, ୧୮/୦୫ ନ୍ୟୁଜ ବ୍ୟୁରୋ**

ଏଣିକି ମାଟ୍ରିକ ରେଜଲ୍ଟ ପ୍ରକାଶ ପାଇବା ଦିନ ହିଁ ମିଳିବ ସାର୍ଟିଫିକେଟ । ଘରେ ବସି କେଇ ମିନିଟ ଭିତରେ କରିପାରିବେ ମାଟ୍ରିକ ସାର୍ଟିଫିକେଟ ଡାଉନଲୋଡ । କିଛି ଜରୁରୀ ତଥ୍ୟ ଦେଇ ଘରେ ବସି ଉଭୟ ଅନଲାଇନ ଓ ହ୍ୱାଟ୍ସଆପରେ ପାଇପାରିବେ ସାର୍ଟିଫିକେଟ। ଏନେଇ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ସୂଚନା ଜାରି କରାଯାଇଛି । ବୋର୍ଡ ଉପସଭାପତି ଡ଼ଃ ନିହାର ରଞ୍ଜନ ମହାନ୍ତି ଏନେଇ ଟ୍ରାଏ ରନ କରି ସୂଚନା ପ୍ରଦାନ କରିଛନ୍ତି । ଆଉ କିଛି ଦିନ ମଧ୍ୟରେ ପ୍ରକାଶ ପାଇବ ଚଳିତ ବର୍ଷର ମାଟ୍ରିକ ପରୀକ୍ଷା ଫଳ। ମାଟ୍ରିକ ରେଜଲ୍ଟ ପ୍ରକାଶ ପାଇବା ଦିନ ହିଁ ଏଭଳି ମିଳିବ ସାର୍ଟିଫିକେଟ । ଏନେଇ ବୋର୍ଡ ପକ୍ଷରୁ ସୂଚନା ଜାରି କରାଯାଇଛି । କିଛି ସ୍କୁଲର ଛାତ୍ରଛାତ୍ରୀ ଏବଂ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ନେଇ ଏକ କର୍ମଶାଳା ଆୟୋଜନ କରିବା ସହ ଏହାର ପ୍ରକ୍ରିୟା ଉପରେ ମଧ୍ୟ ଅବଗତ କରାଇଛି । ବିଶେଷକରି ଛାତ୍ରଛାତ୍ରୀ କେମିତି ଘରେ ବସି ରେଜଲ୍ଟ ଦେଖି ପାରିବେ ଏବଂ ସାର୍ଟିଫିକେଟ ଡାଉନଲୋଡ କରି ପାରିବେ ସେନେଇ ଡେମୋ ମାଧ୍ୟମରେ ଦେଖାଇଛନ୍ତି ବୋର୍ଡ କର୍ତ୍ତୃପକ୍ଷ । ଦୁଇଟି ମୋଡରେ ଡିଜିଟାଲ ସାର୍ଟିଫିକେଟ ପାଇପାରିବେ ଛାତ୍ରଛାତ୍ରୀ । ଅନଲାଇନ ଓ ହ୍ୱାଟ୍ସଆପରେ ସାର୍ଟିଫିକେଟ ଉପଲବ୍ଧ ହେବ ବୋଲି ବୋର୍ଡ ପକ୍ଷରୁ ସୂଚନା ଦିଆଯାଇଛି । ମାଟ୍ରିକ ସାର୍ଟିଫିକେଟ ଡାଉନଲୋଡ କରିବାକୁ ଚାହୁଁଥିଲେ ପ୍ରଥମେ ବିଏସଇ ଅଫିସିଆଲ ଓ୍ୱେବସାଇଟକୁ ଯିବାକୁ ହେବ । ବୋର୍ଡ ପକ୍ଷରୁ ସାଇଟରେ ଏକ ଲିଙ୍କ ପ୍ରଦାନ କରାଯାଇଥିବ । ସେହି ଲିଙ୍କ ଉପରେ କ୍ଲିକ କଲେ ଏକ ପେଜ ଓପନ ହେବ । ସେଥିରେ ଆଡମିଟ କାର୍ଡରେ ଥିବା ୫ଟି ଡାଟା ଦେବାକୁ ପଡ଼ିବ । ଟାଇପ ଅଫ ଏକ୍ସାମିନେସନ (ପରୀକ୍ଷା ପ୍ରକାର), ଇୟର ଅଫ ଏକ୍ସାମିନେସନ (ପରୀକ୍ଷା ବର୍ଷ), ଡେଟ ଅଫ ବାର୍ଥ (ଜନ୍ମ ତାରିଖ), ମୋବାଇଲ ନମ୍ବର, ରୋଲ ନମ୍ବର । ଆବଶ୍ୟକୀୟ ତଥ୍ୟ ଦେବା ପରେ ମୋବାଇଲ ନମ୍ବରକୁ ଏକ ଓଟିପି ଆସିବ । ଓଟିପି ଦେବା ପରେ ସର୍ଚ୍ଚ କରିବା ପରେ ସାର୍ଟିଫିକେଟ ଉପଲବ୍ଧ ହେବ । ଡାଉନଲୋଡ ଅପସନରେ କ୍ଲିକ କଲେ ସାର୍ଟିଫିକେଟ ପାଇପାରିବେ । ହ୍ୱାଟ୍ସଆପରେ ବି ଏଥର ଉପଲବ୍ଧ ହେବ ମାଟ୍ରିକ ସାର୍ଟିଫିକେଟ । ହ୍ୱାଟ୍ସଆପରେ ସାର୍ଟିଫିକେଟ ପାଇବା ପାଇଁ ଚାହୁଁଥିଲେ ବୋର୍ଡ ପକ୍ଷରୁ ଜାରି ନମ୍ବରକୁ ହାଏ କିମ୍ବା ବିଏସଇ ମେସେଜ କରିପାରିବେ। ଏହାପରେ କିଛି ଜରୁରୀ ତଥ୍ୟ ଦେବାକୁ ପଡିବ । ସଠିକ ଭାବେ ତଥ୍ୟ ଦେଲା ପରେ ଡିଜିଟାଲ ସାର୍ଟିଫିକେଟ ପାଇପାରିବେ । ତେବେ ଗୋଟିଏ ମୋବାଇଲ ନମ୍ବରରେ କେବଳ ଗୋଟିଏ ସାର୍ଟିଫିକେଟ ହିଁ ଡାଉନଲୋଡ କରିହେବ। ଚଳିତ ବର୍ଷ ୩୦୪୭ଟି କେନ୍ଦ୍ରରେ ପ୍ରାୟ ୫ ଲକ୍ଷ ୬୨ ହଜାର ପରୀକ୍ଷାର୍ଥୀ ମାଟ୍ରିକ ପରୀକ୍ଷା ଦେଇଥିଲେ । କପି ରୋକିବା ପାଇଁ ବୋର୍ଡ ଏଥର ସ୍ୱତନ୍ତ୍ର ବ୍ୟବସ୍ଥା କରିଥିଲା । ଏଆଇ ସହାୟତାରେ ବିଭିନ୍ନ କେନ୍ଦ୍ରରେ ପରୀକ୍ଷା ପରିଚାଳନା କରାଯାଇଥିଲା । ଯେପରି କୌଣସି ପରୀକ୍ଷା କେନ୍ଦ୍ରରେ ବିଶୃଙ୍ଖଳା ନହୁଏ ସେଥିପାଇଁ ପୂରା ଦମ ଲଗାଇ ଦେଇଥିଲେ ବୋର୍ଡ କର୍ତ୍ତୃପକ୍ଷ । କପି ରୋକିବା ହେଉ କିମ୍ବା ପ୍ରଶ୍ନପତ୍ର ଭାଇରାଲ ହେଉ, ଏହି ସବୁ ଟେକ୍ନୋଲୋଜି ବ୍ୟବହାର କରି ପରୀକ୍ଷା ପ୍ରକ୍ରିୟାକୁ ପରିଚାଳନା କରିଥିଲା ବୋର୍ଡ। ଏଥିପାଇଁ ଏଆଇ ବା ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସର ସହାୟତା ନିଆଯାଇଥିଲା।




# ୨୦୨୪ରେ ଭାରତର ଜିଡିପି ଅଭିବୃଦ୍ଧି ଆକଳନ ୬.୯% ପର୍ଯ୍ୟନ୍ତ ବୃଦ୍ଧି




**ନୂଆଦିଲ୍ଲୀ, ୧୮।୫**

ମିଳିତ ଜାତିସଂଘ ୨୦୨୪ ପାଇଁ ଭାରତର ଅଭିବୃଦ୍ଧି ଆକଳନକୁ ସଂଶୋଧନ କରିଛି ଏବଂ ଚଳିତ ବର୍ଷ ଅର୍ଥନୀତି ପ୍ରାୟ ୭% ବୃଦ୍ଧି ପାଇବ ବୋଲି ଆକଳନ କରିଛି । ୨୦୨୪ ମଧ୍ୟଭାଗ ପ୍ରଥା ଏଜେନ୍ସିର ବିଶ୍ୱ ଅର୍ଥନୈତିକ ସ୍ଥିତି ଏବଂ ସମ୍ଭାବନା ରିପୋର୍ଟରେ ଦର୍ଶାଯାଇଛି ଯେ ୨୦୨୪ ମସିହାରେ ଭାରତର ଅର୍ଥନୀତି ୬.୯ ପ୍ରତିଶତ ଏବଂ ୨୦୨୫ ରେ ୬.୬ ପ୍ରତିଶତ ବୃଦ୍ଧି ପାଇବ ବୋଲି ପୂର୍ବାନୁମାନ କରାଯାଇଛି । ମୁଖ୍ୟତଃ ଦୃଢ଼ ଜନସାଧାରଣ ପୁଞ୍ଜି ବିନିଯୋଗ ଏବଂ ସ୍ଥାୟୀ ଘରୋଇ ବ୍ୟବହାର ଦ୍ୱାରା ପରିଚାଳନା ପାଇଁ ଏହି ଅଭିବୃଦ୍ଧି ହେବ। ଯଦିଓ ବାଣିଜ୍ୟ ପ୍ରତୀକ ଅଭିବୃଦ୍ଧି ଉପରେ ବଢ଼ିବା ବାହ୍ୟ ଚାହିଦା ଜାରି ରହିବ, ଫାର୍ମାସ୍ୟୁଟିକାଲ୍ ଏବଂ ରାସାୟନିକ ରପ୍ତାନି ଦୃଢ଼ ଭାବରେ ବିସ୍ତାର ହେବ ବୋଲି ଆଶା କରାଯାଉଛି। ଜାତିସଂଘ ଜାନୁଆରୀରେ ୬.୨ ପ୍ରତିଶତ ଅଭିବୃଦ୍ଧି ହାର ଧାର୍ଯ୍ୟ କରିଥିଲା, ଯାହା ବର୍ତ୍ତମାନ ଉପରକୁ ସଂଶୋଧିତ ହୋଇଛି। ୨୦୨୫ ପାଇଁ ୬.୬ ପ୍ରତିଶତରେ ଥିବା ପ୍ରୋଜେକ୍ଟ ଅପରିବର୍ତ୍ତିତ ରହିଛି ଏହି ସଂସ୍ଥାର ୨୦୨୩ରେ ୫.୬ ପ୍ରତିଶତରୁ ୨୦୨୪ ରେ ୪.୫ ପ୍ରତିଶତ ହ୍ରାସ ପାଇଛି । ଏହା ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆର (ଆରବିଆଇ) ୨-୬ ପ୍ରତିଶତ ମଧ୍ୟମ ଲକ୍ଷ୍ୟ ସୀମା ସହିତ ଅନୁରୂପ ଅଟେ। ଏବ ଦୃଢ଼ ଅଭିବୃଦ୍ଧି ଏବଂ ଅଧିକ ଶ୍ରମଶକ୍ତିର ଅଂଶଗ୍ରହଣ ମଧ୍ୟରେ ଶ୍ରମ ବଜାର ସୁଚକଗୁଡ଼ିକ ମଧ୍ୟ ଉନ୍ନତ ହୋଇଛି। ଅର୍ଥନୈତିକ ନିଷ୍ପକ୍ଷ ଧୀରେ ଧୀରେ ହ୍ରାସ କରିବା ଏବଂ ପୁଞ୍ଜି ବିନିଯୋଗ ବୃଦ୍ଧି କରିବାକୁ ମଧ୍ୟ ସରକାର ପ୍ରତିବଦ୍ଧ ବୋଲି କୁହାଯାଇଛି। ଚଳିତ ଆର୍ଥିକ ବର୍ଷରେ ମୁଡି ରେଟିଂ ଭାରତୀୟ ଅର୍ଥନୀତିର ୬.୬ ପ୍ରତିଶତ ରହିବା ନେଇ ପୂର୍ବାନୁମାନ କରିଥିବା ପରେ ଜାତିସଂଘ ଅଭିବୃଦ୍ଧିର ଆକଳନ ଆସିଛି, ଯାହା ଆରବିଆଇ ଏବଂ ଅନ୍ୟାନ୍ୟ ଏଜେନ୍ସି ତୁଳନାରେ କମ୍ ଅଟେ, କିନ୍ତୁ ଓଇସିଡି ତୁଳନାରେ ଏହା ୬.୬ ପ୍ରତିଶତ ଅଭିବୃଦ୍ଧି ଆକଳନ କରିଛି। ଅନ୍ୟପକ୍ଷରେ ଆରବିଆଇ ଚଳିତ ଆର୍ଥିକ ବର୍ଷରେ ୭ ପ୍ରତିଶତ ଅଭିବୃଦ୍ଧିର ଆକଳନ କରିଥିବାବେଳେ ଏସ ଆଣ୍ଡ ପି ଗ୍ଲୋବାଲ ରେଟିଂ ଏବଂ ମୋର୍ଗାନ ଷ୍ଟାନଲି ୬.୮ ପ୍ରତିଶତ ଅଭିବୃଦ୍ଧିର ଆକଳନ କରିଛି। ଏସିଆନ ଡେଭଲପମେଣ୍ଟ ବ୍ୟାଙ୍କ (ଏଡିବି) ଏବଂ ଫିଚ ରେଟିଂ ମଧ୍ୟ ୭ ପ୍ରତିଶତ ଅଭିବୃଦ୍ଧି ହେବ ବୋଲି କହିଛନ୍ତି । ଭାରତର ଅର୍ଥନୀତି ୨୦୨୩ ରେ ୭.୬ ପ୍ରତିଶତ, ଜାନୁଆରୀ ପୂର୍ବାନୁମାନ ଠାରୁ ୦.୩ ପ୍ରତିଶତ ପଏଣ୍ଟ ଏବଂ ୨୦୨୪ ମସିହାରେ ୬.୮ ପ୍ରତିଶତ ବୃଦ୍ଧି ଘଟି ୦.୧ ପ୍ରତିଶତ ପଏଣ୍ଟ ବୃଦ୍ଧି ପାଇବ ବୋଲି ଆକଳନ କରାଯାଇଥିଲା।

# ଭାରତକୁ ଆସିବ ଅଧିକ ଏଫ୍‌ଡିଆଇ

**ନୂଆଦିଲ୍ଲୀ, ୧୮/୦୫**

ପାଶ୍ଚାତ୍ୟ ରାଷ୍ଟ୍ରର ସଂସ୍ଥାଗୁଡ଼ିକ ପୁଞ୍ଜିନିବେଶ ଲାଗି ଚୀନ୍ ଯିବାକୁ ଚାହୁନାହାନ୍ତି। ସେମାନେ ଭାରତକୁ ଏକ ବିକଳ୍ପ ନିବେଶ ସ୍ଥଳ ଭାବେ ବିବେଚନା କରୁଛନ୍ତି। ଏହାର ପ୍ରଭାବରେ ଭାରତକୁ ଅଧିକ ପ୍ରତ୍ୟକ୍ଷ ବୈଦେଶିକ ପୁଞ୍ଜିନିବେଶ (ଏଫ୍‌ଡିଆଇ) ଆସିବ ଓ ଚୀନ୍ ବହୁ ପରିମାଣର ଏଫ୍‌ଡିଆଇ ହରାଇବ ବୋଲି ଜାତିସଂଘର ଅର୍ଥନୈତିକ ଓ ସାମାଜିକ ବ୍ୟାପାର ବିଭାଗରେ ବିଶ୍ୱ ଅର୍ଥନୈତିକ ନିରୀକ୍ଷଣ ଶାଖାର ମୁଖ୍ୟ ହମିଦ୍ ରସିଦ୍ କହିଛନ୍ତି। ଭାରତର ଅର୍ଥନୈତିକ ଅଭିବୃଦ୍ଧି ଉପରେ ଜାତିସଂଘର ବିଶ୍ୱାସ ବୃଦ୍ଧି ପାଇଛି।



ସେଥିପାଇଁ ଏହା ନିଜର ପୂର୍ବ ଆକଳନକୁ ବଦଳାଇବା ସହ କହିଛି ଯେ ଭାରତର ଅଭିବୃଦ୍ଧି ୬.୨ ପ୍ରତିଶତ ନୁହେଁ ବରଂ ତା'ଠାରୁ ଅଧିକ ୬.୯ ପ୍ରତିଶତ ହେବ। ୨୦୨୫ରେ ଭାରତର ଅଭିବୃଦ୍ଧି ୬.୬ ପ୍ରତିଶତ ରହିବ ବୋଲି ସେ ଆକଳନ କରିଛନ୍ତି। ମୁଦ୍ରାସ୍ଫୀତିରେ ହୋଇଥିବା ହ୍ରାସ ଭାରତକୁ ଅନ୍ୟ ଦେଶଗୁଡ଼ିକ ତୁଳନାରେ ଭଲ ସ୍ଥିତିରେ ରଖିଛି। ଅଭିବୃଦ୍ଧିକୁ ଆଗକୁ ନେବା ଲାଗି ଭାରତ ପାଖରେ ଉଭୟ ଆର୍ଥିକ ଓ ବିତ୍ତୀୟ ପଦକ୍ଷେପ ଗ୍ରହଣ କରିବା ସୁଯୋଗ ରହିଛି ବୋଲି ସେ କହିଛନ୍ତି। ଆମଦାନି ଲାଗି ରୁଷ୍ ସହ ଭାରତ ଯେଉଁ ବ୍ୟବସ୍ଥା କରିଛି ତାହା ଦେଶର ଆମଦାନି ଖର୍ଚ୍ଚରେ ହ୍ରାସ ଆଣିବାରେ ସହାୟକ ହୋଇଛି। ଅଭିବୃଦ୍ଧି ଦୃଷ୍ଟିରୁ ଭାରତର ପ୍ରଦର୍ଶନ ବେଶ୍ ଉତ୍ସାହଜନକ ରହିଥିବା ସେ କହିଛନ୍ତି। ତେବେ ସେ ଏହା ମଧ୍ୟ ମନେ ପକାଇ ଦେଇଛନ୍ତି ଯେ ୨୦୨୪ର ପ୍ରଥମ ତିନି ମାସରେ ଭାରତ ଓ ବାଲାଂଦେଶରେ ଖାଦ୍ୟ ସାମଗ୍ରୀର ଦର ଅଧିକ ରହିଥିଲା।

## କୃଷ୍ଣପ୍ରସାଦରେ ବିରୋଧୀଙ୍କୁ ଟାର୍ଗେଟ କଲେ କାର୍ତ୍ତିକ ପାଣ୍ଡିଆନ

# ଚିଲିକା ଉପରେ କେବଳ ନବୀନ ହିଁ କରିପାରିବେ ସେତୁ ନିର୍ମାଣ

**ଭୁବନେଶ୍ୱର, ୧୮/୦୫ ନ୍ୟୁଜ ବ୍ୟୁରୋ**

କୃଷ୍ଣପ୍ରସାଦରେ କାର୍ତ୍ତିକ ପାଣ୍ଡିଆନଙ୍କ ଜୋରଦାର ପ୍ରଚାର। ମାଲୁଦ ମେଳଣ ପଡ଼ିଆରେ ଆୟୋଜିତ ନିର୍ବାଚନୀ ସଭାରେ ପାଣ୍ଡିଆନ ଯୋଗଦେଇ ଦଳୀୟ ପ୍ରାର୍ଥୀମାନଙ୍କ ପାଇଁ ଭୋଟ ମାଗିଥିଲେ। ପାଣ୍ଡିଆନ ଜୟ ଜଗନ୍ନାଥ, ଜୟ ବାବା ଅଲାରନାଥ କହି ନିଜର ଉଦ୍‌ବୋଧନ ଆରମ୍ଭ କରିଥିଲେ। ପାଣ୍ଡିଆନ କହିଥିଲେ, ୨୦୧୪ରେ ନିତିନ ଗଡ଼କରୀ ଓଡ଼ିଶା ଆସି ଚିଲିକା ଉପରେ ସେତୁ କରିବେ ବୋଲି କହିଥିଲେ। ହେଲେ ଏଯାଏ କରିପାରିଲେ ନାହିଁ। ଏବେ ପୁଣି କହୁଛନ୍ତି ସେତୁ କରିବେ। ଗଡ଼କରି କେବଳ ମିଛ ପ୍ରତିଶ୍ରୁତି ଦେଉଛନ୍ତି। ବ୍ରହ୍ମଗିରିବାସୀଙ୍କୁ ଭୁଆଁ ବୁଲାଉଛନ୍ତି ବିଜେପି ନେତା । ଚିଲିକା ଉପରେ କେବଳ ନବୀନ ହିଁ ସେତୁ ନିର୍ମାଣ କରିପାରିବେ । ନବୀନ ପଟ୍ଟନାୟକ ମହାନଦୀ, ବୈତରଣୀ ନଦୀ ସମେତ ଗୁରୁପ୍ରିୟା ନଦୀରେ ସେତୁ ତିଆରି କରିଆସିଛନ୍ତି। ସେ ଆହୁରି କହିଥିଲେ ବ୍ରହ୍ମଗିରିରେ ଡବଲ ଇଞ୍ଜିନ ରହିଛି। ବିଜେପିର ବିଧାୟକ ଅଛନ୍ତି, ତା'ହେଲେ କାହିଁକି ଏଯାଏ ସେତୁ ହୋଇପାରିଲା ନାହିଁ ? ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆସନ୍ତା ୩ ବର୍ଷ ଭିତରେ ସେତୁ ତିଆରି କରିବେ। ପରିବେଶ ମନ୍ତ୍ରଣାଳୟ ଅନୁମତି ଦେଲେ ଏଠାରେ ସେତୁ ହେବ ବୋଲି ପାଣ୍ଡିଆନ କହିଥିଲେ। ଯାହା ଅର୍ଥ ଖର୍ଚ୍ଚ ହେବ ତାହା ଦେବେ। ତେଣୁ ଏହି ନିର୍ବାଚନରେ ବିଜେଡିକୁ ବିପୁଳ ଭୋଟ ଦେଇ ବିଜୟୀ କରିବାକୁ ଅନୁରୋଧ କରିଥିଲେ। ଆସନ୍ତା ଜୁନ ୯ ତାରିଖରେ ନବୀନ ପଟ୍ଟନାୟକ ମୁଖ୍ୟମନ୍ତ୍ରୀ ଭାବେ ପୁଣି ଥରେ ଶପଥ ନେବେ। ଶପଥ ନେବା ପରେ ପ୍ରଥମେ ସେ ବିଜୁଳି ବିଲ୍ ଛାଡ଼ ଘୋଷଣା ଉପରେ ଦସ୍ତଖତ କରିବେ। ୨ୟରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା (ବିଏସକେଓ୍ୱାଇ)ରେ ସମସ୍ତଙ୍କୁ ଅନ୍ତର୍ଭୁକ୍ତ କରିବା ଘୋଷଣା ଏବଂ ୩ୟରେ ମିଶନଶକ୍ତି ମା'ମାନଙ୍କୁ ପେନସନ ପ୍ରଦାନ ନେଇ କରିଥିବା ଘୋଷଣା ଉପରେ ଦସ୍ତଖତ କରିବେ ବୋଲି ପାଣ୍ଡିଆନ କହିଥିଲେ। ତେଣୁ ବିଜେଡି ପ୍ରାର୍ଥୀଙ୍କ ସପକ୍ଷରେ ଭୋଟ ଦେବାକୁ ଅପିଲ କରିଥିଲେ ପାଣ୍ଡିଆନ ।






## ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !

ସାପ୍ତାହିକ ସମ୍ବାଦ ପତ୍ରିକା 'ଉତ୍କଳ ଦୀପିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ।

ସମ୍ପର୍କ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା-ଖୋର୍ଦ୍ଧା, ଓଡ଼ିଶା
ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com

# ନିର୍ବାଚନୀ ହିଂସା ରୋକିବାକୁ ଏସ୍‌ପିଙ୍କ ସହ ଡିଜିପିଙ୍କ ଆଲୋଚନା

**ଭୁବନେଶ୍ୱର, ୧୮/୦୫ ନ୍ୟୁଜ ବ୍ୟୁରୋ**

ଖଲ୍ଲିକୋଟରେ ନିର୍ବାଚନୀ ହିଂସା ପରେ ତତ୍ପର ହୋଇଛି ପୋଲିସ। ଦ୍ୱିତୀୟ, ତୃତୀୟ ଓ ଚତୁର୍ଥ ପର୍ଯ୍ୟାୟ ନିର୍ବାଚନକୁ ଶାନ୍ତି ଶୃଙ୍ଖଳାର ସହ ପରିଚାଳନା କରିବା ପାଇଁ ଭିଡିଓ କନଫରେନସ ଜରିଆରେ ଡିଜିପି ଅରୁଣା କୁମାର ଷଡଙ୍ଗୀଙ୍କ ବୈଠକ ହୋଇଯାଇଛି। ସମସ୍ତ ଜିଲ୍ଲା ଏସ୍‌ପିଙ୍କ ସହ ଆଇନଶୃଙ୍ଖଳା ନେଇ ଡିଜିପି ଆଲୋଚନା କରିଛନ୍ତି। ପ୍ରତିକ୍ରିୟାରେ ଡିଜିପି କହିଛନ୍ତି, "ସମସ୍ତ ଏସପି ମାନଙ୍କ ସହ ଭିଡିଓ କନଫରେନ୍ସରେ ବୈଠକ କରଯାଇଛି । ସମସ୍ତ ଜିଲ୍ଲାର ଆଇନ ଶୃଙ୍ଖଳା ନେଇ ଆଉ ଥରେ ରିଭ୍ୟୁ କରାଯାଇଛି । ହିଂସାତ୍ମକ ଘଟଣା ଉପରେ ଜିରୋ ଟଲେରାନ୍ସ ପଲିସି ନୀତିକୁ ଗୁରୁତ୍ୱ ଦିଆଯାଇଛି । କାରଣ ହିଂସାକୁ ବରଦାସ୍ତ କରାଯିବ ନାହିଁ । ଯେକୌଣସି ଘଟଣା ଘଟୁଥିଲେ ତତକ୍ଷଣାତ୍ ତୁରନ୍ତ କେସ କରି ଆସାମୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବୁ । ସେ ନେଇ ଏସ୍‌ପିମାନଙ୍କ ସହ ଆଲୋଚନା କରାଯାଇ ଅବାଧ, ମୁକ୍ତ ଓ ନିରପେକ୍ଷ ନିର୍ବାଚନ ପାଇଁ ସମସ୍ତ ପ୍ରକାର ପ୍ରଚେଷ୍ଟା କରିବା ପାଇଁ କୁହାଯାଇଛି । ବର୍ତ୍ତମାନ ସମୟରେ ଯେଉଁ ପୋଲିସମାନେ ନିର୍ବାଚନୀ ଡ୍ୟୁଟିରେ ଅଛନ୍ତି ସେମାନେ ଅହୋରାତ୍ର ଡ୍ୟୁଟି କରୁଛନ୍ତି । ସେ ନେଇ ସେ ନିଜର କୃତଜ୍ଞତା ଜ୍ଞାପନ କରିଛନ୍ତି ଓ ସାଧୁବାଦ ଜଣାଇଛନ୍ତି ସେମାନଙ୍କର ତ୍ୟାଗ ସମାଜ ପାଇଁ ।'' ଗଞ୍ଜାମ ଖଲ୍ଲିକୋଟରେ ହୋଇଥିବା ଘଟଣା ନେଇ ଡିଜିପି କହିଛନ୍ତି, "ଗତ ୧୫ତାରିଖ ରାତିରେ ଯେଉଁ ଘଟଣା ଘଟିଥିଲା ସେନେଇ ୯ ଜଣ ଆସାମୀଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି । ଖଲ୍ଲିକୋଟ ନିର୍ବାଚନୀ ହିଂସା ସମୟରେ ବିଜେପି କର୍ମୀଙ୍କୁ ହତ୍ୟା ଘଟଣାରେ ଆଉ ଯେଉଁମାନେ ଅଭିଯୁକ୍ତ ରହିଛନ୍ତି ସେମାନଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ। ୯ଗିରଫ ଅଭିଯୁକ୍ତ କୋର୍ଟ ଫରଓ୍ୱାର୍ଡ ସମୟରେ ଗାଁ ଲୋକେ ବିରୋଧ କରିଥିଲେ। ସେଠାରେ ୧୪୪ ଧାରା ଜାରି ରହିଛି । ଘଟଣାକୁ ଗୁରୁତର ସହ ନେଇଛୁ । ଆଉ କୌଣସି ହିଂସାକାଣ୍ଡ ଯଦି ହୁଏ ଦୃଢ଼ ହସ୍ତରେ ଦମନ ପାଇଁ ସବୁ ଜିଲ୍ଲା ଥାନାକୁ ନିର୍ଦ୍ଦେଶ ରହିଛି । ଖଲ୍ଲିକୋଟ ଘଟଣାରେ ଏସ ଆଇଟି ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି । ଏକ ଟିମ୍ ଗଠନ କରି ଘଟଣାର ତଦନ୍ତ କରି ଅନ୍ୟ ଅଭିଯୁକ୍ତଙ୍କୁ ଗିରଫ କରିବେ। ଏପରିକି ସାଇଣ୍ଟିଫିକ ଡିଜିଟାଲ ଇନଭେଷ୍ଟିଗେସନ କରି ସମସ୍ତ ତଥ୍ୟ ପ୍ରମାଣ ଯୋଗାଡ଼ କରିବେ। ୩୦ଦିନି ଭିତରେ ଚାର୍ଜସିଟ୍ କରିବା ସହ ଯେପରି ଶୀଘ୍ର ଟ୍ରାୟଲ ଆରମ୍ଭ ହୋଇ ଶୀଘ୍ର ସରିବ ସେ ନେଇ ରେଞ୍ଜ ଆଇଜି ଓ ଡିଆଇଜିଙ୍କୁ କୁହାଯାଇଛି। ଗଞ୍ଜାମରେ ଯେହେତୁ ୨୦ରେ ନିର୍ବାଚନ ଅଛି ସେନେଇ ଛତ୍ରପୁରରେ ଏଡିଜି ହେଡକ୍ୱାର୍ଟର ଆଇପିଏସ ଆର କେ ଶର୍ମାଙ୍କୁ କ୍ୟାମ୍ପ କରିବାକୁ କୁହାଯାଇଛି । ସେ ଗଞ୍ଜାମ ଉପରେ ନଜର ରଖିବେ। ମୋବାଇଲ ପାଟ୍ରୋଲିଂ ମୁତୟନ କରାଯିବ। ଫ୍ଲାଗ ମାର୍ଚ୍ଚ ଚାଲିଛି, ମୋବାଇଲ ପାଟ୍ରୋଲିଂ ୟୁନିଟକୁ ଅଧିକ ନଜର ରଖିବାକୁ କୁହାଯାଇଛି ।''



# ନବ ଦାସଙ୍କ ପୁଅଙ୍କ ପିଏଙ୍କ ଘରେ ପଶିଲା ଆଇଟି ଟିମ୍

**ଝାରସୁଗୁଡା, ୧୮/୦୫ ନ୍ୟୁଜ ବ୍ୟୁରୋ**

ଦିବଙ୍ଗତ ମନ୍ତ୍ରୀ ନବ ଦାସଙ୍କ ପୁଅ ତଥା ଝାରସୁଗୁଡ଼ା ବିଧାୟିକା ପ୍ରାର୍ଥୀ ଦୀପାଳି ଦାସଙ୍କ ଭାଇ ବିଶାଳ ଦାସଙ୍କ ପିଏ ଆଶିଷ ଦାସଙ୍କ ଘରେ ଆୟକର ବିଭାଗ ପକ୍ଷରୁ ଚଢ଼ଉ କରାଯାଇଛି। ଶୁକ୍ରବାର ପରି ଶନିବାର ମଧ୍ୟ ଆଶିଷଙ୍କ କୋଲାବିରା ଘରେ ଏହି ରେଡ୍ କରାଯାଇଛି। ଆୟକର ବିଭାଗର ୨ଟିମ୍ ଆଶିଷଙ୍କ ଘରେ ଥିବା ସୂଚନା ରହିଛି। ଶୁକ୍ରବାର ରାତିରେ ଆୟକର ବିଭାଗ ବିଶାଳ ଦାସଙ୍କୁ ଝାରସୁଗୁଡ଼ାର ଏକ ଘରୋଇ ହୋଟେଲକୁ ଡାକି ୪ ଘଣ୍ଟା ଧରି ଜେରା କରିଥିଲେ। ଏହାସହ ବିଶାଳଙ୍କ ପର୍ସନାଲ ଆସିଷ୍ଟାଣ୍ଟ ଆଶିଷଙ୍କ କୋଲାବିରା ଘରେ ମଧ୍ୟ ରେଡ୍ କରାଯାଇଥିଲା। ଶନିବାର ପୁଣି ଥରେ ଆୟକର ଆଶିଷଙ୍କ ଘରେ ରେଡ୍ କରିଛି। ତେବେ କେଉଁଥି ପାଇଁ ଆୟକର ବିଭାଗ ବିଶାଳଙ୍କୁ ଜେରା କରିଥିଲା ଓ ତାଙ୍କ ପିଏଙ୍କ ଘରେ କାହିଁକି ଘନ ଘନ ଚଢ଼ଉ କରୁଛି ତାହା ଜଣାପଡ଼ିନାହିଁ। ବିଶାଳ ଟିକସ ଫାଙ୍କିଛନ୍ତି ନାଁ ଅନ୍ୟ କିଛି କାରଣ ରହିଛି ତାହା ମଧ୍ୟ ଜଣାପଡ଼ିନାହିଁ। ଏନେଇ ବିଶାଳ ଦାସଙ୍କ କୌଣସି ପ୍ରତିକ୍ରିୟା ମିଳିପାରିନି। ଅନ୍ୟପକ୍ଷରେ ଆୟକର ବିଭାଗ ଶନିବାର ବିଶାଳଙ୍କ ପିଏଙ୍କ ଘରେ ପୁଣି ଚଢ଼ଉ କରିବା ପରେ ତାହା ଚର୍ଚ୍ଚାର ବିଷୟ ପାଲଟିଛି। ଶୁକ୍ରବାର ରାଉରକେଲା, ସୁନ୍ଦରଗଡ, ସମ୍ବଲପୁର ଓ ଭୁବନେଶ୍ୱରର ଆୟକର ଅଧିକାରୀ ବିଶାଳଙ୍କୁ ପଚରାଉଚରା କରିଥିଲେ। ଆୟକର ବିଭାଗର ୪ଟି ଟିମ୍‌ରେ ୧୫ ଅଧିକାରୀ ସାମିଲ ଥିଲେ।

# ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ : ବୁଥ୍ ଅଭିମୁଖେ ବାହାରିଲେ ପୋଲିଂ ଟିମ୍



**ରାଉରକେଲା, ୧୮/୦୫ ନ୍ୟୁଜ ବ୍ୟୁରୋ**

ଆସନ୍ତା ୨୦ ତାରିଖରେ ଓଡ଼ିଶାରେ ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ହେବ। ସୁନ୍ଦରଗଡ଼ ଜିଲ୍ଲାର ସାତ ବିଧାନସଭା ଓ ଗୋଟିଏ ଲୋକସଭା ପାଇଁ ମତଦାନ ହେବାକୁ ଯାଉଛି। ଶନିବାର ରାଉରକେଲା, ବୀରମିତ୍ରପୁର, ରଘୁନାଥପାଲି, ବଣାଇ, ରାଜଗାଙ୍ଗପୁର, ତଳସାରା ଓ ସୁନ୍ଦରଗଡ଼ ବିଧାନସଭା କ୍ଷେତ୍ରରେ ହେଉଥିବା ମତଦାନ କେନ୍ଦ୍ରକୁ ବାହାରିଛନ୍ତି ପୋଲିଂ ଟିମ୍। ମତଦାନ ପାଇଁ ଆବଶ୍ୟକ ସାମଗ୍ରୀ ଓ ଇଭିଏମ ଧରି ମତଦାନ କେନ୍ଦ୍ର ଅଭିମୁଖେ ବାହାରିଛନ୍ତି। ଏଣେ ଚଳିତ ନିର୍ବାଚନରେ ମତଦାନ ହାର ବୃଦ୍ଧି ପାଇଁ ଜିଲ୍ଲା ପ୍ରଶାସନର ଉଦ୍ୟମରେ ସାମିଲ ହୋଇଛନ୍ତି ଏନଆଇଟି ରାଉରକେଲାର ଛାତ୍ରଛାତ୍ରୀ ଏବଂ ଆରଏମସି ସଫେଇ କର୍ମଚାରୀମାନେ। ସେମାନେ ଆସନ୍ତା ୨୦ରେ ଅନୁଷ୍ଠିତ ହେଉଥିବା ନିର୍ବାଚନରେ ବହୁ ସଂଖ୍ୟାରେ ଯୋଗଦେଇ ଏହାକୁ ସଫଳ କରିବାକୁ ଜନସାଧାରଣଙ୍କୁ ନିବେଦନ କରିଛନ୍ତି।

# ଏନ୍‌କାଉଣ୍ଟରରେ ଜଣେ ନକ୍ସଲ ନିହତ

**ମାଲକାନଗିରି, ୧୮/୫ ନ୍ୟୁଜ ବ୍ୟୁରୋ**

ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ ପୁଲିସକୁ ମିଳିଛି ପୁଣି ସଫଳତା। ପୁଲିସ ଏନ୍‌କାଉଣ୍ଟରରେ ଜଣେ ନକ୍ସଲ ନିହତ ହୋଇଛି। ସୁକମା ଏସ୍‌ପି କିରଣ ଚୌହାନଙ୍କ ସୂଚନା ଅନୁଯାୟୀ ବିଶେଷ ସୂତ୍ରରୁ ଖବର ପାଇ ଜିଲ୍ଲା ପୁଲିସ ଓ ଡିଆରଜି ଯବାନ ଟେଟରାଇ ଟୋଲନଇ ଜଙ୍ଗଲରେ ଚଢ଼ଉ କରିଥିଲେ। ଶନିବାର ସକାଳୁ ନକ୍ସଲ ଏବଂ ପୁଲିସ ମଧ୍ୟରେ ଗୁଳିବିନିମୟ ହୋଇଥିଲା। ଏହି ଗୁଳିବିନିମୟରେ ଜଣେ ନକ୍ସଲ ମୃତ୍ୟୁବରଣ କରିଥିବା ଜଣାପଡ଼ିଛି। ପୁଲିସ ଘଟଣାସ୍ଥଳରେ ସର୍ଚ୍ଚ ଅପରେସନ ଜାରି ରଖିଛି। ନକ୍ସଲ ଛତ୍ରଭଙ୍ଗ ଦେଇଛନ୍ତି। ସର୍ଚ୍ଚ ଅପେରେସନ ପରେ ସବିଶେଷ ବିବରଣୀ ପ୍ରଦାନ କରାଯିବ ବୋଲି କୁହାଯାଇଛି।

# ନୀଳକଣ୍ଠ ମିଶ୍ର ହେଲେ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ

**ଭୁବନେଶ୍ୱର, ୧୮/୦୫ ନ୍ୟୁଜ ବ୍ୟୁରୋ**

ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଭାବରେ ନୀଳକଣ୍ଠ ମିଶ୍ର ଦାୟିତ୍ୱ ନେଇଛନ୍ତି । ବିଧିବଦ୍ଧ ଭାବେ ସେ ଶନିବାର ଦାୟିତ୍ୱ ନେଇଛନ୍ତି । ରାଜ୍ୟରେ ସ୍ୱାସ୍ଥ୍ୟ କ୍ଷେତ୍ରରେ ଅନେକ ସଫଳତା ହାସଲ କରିଛି ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ । ଜନସ୍ୱାସ୍ଥ୍ୟକୁ ଆଗକୁ ବଢାଇବା ସହ ଲୋକଙ୍କର ପ୍ରତିଟି ମୁହୂର୍ତ୍ତରେ ରୋଗ ପ୍ରତି ସତର୍କ ରହିବାକୁ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି । ତେବେ ଦାୟିତ୍ୱ ନେବା ପରେ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ନୀଳକଣ୍ଠ ମିଶ୍ର କହିଛନ୍ତି, 'ପୂର୍ବରୁ ସ୍ୱାସ୍ଥ୍ୟ କ୍ଷେତ୍ରରେ ଦୃଢ଼ ଭାବରେ ଅନେକ ରୋଗ ଉପରେ ମୁକାବିଲା କରାଯାଇଛି । ଭାରତ ସରକାରଙ୍କର ପାଖାପାଖି ୨୮ଟି କାର୍ଯ୍ୟକ୍ରମ ରହିଛି । ଯାହା ସମସ୍ତ କାର୍ଯ୍ୟକ୍ରମକୁ କିଭଳି ଭାବରେ ସୁରୁଖୁରୁରେ ମୁକାବିଲା କରାଯିବ ସେନେଇ ମଧ୍ୟ ଧ୍ୟାନ ଦିଆଯାଉଛି। ସବୁ କ୍ଷେତ୍ରରେ ରାଜ୍ୟ ଭଲ ପ୍ରଦର୍ଶନ କରିଛି । ତେବେ ଏହି ସମସ୍ତ କାର୍ଯ୍ୟକ୍ରମକୁ ଆଗେଇ ନେବା ସହ ଜନ ସାଧାରଣଙ୍କ ସ୍ୱାସ୍ଥ୍ୟ ଉପରେ ଗୁରୁତ୍ୱ ଦେବା । ଜନସାଧାରଣଙ୍କ ପକ୍ଷେ ରୋଗ ଯେଭଳି ଭାବରେ ନ ବ୍ୟାପେ ସେନେଇ ମଧ୍ୟ ନଜର ରଖାଯିବ । ଯାହା ଫଳରେ ପ୍ରତିଟି ମୁହୂର୍ତ୍ତରେ ସଫଳ ମୁକାବିଲା କରାଯାଇପାରିବ। 'ସେ ଆହୁରି ମଧ୍ୟ କହିଛନ୍ତି, 'ବର୍ତ୍ତମାନ ସମୟରେ ଖରା ବଢୁଛି, ଅଂଶୁଘାତ ଭଳି ଅନେକ ରୋଗ ମଧ୍ୟ ବଢିବାର ସମ୍ଭାବନା ରହିଛି । ଯାହାକୁ ମଧ୍ୟ ମୁକାବିଲା କରିବା ପାଇଁ ଯଥାସମ୍ଭବ କାର୍ଯ୍ୟକ୍ରମ ହାତକୁ ନେବୁ । ଏହା ସହ ଆଗକୁ ବର୍ଷା ଋତୁ ପୂର୍ବରୁ ଡେଙ୍ଗୁ ଓ ମାଲେରିଆ ଚିନ୍ତା ରହିଛି । ତାହାକୁ ମଧ୍ୟ ମୁକାବିଲା କରିବା ପାଇଁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଛି । ଲୋକମାନଙ୍କର ଉପଯୁକ୍ତ ଚିକିତ୍ସା ହେବ ସେନେଇ ମଧ୍ୟ ପଦକ୍ଷେପ ଗ୍ରହଣ କରାଯାଉଛି । ଏହା ସହ ଜନସ୍ୱାସ୍ଥ୍ୟ ଆଗେଇ ନେବା, ସଫଳ ମୁକାବିଲା କରିବା ପାଇଁ ପ୍ରୟାସ କରାଯିବ । ସୂଚନା ଅନୁଯାୟୀ, ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଭାବରେ ଶୁକ୍ରବାର ନିଯୁକ୍ତି ହୋଇଛନ୍ତି ନୀଳକଣ୍ଠ ମିଶ୍ର। ପୂର୍ବରୁ ସେ ସ୍ୱାସ୍ଥ୍ୟ ବିଭାଗର ରକ୍ତ ନିରାପତ୍ତା ବିଭାଗର ନିର୍ଦ୍ଦେଶକ ରହିଥିଲେ । ରାଜ୍ୟରେ ରକ୍ତ ସଙ୍କଟ ଦୂର କରିବା ପ୍ରତିଟି ହସ୍ପିଟାଲରେ ରକ୍ତର ଅଭାବକୁ ପୂର୍ଣ୍ଣ କରିବା ସମେତ ସିକଲ ସେଲ ରାଜ୍ୟରେ କିଭଳି ଭାବରେ ଅଧିକରୁ ଅଧିକ ଟେଷ୍ଟ କରାଯିବ ଏବଂ ରୋଗୀ ଚିହ୍ନଟ ହେବ ସେ ନେଇ ପଦକ୍ଷେପ ନିଆଯିବ।






## ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !

ସାପ୍ତାହିକ ସମ୍ବାଦ ପତ୍ରିକା 'ରବିବାସରୀୟ କଳିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ।

ସମ୍ପର୍କ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା, ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com

# ଏନ୍‌ଏଚ୍‌-୧୬କୁ ସାବଧାନ: ୧୧ ହଜାର ଦୁର୍ଘଟଣାରେ ଗଲାଣି ୫ ହଜାର ମୁଣ୍ଡ

**କଟକ, ୧୮/୦୫ ନ୍ୟୁଜ ବ୍ୟୁରୋ**

**ରାଜ୍ୟରେ ମୋଟ ୧୪୨ ବ୍ଲାକସ୍ପଟ୍**
**ଏନ୍‌ଏଚ୍‌-୧୬ରେ ସର୍ବାଧିକ ୬୯**

ଯାନବାହନ ଚାଳକଙ୍କ ପାଇଁ ଅଧିକ ବିପଦସଙ୍କୁଳ ହୋଇପଡ଼ିଛି ୧୬ ନମ୍ବର ଜାତୀୟ ରାଜପଥ। ରାଜ୍ୟ ଭିତରେ ବିଭିନ୍ନ ରାଜପଥରେ ମୋଟ ୧୪୨ଟି ବ୍ଲାକସ୍ପଟ୍ ଚିହ୍ନଟ ହୋଇଥିବା ବେଳେ ସେଥିରୁ ସର୍ବାଧିକ ୬୯ଟି ବ୍ଲାକସ୍ପଟ୍ ଚିହ୍ନଟ ହୋଇଛି ୧୬ ନମ୍ବର ଜାତୀୟ ରାଜପଥରେ। ଏଥିପାଇଁ ବର୍ଷକୁ ହାରାହାରି ୧୧ ହଜାର ଦୁର୍ଘଟଣା ଘଟୁଥିବା ବେଳେ ମୃତ୍ୟୁ ସଂଖ୍ୟା ହାରାହାରି ୫ ହଜାର ରହୁଛି। ଏହି ରାଜପଥ ଏକପ୍ରକାର ମରଣଜନ୍ତା ପାଲଟି ଯାଇଛି। ଓଡ଼ିଶା ପୁଲିସର ତଥ୍ୟ ଅନୁଯାୟୀ, ୨୦୨୨ରେ ୧୧ ହଜାର ୬୬୩ ଦୁର୍ଘଟଣା ଘଟିଥିଲା ବେଳେ ୫ ହଜାର ୪୬୭ ଜଣଙ୍କ ମୃତ୍ୟୁ ଘଟିଥିଲା। ୨୦୨୧ରେ ୧୦ ହଜାର ୯୮୩ ଦୁର୍ଘଟଣା ଓ ୫ ହଜାର ୮୧ ମୃତ୍ୟୁ ହୋଇଥିବା ବେଳେ ୨୦୨୦ ରେ ୯ ହଜାର ୮୧୭ଟି ଦୁର୍ଘଟଣା ଏବଂ ୪ ହଜାର ୭୩୮ ଜଣଙ୍କ ମୃତ୍ୟୁ ହୋଇଥିଲା। ୨୦୧୯ରେ ୧୧ ହଜାର ୬୪ଟି ଦୁର୍ଘଟଣା ହୋଇଥିବା ବେଳେ ୫ ହଜାର ୩୩୩ ଜଣଙ୍କ ମୃତ୍ୟୁ ହୋଇଛି। ୨୦୧୮ରେ ୧୧ ହଜାର ୨୬୨ ଦୁର୍ଘଟଣା ଓ ୫ ହଜାର ୩୧୫ ମୃତ୍ୟୁ, ୨୦୧୭ରେ ୧୦ ହଜାର ୮୫୫ ଦୁର୍ଘଟଣା ଓ ୪ ହଜାର ୭୯୦ ମୃତ୍ୟୁ, ୨୦୧୬ରେ ୧୦ ହଜାର ୫୩୨ ଦୁର୍ଘଟଣା ଓ ୪ ହଜାର ୪୬୩ ଜଣଙ୍କ ମୃତ୍ୟୁ ହୋଇଥିଲା। ଏହି ତଥ୍ୟକୁ ଯଦି ଲକ୍ଷ୍ୟ କରାଯାଏ, ତେବେ କ୍ରମାଗତ ଭାବେ ପ୍ରତ୍ୟେକ ବର୍ଷ ଦୁର୍ଘଟଣା ଓ ଦୁର୍ଘଟଣା ଜନିତ ମୃତ୍ୟୁ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ଜାତୀୟ ରାଜପଥ ପ୍ରାଧିକରଣ ପକ୍ଷରୁ ଓଡ଼ିଶାରେ ଦୁର୍ଘଟଣା ପ୍ରବଣ ଅଞ୍ଚଳଗୁଡ଼ିକୁ ବ୍ଲାକସ୍ପଟ୍ ଭାବେ ଚିହ୍ନଟ କରାଯାଇଛି। କଟକ କମିଶନରେଟ୍ ପୁଲିସରେ ୧୧ଟି, କଟକ ଗ୍ରାମାଞ୍ଚଳ ଜିଲ୍ଲା ପୁଲିସରେ ୯ଟି, ଭୁବନେଶ୍ୱର କମିଶନରେଟ୍ ପୁଲିସରେ ୧୫, ଖୋର୍ଦ୍ଧାରେ ୫ଟି, ଢେଙ୍କାନାଳରେ ୨ଟି, ଅନୁଗୁଳରେ ୯ଟି, ଯାଜପୁରରେ ୧୩, ମୟୁରଭଞ୍ଜରେ ୧୨ଟି, ଭଦ୍ରକରେ ୫ଟି, ବାଲେଶ୍ୱରରେ ୧୦ଟି, ଗଞ୍ଜାମରେ ୫ଟି, ବ୍ରହ୍ମପୁରରେ ୪ଟି, ପୁରୀରେ ୧୨ଟି, କେନ୍ଦ୍ରାପଡ଼ାରେ ୫ଟି, ଜଗତସିଂହପୁରରେ ୨ଟି, କେନ୍ଦୁଝରରେ ୫ଟି, ରାଉରକେଲାରେ ୮ଟି, ବରଗଡ଼ରେ ଗୋଟିଏ, ଝାରସୁଗୁଡ଼ାରେ ୩ଟି, ସମ୍ବଲପୁରରରେ ୬ଟି ବ୍ଲାକସ୍ପଟ୍ ଚିହ୍ନଟ ହୋଇଛି। ୧୬ ନମ୍ବର ଜାତୀୟ ରାଜପଥରେ ସର୍ବାଧିକ ୬୯ଟି ବ୍ଲାକସ୍ପଷ୍ଟ ଚିହ୍ନଟ ହୋଇଥିବା ବେଳେ ଏହା ପରକୁ ୫୫ ନମ୍ବର ଜାତୀୟ ରାଜପଥରେ ୧୫ଟି, ୩୧୬ ଜାତୀୟ ରାଜପଥରେ ୧୨ଟି ଓ ୫୩ ନମ୍ବର ଜାତୀୟ ରାଜପଥରେ ୧୧ଟି ବ୍ଲାକସ୍ପଟ୍ ଚିହ୍ନଟ ହୋଇଛି। ସଡ଼କ ସୁରକ୍ଷା ବିଶେଷଜ୍ଞ ଡକ୍ଟର ବିକାଶ ମହାପାତ୍ର କହିଛନ୍ତି ଯେ ବ୍ଲାକସ୍ପଟକୁ ହ୍ୱାଇଟ୍ ସ୍ପଟରେ ପରିବର୍ତ୍ତନ କରିବାକୁ ପଦକ୍ଷେପ ନିଆଯିବା ଉଚିତ। ବ୍ଲାକସ୍ପଟ ଚିହ୍ନଟ କରାଯାଉଥିଲେ ବି ଚିହ୍ନଟ ଅଞ୍ଚଳରେ ଥିବା ଯାନ୍ତ୍ରିକ ତ୍ରୁଟି ସୁଧାର ଦିଗରେ ସେଭଳି ପଦକ୍ଷେପ ଗ୍ରହଣ ହେଉନାହିଁ। ରୋଡ ଡିଜାଇନ ସମୟରେ ତ୍ରୁଟି ରହୁଥିବାରୁ ଏଭଳି ଦୁର୍ଘଟଣା ପ୍ରବଣ ଅଞ୍ଚଳଗୁଡ଼ିକ ସୃଷ୍ଟି ହେଉଛି। ରାସ୍ତାର ମାଲିକ ହେଉଛନ୍ତି ଜାତୀୟ ରାଜପଥ ପ୍ରାଧିକରଣ ସମେତ ରାଜ୍ୟରେ ପିଡବ୍ଲୁଡି, ମ୍ୟୁନିସିପାଲିଟି ଇତ୍ୟାଦି। ଏମାନେ ରାସ୍ତା ନିର୍ମାଣ କରିଥାନ୍ତି। ରାସ୍ତାର ତ୍ରୁଟି ପାଇଁ ବି ସେମାନେ ଦାୟୀ। ଦୁର୍ଘଟଣା ପଛର ଅନ୍ୟତମ କାରଣ ହେଉଛି ଦ୍ରୁତିଗତି ସହିତ ହେଲମେଟ୍ ବ୍ୟବହାର ନକରିବା, କଟକ ଓ ଭୁବନେଶ୍ୱରକୁ ବାଦ୍ ଦେଲେ ରାଜ୍ୟର ଅନ୍ୟ ଜିଲ୍ଲାଗୁଡ଼ିକରେ ହେଲମେଟ୍ ପିନ୍ଧିବା ନେଇ ସେ ପ୍ରକାର ସଚେତନତା ସୃଷ୍ଟି ହୋଇପାରି ନଥିବା ଡକ୍ଟର ମହାପାତ୍ର କହିଛନ୍ତି।

